ବର୍ଷ-୨୪, ସଂଖ୍ୟା-୨୩୭
ଭୁବନେଶ୍ୱର
୨୭ ସେପ୍ଟେମ୍ବର, ୨୦୨୪ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 237
Bhubaneswar
27 September, 2024, Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ଜିତିଆ ପର୍ବରେ ଅଘଟଣ

# ଜଳାଶୟରେ ବୁଡ଼ି ୪୬ ମୃତ



**ପାଟନା,୨୬।୯:** ଜିତିଆ ପର୍ବ ପାଳନର ଖୁସି ଦୁଃଖରେ ପରିଣତ ହୋଇଯାଇଛି। ବିହାରରେ ଜିତିଆ ପର୍ବ ପାଳନ ସମୟରେ ବିଭିନ୍ନ ସ୍ଥାନରେ ପୋଖରୀ ଓ ନଦୀରେ ଗାଧୋଇବା ବେଳେ ୫୦ ଜଣ ବୁଡ଼ିଯାଇଥିବାବେଳେ ୪୬ ଜଣଙ୍କ ମୃତ୍ୟୁ ଘଟିଲାଣି। ଏମାନଙ୍କ ମଧ୍ୟରେ ୩୭ ଜଣ ଶିଶୁ ଓ ୭ ଜଣ ସ୍ତ୍ରୀ ଲୋକଙ୍କର ମୃତ୍ୟୁ ଘଟିଛି।

ରାଜ୍ୟର ୧୪ଟି ଜିଲ୍ଲାରେ ୪୬ ଜଣଙ୍କ ଜୀବନ ଯାଇ ଥିବାବେଳେ ମୃତକଙ୍କ ମଧ୍ୟରେ ସର୍ବାଧିକ ଔରଙ୍ଗାବାଦ ଜିଲ୍ଲାର ୧୦ ଜଣ ଅଛନ୍ତି। ସେହିପରି ଛପରାରେ ୫ ଜଣ, ରୋହତାସରେ ୪, କୈମୁରରେ, ସିୱାନରେ, ମୋତିହାରୀରେ ୩ ଲେଖାଏ, ବେତିଆରେ, ବେଗୁସରାୟରେ ୨ ଜଣ ଲେଖାଏଁ, ଗୋପାଳଗଞ୍ଜ, ଭୋଜପୁର, ନାଳନ୍ଦା, ଦରଭଙ୍ଗା, ମଧୁବନୀ, ସମସ୍ତିପୁର ଏବଂ ଅରୱାଲରେ ଜଣେ ଲେଖାଏଁ ଲୋକଙ୍କ ମୃତ୍ୟୁ ଘଟିଛି।

ଅନ୍ୟପଟେ ଅନ୍ୟ କେତେକ ଲୋକ ମଧ୍ୟ ଗାଧୋଇବା ବେଳେ ପାଣିରେ ବୁଡି ନିଖୋଜ ଅଛନ୍ତି। ଉଦ୍ଧାରକାରୀ ଟିମ୍ ସେମାନଙ୍କୁ ଖୋଜାଖୋଜି କରୁଛି। ଏଭଳି ପରିସ୍ଥିତିରେ ମୃତ୍ୟୁସଂଖ୍ୟା ଆହୁରି ବଢିବା ନେଇ ଆଶଙ୍କା କରାଯାଉଛି।

ସେପଟେ ପାର୍ବଣର ମାହୋଲ ସମୟରେ ଏପରି ଦୁଃଖଦ ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ପ୍ରତ୍ୟକ ପରିବାରକୁ ୪ ଲକ୍ଷ ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି।ଔରଙ୍ଗାବାଦରେ ଜିତିଆ ସ୍ନାନ ସମୟରେ ପୋଖରୀରେ ଗାଧୋଇବାବେଳେ ବୁଡିଯିବା କାରଣରୁ ଆଠ ଜଣ ଶିଶୁଙ୍କର ମୃତ୍ୟୁ ହୋଇଥିବାବେଳେ ଜଣେ ଶିଶୁକୁ ଗ୍ରାମବାସୀ ଉଦ୍ଧାର କରିଥିଲେ। ଏହି ଘଟଣା ପରେ ଔରଙ୍ଗାବାଦର ବାରୁଣ ଏବଂ ମଦନପୁରରେ ଶୋକର ଲହରୀ ଖେଳିଯାଇଛି। ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ସ୍ଥାନୀୟ ପ୍ରଶାସନ ଏବଂ ଗ୍ରାମବାସୀଙ୍କ ସହାୟତାରେ ମୃତଦେହକୁ ଡାକ୍ତରଖାନାକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଥିଲା ମିଳିଥିବା ସୂଚନା ଅନୁଯାୟୀ, ବାରୁଣ ବ୍ଲକର ଇଥାଟ ଗ୍ରାମରେ ଜିତିଆ ପର୍ବ ଅବସରରେ ପାଞ୍ଚ ଜଣ ପିଲା ପୋଖରୀରେ ଗାଧୋଇବାକୁ ଯାଇଥିଲେ ଏବଂ ଗାଧୋଇବା ସମୟରେ ସମସ୍ତେ ଜଣକ ପରେ ଜଣେ ପୋଖରୀ ଭିତରେ ବୁଡିଯାଇଥିଲେ। ମୃତ ଶିଶୁମାନେ ହେଉଛନ୍ତି ସ୍ଥାନୀୟ ଗ୍ରାମର ଗୌତମ ସିଂଙ୍କ ୯ ବର୍ଷର ଝିଅ ଓ ୧୧ ବର୍ଷର ଝିଅ ଗୁଡ୍ଡୁ ସିଂଙ୍କ ୧୨ ବର୍ଷର ଝିଅ, ମନୋଜ ସିଂଙ୍କ ୧୦ ବର୍ଷର ଝିଅ, ଧୀରଜ ସିଂଙ୍କ ୧୬ ବର୍ଷର ଝିଅ ବୋଲି ଜଣାପଡିଛି। ଅନ୍ୟପଟେ ମଦନପୁରରେ ମଧ୍ୟ ଏଭଳି ଘଟଣା ଘଟିଛି ଏଠାରେ ଉପେନ୍ଦ୍ର ଯାଦବଙ୍କ ୧୦ ବର୍ଷର ପୁଅ, ବୀରେନ୍ଦ୍ର ଯାଦବଙ୍କ ୧୨ ବର୍ଷର ଝିଅ, ଯୁଗଳ କିଶୋରଙ୍କ ୧୩ ବର୍ଷର ଝିଅ, ସରୋଜ କୁମାର ଯାଦବଙ୍କ ୧୨ ବର୍ଷର ଝିଅଙ୍କର ମୃତ୍ୟୁ ହୋଇଯାଇଛି। ଜିତିଆ ପର୍ବକୁ ଜୀବିତ ପୁତ୍ରିକା ମଧ୍ୟ କୁହାଯାଏ। ପୁଅଙ୍କ ଶୁଭ ମନାସୀ ମାଆମାନେ ଏହି କଠୋର ନିର୍ଜଳା ବ୍ରତ ପାଳନ କରନ୍ତି। ଏହି ବ୍ରତରେ ବ୍ରତଧାରୀମାନେ ପୋଖରୀ କିମ୍ବା ନଦୀରେ ସ୍ନାନ କରିବା ପରେ ସେହି ସ୍ଥାନରେ ପୂଜାର୍ଚ୍ଚନା କରନ୍ତି। ଆଶ୍ୱିନ ମାସର କୃଷ୍ଣପକ୍ଷରେ ଜିତିଆ ପର୍ବ ପାଳନ କରାଯାଏ। ଏହା ବିଶେଷ କରି ନେପାଳର ମୁଖ୍ୟ ପର୍ବ ହୋଇ ଥିବାବେଳେ ଆମ ଦେଶରେ ଉତ୍ତର ପ୍ରଦେଶ, ବିହାର ଏବଂ ଝାଡ଼ଖଣ୍ଡରେ ପାଳନ କରାଯାଇଥାଏ।

## ସରୋଗେସୀ ମାତୃତ୍ୱ ପାଇଁ ନୂଆ ଛୁଟି ନିୟମ

**ଭୁବନେଶ୍ୱର,୨୬।୯(ମହାଭାରତ):** ଏଣିକି ଉଧାର ମାତୃ (ସରୋଗେସୀ) ଦ୍ୱାରା ମା ହେଉଥିବା ମହିଳା କର୍ମଚାରୀଙ୍କୁ ଏଣିକି ୧୮୦ ଦିନ ଓ ପୁରୁଷ କର୍ମଚାରୀଙ୍କୁ ୧୫ଦିନର ମାତୃତ୍ୱ ଓ ପିତୃ ଛୁଟି ମିଳିବ। ରାଜ୍ୟ ଅର୍ଥ ବିଭାଗ ଆଜି ଏସଂକ୍ରାନ୍ତ ପ୍ରସ୍ତାବକୁ ଅନୁମୋଦନ କରିବା ସହ ଆନୁଷ୍ଠାନିକ ବିଜ୍ଞପ୍ତି ଜାରି କରିଛି ୨୦୧୧ ମସିହାରୁ ରାଜ୍ୟ ସରକାର ନିଜର ମହିଳା କର୍ମଚାରୀଙ୍କୁ ୧୮୦ଦିନର ମାତୃତ୍ୱ ଛୁଟି ଓ ପୁରୁଷ କର୍ମଚାରୀଙ୍କୁ ୧୫ଦିନର ପିତୃତ୍ୱ ଛୁଟି ସୁବିଧା ମିଳୁଛି। ସରୋଗେସୀ ପାଇଁ ରାଜ୍ୟ ସରକାରଙ୍କ ଏହି ନୂଆ ଛୁଟି ନିୟମ ଆଜିଠୁ କାର୍ଯ୍ୟକାରୀ ହେବ।

ଅର୍ଥ ବିଭାଗର ବିଜ୍ଞପ୍ତି ଅନୁସାରେ, ଜଣେ ରାଜ୍ୟ ମହିଳା କର୍ମଚାରୀ ଯଦି ଦୁଇରୁ କମ୍ ଜୀବିତ ସନ୍ତାନ ଥାଇ ସରୋଗେଟ ମା ହୁଅନ୍ତି ତାହେଲେ ସେ ୧୮୦ଦିନ ମାତୃତ୍ୱ ଛୁଟି ପାଇବାକୁ ଯୋଗ୍ୟ ବିବେଚିତ ହେବେ। ତେବେ ସମ୍ପୃକ୍ତ ମହିଳା କର୍ମଚାରୀଙ୍କୁ ସରୋଗେସି ଅଧିନିୟମ-୨୦୨୧ର ଧାରା ୪(ଖ)ରେ ପ୍ରଦତ୍ତ ସର୍ତ୍ତଗୁଡ଼ିକ ପୂରଣ କରିବାକୁ ପଡ଼ିବା ଦରକାର। ସେହିପରି ଯେଉଁ ମହିଳା କର୍ମଚାରୀ ଦୁଇରୁ କମ୍ ଜୀବିତ ସନ୍ତାନ ଥାଇ କମିଶନିଂ ମଦର ହେଲେ ସେ ୧୮୦ଦିନର ମାତୃତ୍ୱ ଛୁଟି ପାଇବାକୁ ଯୋଗ୍ୟ ହେବେ। କମିଶନିଂ ମଦର ଅର୍ଥାତ ଜଣେ ଜୈବିକ ମାତା ଯିଏ ଅନ୍ୟଜଣେ ମହିଳାଙ୍କ ଗର୍ଭରେ ଭ୍ରୁଣ ପ୍ରତିରୋପଣ କରିବା ପାଇଁ ନିଜ ଡିମ୍ବାଣୁ ବ୍ୟବହାର କରନ୍ତି ବୋଲି ସରକାରଙ୍କ ପକ୍ଷରୁ ଜାରି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ସେହିପରି ଜଣେ ରାଜ୍ୟ ପୁରୁଷ କର୍ମଚାରୀ ଯଦି ୨ରୁ କମ୍ ଜୀବିତ ସନ୍ତାନ ଥାଇ କମିଶନିଂ ଫାଦର ହୁଅନ୍ତି ତାଙ୍କୁ ସନ୍ତାନ ଜନ୍ମ ତାରିଖରୁ ୬ମାସ ମଧ୍ୟରେ ୧୫ଦିନର ପିତୃତ୍ୱ ଛୁଟି ସୁବିଧା ମିଳିବ। କମିଶନିଂ ଫାଦର ଅର୍ଥାତ ସରୋଗେସୀ ମାଧ୍ୟମରେ ଜନ୍ମିତ ସନ୍ତାନର ଜୈବିକ ପିତା।ଏହାସହିତ ସରୋଗେଟ୍ ମଦର ଓ କମିଶନିଂ ମଦର ରାଜ୍ୟ ସରକାରୀ କର୍ମଚାରୀ ହୋଇଥିବେ ତାହେଲେ ଉଭୟଙ୍କୁ ୧୮୦ଦିନର ମାତୃତ୍ୱ ଛୁଟି ସୁବିଧା ମିଳିବ। ମାତୃତ୍ୱ ଓ ପିତୃତ୍ୱ ଛୁଟି ସୁବିଧା ଲାଭ କରିବା ପାଇଁ ସରୋଗେଟ୍ ମଦର ଓ କମିଶନିଂ ଅଭିଭାବକ ମଧ୍ୟରେ ସରୋଗେସୀ ଉପରେ ହୋଇଥିବା ରାଜିନାମା ଓ ପଞ୍ଜିକୃତ ଡାକ୍ତର ଓ ଡାକ୍ତରଖାନାରୁ ପ୍ରାପ୍ତ ଚିକିତ୍ସା ସଂକ୍ରାନ୍ତ ଦସ୍ତାବିଜ ଦେବାକୁ ପଡ଼ିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

## ୪୩ ବ୍ଲକର ବିଡ଼ିଓ ବଦଳି

**ଭୁବନେଶ୍ୱର, ୨୬।୯ (ମହାଭାରତ):** ରାଜ୍ୟର ମୋହନ ସରକାର ଆଜି ରାଜ୍ୟର ୪୩ଟି ବ୍ଲକରେ ବିଡ଼ିଓ ବଦଳି କରିଛନ୍ତି। ଏହି ପ୍ରକ୍ରିୟାରେ ମୋଟ ୫୯ଜଣ ଓଏଏସ୍ ଅଫିସରଙ୍କ ବଦଳି ହୋଇଛନ୍ତି। ୪୩ଟି ବ୍ଲକରେ ନୂଆ। ବିଡିଓଙ୍କୁ ନିଯୁକ୍ତି ମିଳିଥିବାବେଳେ ୩ଜଣ ବିଡିଓଙ୍କୁ ରାଜସ୍ୱ ବିଭାଗକୁ ଫେରାଇ ଅଣାଯାଇଛି। ଆଉ ୧୩ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ମଧ୍ୟ ବଦଳି କରି ନୂଆ। ସ୍ଥାନରେ ଅବସ୍ଥାପିତ କରାଯାଇଛି। ସେମାନଙ୍କ ମଧ୍ୟରୁ ୪ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ନିଯୁକ୍ତି ମିଳିଛି। ଏ ସଂକ୍ରାନ୍ତରେ ଆଜି ସାଧାରଣ ପ୍ରଶାସନ ବିଭାଗ ଓ ପଂଚାୟତିରାଜ ବିଭାଗ ପକ୍ଷରୁ ଭିନ୍ନ ଭିନ୍ନ ବଦଳି ନିର୍ଦ୍ଦେଶ ଜାରି ହୋଇଛି।

## ଦେଶକୁ ମିଳିଲା ୩ ସୁପର କମ୍ପ୍ୟୁଟର



**ନୂଆଦିଲ୍ଲୀ,୨୬।୯(ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୩ଟି ପରମ ରୁଦ୍ର ସୁପରକମ୍ପ୍ୟୁଟିଂ ସିଷ୍ଟମ ଏବଂ ପାଣିପାଗ ଓ ଜଳବାୟୁ ପାଇଁ ଏକ ହାଇ ପରଫର୍ମାନ୍ସ କମ୍ପ୍ୟୁଟିଂ ସିଷ୍ଟମର ଉଦଘାଟନ କରିଛନ୍ତି। ଏହି ଅବସରରେ ମୋଦୀ କହିଛନ୍ତି ଯେ ସୁପର କମ୍ପ୍ୟୁଟର ନିର୍ମାଣ କ୍ଷେତ୍ରରେ ଭାରତ ଏବେ ବିଶ୍ୱର ଏକ ଅଗ୍ରଣୀ ଦେଶ। ଦେଶରେ ୨୦୧୫ରେ ନ୍ୟାସନାଲ ସୁପର କମ୍ପ୍ୟୁଟିଂ ମିସନ ଆରମ୍ଭ ହୋଇଥିଲା। ଆମେ ଏଠାରେ ନ ଅଟକି, କ୍ୱାଣ୍ଟମ କମ୍ପ୍ୟୁଟି କ୍ଷେତ୍ରରେ ବି ଦେଶ କମ କରୁଛି। ଏ କ୍ଷେତ୍ରରେ ନ୍ୟାସନାଲ କ୍ୱାଣ୍ଟମ କମ୍ପ୍ୟୁଟିଂ ମିସନ ସହାୟକ ହେବ। ଟେକ୍‌ନଲୋଜୀ କ୍ଷେତ୍ରରେ ଦେଶର ବିକାଶ ଦେଶର ସାଧାରଣ ଲୋକଙ୍କ ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ସେ କହିଛନ୍ତି।

ଏହି ସୁପର କମ୍ପ୍ୟୁଟର ଅତ୍ୟନ୍ତ ଦ୍ରୁତ ଏବଂ ଶକ୍ତିଶାଳୀ କମ୍ପ୍ୟୁଟର ଅଟନ୍ତି। ସେଗୁଡ଼ିକ ଖୁବ୍ କମ୍ ସମୟ ମଧ୍ୟରେ ଜଟିଳ ଗଣନା ସମ୍ପୂର୍ଣ୍ଣ କରିଥାନ୍ତି। ଏକ ସୁପର କମ୍ପ୍ୟୁଟର ଏକାଥରକେ ଏତେ ପରିମାଣର ଡାଟା ପ୍ରୋସେସ୍ କରିପାରେ ଯେ ସାଧାରଣ କମ୍ପ୍ୟୁଟର କଳ୍ପନା ମଧ୍ୟ କରିପାରିବ ନାହିଁ।ଏହି ସୁପର କମ୍ପ୍ୟୁଟର ଅତ୍ୟନ୍ତ ଦ୍ରୁତ ଏବଂ ଶକ୍ତିଶାଳୀ କମ୍ପ୍ୟୁଟର ଅଟନ୍ତି। ସେଗୁଡ଼ିକ ଖୁବ୍ କମ୍ ସମୟ ମଧ୍ୟରେ ଜଟିଳ ଗଣନା ସମ୍ପୂର୍ଣ୍ଣ କରିଥାନ୍ତି। ଏକ ସୁପର କମ୍ପ୍ୟୁଟର ଏକାଥରକେ ଏତେ ପରିମାଣର ଡାଟା ପ୍ରୋସେସ୍ କରିପାରେ ଯେ ସାଧାରଣ କମ୍ପ୍ୟୁଟର କଳ୍ପନା ମଧ୍ୟ କରିପାରିବ ନାହିଁ।ବୈଜ୍ଞାନିକ ଏବଂ ଗବେଷଣା ଉଦ୍ଦେଶ୍ୟରେ ଏହି ସୁପର କମ୍ପ୍ୟୁଟର ବ୍ୟବହାର କରାଯାଏ। ଏହି ୩ଟି ସୁପର କମ୍ପ୍ୟୁଟରକୁ ପୁଣେ, ଦିଲ୍ଲୀ ଓ କୋଲକାତାରେ ଲଗାଯିବ। ଏହି କମ୍ପ୍ୟୁଟରଗୁଡ଼ିକରେ ଅତ୍ୟାଧୁନିକ ହାର୍ଡୱେର୍ ଏବଂ ସଫ୍ଟୱେର ଟେକ୍ନୋଲୋଜି ବ୍ୟବହାର କରାଯାଇଛି। ଏହାର ଅଧିକାଂଶ ଉପାଦାନ ଭାରତରେ ଉତ୍ପାଦନ ଓ ଆସେମ୍ବଲ୍ କରାଯାଇଛି। ଏକ ସୁପର କମ୍ପ୍ୟୁଟର ସେହି କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ କରିପାରିବ ଯାହା ନିୟମିତ କମ୍ପ୍ୟୁଟର ପାଇଁ ୫୦୦ ବର୍ଷ ସମୟ ନେବ।

## ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି

**ନୂଆଦିଲ୍ଲୀ,୨୬।୯:** ଶ୍ରମିକ ବିଶେଷକରି ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପାଇଁ ବଡ଼ ନିଷ୍ପତ୍ତି ନେଇଛନ୍ତି କେନ୍ଦ୍ର ସରକାର। ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କ୍ରମେ କେନ୍ଦ୍ର ସରକାର ସର୍ବନିମ୍ନ ମଜୁରୀ ହାରରେ ପରିବର୍ତ୍ତନଶୀଳ ମହଙ୍ଗା ଭତ୍ତା (ଭିଡିଏ) ସଂଶୋଧନ କରି ଘୋଷଣା କରିଛନ୍ତି। କେନ୍ଦ୍ରୀୟ କ୍ଷେତ୍ର ପ୍ରତିଷ୍ଠାନଗୁଡିକ ମଧ୍ୟରେ ନିର୍ମାଣ, ଲୋଡିଂ ଏବଂ ଅନଲୋଡିଂ, ସୁରକ୍ଷାରେ ନିୟୋଜିତ ଏବଂ ୱାର୍ଡ, ସୁଇପିଂ, ସଫା କରିବା, ଗୃହରକ୍ଷୀ, ଖଣି ଏବଂ କୃଷି ସମେତ ବିଭିନ୍ନ କ୍ଷେତ୍ରରେ ନିୟୋଜିତ ଶ୍ରମିକମାନେ ସଂଶୋଧିତ ବେତନ ହାରରେ ଉପକୃତ ହେବେ। ନୂତନ ମଜୁରୀ ହାର ଅକ୍ଟୋବର ୧, ୨୦୨୪ ରୁ କାର୍ଯ୍ୟକାରୀ ହେବ ଏପ୍ରିଲ୍ ୨୦୨୪ ରେ ଶେଷ ସଂଶୋଧନ କରାଯାଇଥିଲା।

ସଂଶୋଧନ ପରେ, ଅଣଶିକ୍ଷିତ କାର୍‌ଯ୍ୟ ପାଇଁ ନିର୍ମାଣ, ସ୍ୱିପ୍, ସଫା କରିବା, ଲୋଡିଂ ଏବଂ ଅନଲୋଡିଂରେ କାର୍‌ଯ୍ୟ କରୁଥିବା ଶ୍ରମିକମାନଙ୍କ ପାଇଁ ସର୍ବନିମ୍ନ ମଜୁରୀ ହାର ଦିନକୁ ୭୮୩ ଟଙ୍କା (ମାସକୁ ୨୦,୩୫୮ ଟଙ୍କା) ଦିନକୁ ୮୬୮ ଟଙ୍କା (ପ୍ରତିମାସକୁ ୨୨,୫୬୮ ଟଙ୍କା) ହେବ ସେହିଭଳି କୁଶଳୀ, କିରାଣୀ ଏବଂ ୱାଚ୍ ଏବଂ ୱାର୍ଡ ପାଇଁ ଦିନକୁ ୯୫୪ ଟଙ୍କା (ମାସକୁ ୨୪,୮୦୪ ଟଙ୍କା) ଏବଂ ଉଚ୍ଚ କୁଶଳୀ ତଥା ୱାଚ୍ ୱାର୍ଡ ପାଇଁ ଦିନକୁ ୧,୦୩୫ ଟଙ୍କା (ମାସକୁ ୨୬,୯୧୦ ଟଙ୍କା) ହେବ। ଶିଳ୍ପ ଶ୍ରମିକମାନଙ୍କ ପାଇଁ ଗ୍ରାହକ ମୂଲ୍ୟ ସୂଚକାଙ୍କରେ ୬ ମାସର ହାରାହାରି ଦରଦାମ୍ ବୃଦ୍ଧିକୁ ଆଧାର କରି କେନ୍ଦ୍ର ସରକାର ବର୍ଷକୁ ଦୁଇଥର ଭିଡିଏ ସଂଶୋଧନ କରନ୍ତି।

## ଅଣପୋଲିସ କାର୍ଯ୍ୟରେ ଜଡ଼ିତ ଫିଲ୍ଡ ଷ୍ଟାଫ୍ ଚେତାବନୀ

**ଭୁବନେଶ୍ୱର,୨୬।୯(ମହାଭାରତ):** ଓଡ଼ିଶା ପୁଲିସକୁ ବିବାଦ ପିଛା ଛାଡୁନାହିଁ। ଭରତପୁର ଥାନାରେ ନିର୍ଯାତନା, କଟକ ଓ ରାଉରକେଲାରୁ ଆସିଥିବା ସଂଗୀନ ଅଭିଯୋଗ ସାରା ଦେଶରେ ନିନ୍ଦା ଅପବାଦ ମିଳୁଥିବାବେଳେ ଏବେ ନିଜର ବେଆଇନ ଗତିବିଧି ଓ କାର୍ଯ୍ୟକଳାପ ପାଇଁ ବିବାଦଘେରକୁ ଆସିଛି। ରାଜ୍ୟର ବିଭିନ୍ନ ଶିଳ୍ପାଂଚଳରେ ଓଡ଼ିଶା ପୁଲିସର ମାଫିଆଗିରିର ଗୁମର ଖୋଲିଛନ୍ତି ଖୋଦ୍ ପୁଲିସ ଡିଜି। ଶିଳ୍ପ ଅଂଚଳରେ ଖଣି ମାଫିଆ ଓ ବ୍ୟବସାୟୀଙ୍କ ହାତ କଣ୍ଢେଇ ସାଜି ବିଭିନ୍ନ ପ୍ରକାରର ଅଣପୁଲିସ କାର୍ଯ୍ୟ (ଖଣିଜ ସାମଗ୍ରୀ ପରିବହନ)ରେ ଜଡ଼ିତ ଫିଲଡ୍ ଷ୍ଟାଫ (ପୁଲିସ ଅଫିସର ଓ କର୍ମଚାରୀ)ଙ୍କୁ ତୁରନ୍ତ ଏଥିରୁ ବିରତ ରହିବାକୁ ପୁଲିସ ମୁଖ୍ୟାଳୟରୁ ନିର୍ଦ୍ଦେଶ ଜାରି ହୋଇଛି। ଆଉ ଏଭଳି ଗତିବିଧିରେ ସମ୍ପୃକ୍ତ ଥିବା ଜଣାପଡ଼ିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତାଗିଦ୍ କରାଯାଇଛି।

ସବୁ ପୁଲିସ ଏସପି, ଡିଆଇଜି,ଆଇଜି ଓ ପୁଲିସ କମିଶନରଙ୍କୁ ଚିଠି ଲେଖି ରାଜ୍ୟ ପୁଲିସ ମୁଖ୍ୟାଳୟ(ଆଇନଶୃଙ୍ଖଳା ଅତିରିକ୍ତ ଡିଜି) ଅବଗତ କରାଇବା ପରେ ପୁଲିସକୁ ରାଜ୍ୟର ବିଭିନ୍ନ ଶିଳ୍ପାଂଚଳ ବିଶେଷକରି ଖଣି ଅଂଚଳରେ ମାଫିଆଗିରି କରିବା ପାଇଁ ତତକାଳୀନ ସରକାର ପରୋକ୍ଷରେ ସମ୍ମତି ଦେଇଥିବାର ଅଭିଯୋଗ ଏବେ ସତ ପ୍ରମାଣିତ ହେବାରେ ଲାଗିଛି।

ରାଜ୍ୟ ପୁଲିସ ମୁଖ୍ୟାଳୟ ପକ୍ଷରୁ ଗତ ୨୪ତାରିଖରେ ଏକ ଚିଠି ଲେଖାଯାଇଛି। ଯେଉଁଥିରେ ଆଇନଶୃଙ୍ଖଳା ଅତିରିକ୍ତ ଡିଜି ସ୍ପଷ୍ଟ ଭାବେ କହିଛନ୍ତି ଯେ, କିଛି ପୁଲିସ ଫିଲଡ୍ ଅଫିସର ଶିଳ୍ପାଂଚଳ ଓ ଖଣି ଅଂଚଳରେ ଅଣପୁଲିସ ଗତିବିଧି ବିଶେଷକରି ପରିବହନ କାର୍ଯ୍ୟରେ ସମ୍ପୃକ୍ତ ଥିବା ନେଇ ଜିଲ୍ଲା ଏସପି ମୁଖ୍ୟାଳୟମାନଙ୍କର ନଜରକୁ ଆସିଛି। ପୁଲିସ ଡିଜି ଏହି ଘଟଣାରେ ଗଭୀର ଉଦବେଗ ବ୍ୟକ୍ତ କରିବା ସହ ଏସବୁ କାର୍ଯ୍ୟ ପୁଲିସର ଦାୟିତ୍ୱ ବାହାରେ ବୋଲି କହିଛନ୍ତି। ଯଦି କୌଣସି ପୁଲିସ୍ ଅଫିସର ଏଭଳି କାର୍ଯ୍ୟରେ ସମ୍ପୃକ୍ତି ଜାରି ରୁହନ୍ତି ଅବା କାହାରି ସହ ପକ୍ଷପାତ କରିଥିବା ଜଣାପଡ଼େ ତାକୁ ଗୁରୁତର ଭାବେ ଗ୍ରହଣ କରାଯିବ। ତେଣୁ ସମସ୍ତ ଫିଲଡ୍ ଅଫିସରମାନଙ୍କୁ ଏହି ନିର୍ଦ୍ଦେଶକୁ ଗ୍ରହଣ କରିବା ସହ କଡ଼ାକଡ଼ି ଅନୁପାଳନ ପାଇଁ ନିର୍ଦ୍ଦେଶ ଦିଆଯାଉଛି ବୋଲି ଅତିରିକ୍ତ ପୁଲିସ ଡିଜି(ଆଇନଶୃଙ୍ଖଳା) କହିଛନ୍ତି।

ଖଣି ଓ ଶିଳ୍ପାଂଚଳରେ ପୁଲିସ ଅଫିସରମାନେ କିଛି ନିର୍ଦ୍ଦିଷ୍ଟ ଖଣି ମାଫିଆ। ଓ ବ୍ୟବସାୟୀଙ୍କ ହାତବାରିସି ସାଜି କାର୍ଯ୍ୟ କରିଥିବାର ପୁଳାପୁଳା ଅଭିଯୋଗ ରହିଆସିଛି। ବିଶେଷକରି ଏସବୁ ସ୍ଥାନରେ ଅତିରିକ୍ତ ଏସପି, ଡିଏସପି, ଇନ୍ସପେକ୍ଟର, ସବଇନ୍ସପେକ୍ଟର ଓ ଏଏସଆଇ ଆଦି ପଦବୀରେ ରହିବା ନିମନ୍ତେ ମଧ୍ୟ ପୁଲିସ ପ୍ରଶାସନରେ ବଡ଼ଧରଣର କିକବ୍ୟାକ୍ ହେଉଥିବା ବିଭିନ୍ନ ସମୟରେ ଚର୍ଚ୍ଚା ହୋଇଥାଏ। ଯୋଡ଼ା-ବଡ଼ବିଲ, କଳିଙ୍ଗନଗର, ପାରାଦୀପ, ଚୌଦ୍ୱାର, ବଣାଇ, ଝାରସୁଗୁଡ଼ା ସମେତ ମୟୂରଭଞ୍ଜ, ସମ୍ବଲପୁର,କଳାହାଣ୍ଡି, ରାୟଗଡ଼ା ଓ କୋରାପୁଟ ଆଦି ଜିଲ୍ଲାର ଖଣି ଓ ଶିଳ୍ପ ଅଂଚଳରେ କିଛି ନିର୍ଦ୍ଦିଷ୍ଟ ବରିଷ୍ଠ ପାହ୍ୟାର ପୁଲିସ ଅଫିସରମାନେ ଏସବୁ ବେଆଇନ ଗତିବିଧିରେ ଲିପ୍ତ ରହି କୋଟିକୋଟି ଟଙ୍କା ଆଦାୟ କରିଥାନ୍ତି ଏବଂ ସେମାନଙ୍କୁ ରାଜନୀତିକ ସଂରକ୍ଷଣ ମଧ୍ୟ ମିଳିଥାଏ ବୋଲି ଅଭିଯୋଗ ହୁଏ।

## ଜିଦ୍‌ରେ ଅଟଳ ନର୍ସିଂ କର୍ମଚାରୀ



**ଭୁବନେଶ୍ୱର,୨୬।୯(ମହାଭାରତ):** ନିଜର ବିଭିନ୍ନ ଦାବି ନେଇ ଆନ୍ଦୋଳନ ଜାରି ରଖିଥିବା ଓଡ଼ିଶା ନର୍ସିଂ କର୍ମଚାରୀ ସଂଘକୁ ମନାଇବା ପାଇଁ ସରକାରୀସ୍ତରରେ ଜୋରଦାର ପ୍ରୟାସ ଆରମ୍ଭ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କ ସହ ଆଲୋଚନା ବିଫଳ ହେବାପରେ ନର୍ସିଂ କର୍ମଚାରୀମାନେ ଆନ୍ଦୋଳନ ଜାରି ରଖିଛନ୍ତି। ଆଜି ରାଜ୍ୟ ସରକାର ନର୍ସିଂ କର୍ମଚାରୀମାନଙ୍କ ଦାବି ପୂରଣ ଓ ସମାଧାନ ପାଇଁ ଅନ୍ତଃବିଭାଗୀୟ କମିଟି ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି।ସୂଚନା ଅନୁସାରେ, ଓଡ଼ିଶା ନର୍ସିଂ କର୍ମଚାରୀ ସଂଘର ଦାବି ଉପରେ ସରକାର ଆଜି ଆଲୋଚନା କରିଛନ୍ତି।

ପରିସ୍ଥିତିର ଅନୁଧାନ କରି ସଂଘ ଉଠାଇଥିବା ବିଭିନ୍ନ ଦାବି ଉପରେ ବିଚାରବିମର୍ଶ କରିବା ପାଇଁ ସରକାର ଏକ ଅନ୍ତଃବିଭାଗୀୟ କମିଟି ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାସହିତ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବାର ଆବଶ୍ୟକତାକୁ ହୃଦୟଙ୍ଗମ କରି ନର୍ସିଂ ଅଫିସରମାନଙ୍କୁ ଆନ୍ଦୋଳନରୁ ଓହରି ନିଜ କାର୍ଯ୍ୟରେ ଯୋଗ ଦେବା ପାଇଁ ସରକାର ପରାମର୍ଶ ଦେଇଥିବା ଜଣାପଡ଼ିଛି।ସୂଚନାଯୋଗ୍ୟ, ନିଜର ବିଭିନ୍ନ ଦଫା ଦାବି ନେଇ ଓଡ଼ିଶା ନର୍ସିଂ କର୍ମଚାରୀମାନେ ଆନ୍ଦୋଳନ କରୁଛନ୍ତି।

## ତମାଖୁ ବର୍ଜନରେ ଓଡିଶା ଦ୍ୱିତୀୟ

**ଭୁବନେଶ୍ୱର, ୨୬।୯ (ମହାଭାରତ) :** ବିଶ୍ୱ ତମାଖୁ ବର୍ଜନ ଦିବସ - ୨୦୨୪ ଉପଲକ୍ଷେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଅବସରରେ ଶ୍ରେଷ୍ଠ ପ୍ରଦର୍ଶନକରୀ ଭାବେ ଓଡିଶା ଦେଶରେ ଦ୍ୱିତୀୟ ସ୍ଥାନ ଅଧିକାର କରି ସମ୍ମାନିତ ହୋଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧିନସ୍ଥ ମୌଲାନା ଆଜାଦ ଇନଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ ସାଇନ୍ସର ମୁଖ ସ୍ୱାସ୍ଥ୍ୟ ଏବଂ ତମାଖୁ ବର୍ଜନ ଜାତୀୟ ସମ୍ବଳ କେନ୍ଦ୍ର ଦ୍ୱାରା ତମାଖୁ ବର୍ଜନ ସମ୍ପର୍କିତ ବିଭିନ୍ନ ପଦକ୍ଷେପର ସବିଶେଷ ମୂଲ୍ୟାଙ୍କନ କରାଯାଇ ଓଡିଶାକୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

## ବାପା, ପୁଅ ଓ ଝିଅଙ୍କୁ ଆଜୀବନ ଜେଲ୍

**ଆସିକା, ୨୬।୯ (ମହାଭାରତ):** ୨୦୧୧ ମସିହାରେ ଘଟିଥିବା ବୀଭତ୍ସ ହତ୍ୟା ମାମଲାରେ ଆଜି ରାୟ ପ୍ରକାଶ ପାଇଛି। ହତ୍ୟା ଅଭିଯୁକ୍ତଙ୍କ ଭିତରୁ ଗୋଟିଏ ପରିବାରର ବାପା, ପୁଅ ଓ ଝିଅଙ୍କୁ ଆଜୀବନ ଜେଲ୍ ସହ ଜରିମାନା ଶୁଣାଇଛନ୍ତି ଆସିକା ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ। ଜରିମାନା ଅନାଦେୟ ହେଲେ ଅଧିକ ୪ ମାସ ଲେଖାଏଁ ଜେଲ୍ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟରେ ଶୁଣାଇଛନ୍ତି।୨୦୧୧ ମାର୍ଚ୍ଚ ୧୫ ତାରିଖରେ ଗାଙ୍ଗପୁର ଥାନା ପୁରୁଣା ବୋରି ଗାଁରେ ନାମ ଯଜ୍ଞ ଚାଲିଥିଲା। ସେହି ସମୟରେ ଗାଁର ବୁଲୁ ବିଷୋୟୀଙ୍କୁ ଖଦାଳ ପ୍ରଧାନ, ତାଙ୍କ ପୁଅ ବାବୁ ପ୍ରଧାନ ଓ ଝିଅ ବ୍ରହ୍ମ କୁମାରୀ; ଗ୍ରାମର ସୁଗ୍ରୀବ ପ୍ରଧାନ ଏବଂ ଗୋପୀ ସ୍ୱାଇଁ ହତ୍ୟା କରିଥିଲେ। ଯାହାଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଗାଙ୍ଗପୁର ଥାନାରେ ଅଭିଯୋଗ ହୋଇଥିଲେ। ପୁଲିସ ଅଭିଯୋଗକୁ ଭିତ୍ତି କରି ୫ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

ଆଜି ଏହି ମାମଲାର ରାୟ ପ୍ରକାଶ ପାଇଛି। ଆସିକା ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ ପ୍ରବୀର କୁମାର ଚୌଧୁରୀ ମାମଲାକୁ ବିଚାର କରି ୫ ଅଭିଯୁକ୍ତଙ୍କ ଭିତରୁ ଗୋଟିଏ ପରିବାରର ୩ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ବାପା ଖଦାଳ ପ୍ରଧାନ, ତାଙ୍କ ପୁଅ ବାବୁ ପ୍ରଧାନ ଓ ଝିଅ ବ୍ରହ୍ମ କୁମାରୀଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୪ ମାସ ଲେଖାଏଁ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଦୁଇ ଅଭିଯୁକ୍ତ ସୁଗ୍ରୀବ ପ୍ରଧାନ ଓ ଗୋପୀ ସ୍ୱାଇଁଙ୍କ ରାୟ ପରେ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି।

## ନନ୍ଦନକାନନରେ ହାତୀ ଶାବକର ମୃତ୍ୟୁ

**ଭୁବନେଶ୍ୱର, ୨୬।୯ (ମହାଭାରତ) :** ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ହାତୀ ଶାବକ 'ଅଭି'ର ମୃତ୍ୟୁ ହୋଇଛି। ହରପିସ୍ ସଂକ୍ରମଣରେ ୧୭ ମାସର ଅଣ୍ଡିରା ହାତୀ 'ଅଭି'ର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଗତ ଗୁରୁବାର ଠାରୁ ଅଭି ଚିକିତ୍ସାଧିନ ଥିଲା। ତାର ଶରୀରର ତାପମାତ୍ରା ବୃଦ୍ଧି ପାଇବା କାରଣରୁ ପ୍ରାଣୀ ଚିକିତ୍ସକମାନେ ଚିକିତ୍ସା କରୁଥିଲେ। ରୋଗରେ ଆକ୍ରାନ୍ତ ଯୋଗୁଁ ଅଭି ଠିକ ଭାବରେ ଖାଦ୍ୟ ଗ୍ରହଣ କରିପାରୁ ନଥିଲା।

## ମହାଲକ୍ଷ୍ମୀ ହତ୍ୟାକାଣ୍ଡର ଖୋଲିଲା ରହସ୍ୟ

**ଭୁବନେଶ୍ୱର,୨୬।୯(ମହାଭାରତ):** ବେଙ୍ଗାଲୁରୁର ଭୟାଲିକାବାଲରେ ଘଟିଥିବା ମହାଲକ୍ଷ୍ମୀ ହତ୍ୟାକାଣ୍ଡ ଏବେ ସମଗ୍ର ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଯାହାକୁ ଜୀବନଠୁ ଅଧିକ ଭଲ ପାଉଥିଲେ, ତା' କୁ ହିଁ ନିର୍ମମ ଭାବେ ହତ୍ୟା କରି ଛୁରୀରେ ଖଣ୍ଡ ଖଣ୍ଡ କରିଦେଲେ ଅଭିଯୁକ୍ତ

### କାଳରାତ୍ରିର କାହାଣୀ କହିଲେ ଅଭିଯୁକ୍ତର ଭାଇ

ମୁକ୍ତି ରଞ୍ଜନ। ମାତ୍ର ଏହା ପଛରେ କ'ଣ ରହିଛି କାରଣ, କ'ଣ ପାଇଁ ସେ ଏପରି ହିଂସ୍ର ହୋଇ ଉଠିଲେ ଓ ନିଜ ପ୍ରେମିକାଙ୍କ ଜୀବନ ନେବାକୁ ପଛାଇଲେ ନାହିଁ ସବୁ କିଛି ବଖାଣିଛନ୍ତି ମୁକ୍ତି ରଞ୍ଜନ। ନିଜେ ଝୁଲି ପଡ଼ିବା ପୂର୍ବରୁ ସେ କାଳ ରାତିର ପ୍ରତିଟି ଘଟଣାକୁ ସେ ନିଜ ଭାଇ ସମ୍ମୁଖରେ ବଖାଣିଥିଲେ। ମୁକ୍ତି ରଞ୍ଜନଙ୍କୁ ଖୋଜିଖୋଜି ପୁଲିସ୍ ତାଙ୍କ ମୃତଦେହ ପାଇଥିବା ବେଳେ ଏବେ ଭାଇର କଥାଗୁଡ଼ାକ ଗୋଟି ଗୋଟି କରି କ୍ୟାମେରା ସମ୍ମୁଖରେ ବଖାଣିଛନ୍ତି ତାଙ୍କ ସାନ ଭାଇ।



ମୁକ୍ତି ରଞ୍ଜନଙ୍କ ଭାଇ କହିଛନ୍ତି, ମହାଲକ୍ଷ୍ମୀଙ୍କ ସହ ଭାଇର ପ୍ରେମ ସମ୍ପର୍କ ଥିଲା। ହେଲେ ବିଭିନ୍ନ ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ଦେଖା ଦେଇଥିଲା। ଉଭୟଙ୍କ ମଧ୍ୟରେ କଳି ଝଗଡ଼ା ଲାଗି ରହୁଥିଲା। ପରେ ଭାଇ ସେହି ଝିଅକୁ ନେଇ କେରଳ ଯିବାକୁ ବାହାରିଥିଲା। ହେଲେ ଗାଡ଼ିରେ ଯିବା ବେଳେ ସେହି ଝିଅ ଭାଇ ନାଁରେ ପୁଲିସ ନିକଟରେ ଅପହରଣ କରି ନେଉଯାଉଥିବା ଅଭିଯୋଗ କରିଥିଲା। ପୁଲିସ ଭାଇକୁ ମାଡ଼ ମାରିବା ସହ ଜୋରିମାନ କରିଥିଲା। ପରେ ଭାଇକୁ ବୁଝାସୁଝା କରି ପୁଲିସ ଛାଡ଼ି ଦେଇଥିଲା। ଭାଇ ଓ ସେହି ଝିଅ ପୁଣି ବେଙ୍ଗଲୁରୁ ଫେରିଥିଲେ।

ବେଙ୍ଗଲୁରୁ ଫେରିବା ପରେ ଉଭୟଙ୍କ ମଧ୍ୟରେ ବିବାଦ ଅଧିକ ବିବାରେ ଲାଗିଥିଲା। ଉଭୟଙ୍କ ମଧ୍ୟରେ ସବୁବେଳେ କଳି ଝଗଡ଼ା ହେଉଥିଲା। ଏପରି ଗୋଟିଏ ଦିନ ସେହି ଝିଅ ଓ ଭାଇ ମଧ୍ୟରେ ଜୋରରେ ଝଗଡ଼ା ହୋଇଥିଲା। ସେହି ଝିଅ ଘରେ ଥିବା ଏକ ଛୁରୀ ଆଣି ଭାଇକୁ ମାରିବାକୁ ଧମକ ଦେଇଥିଲା। ଏହି ଛୁରୀରେ ମୁଁ ତୋତେ ହତ୍ୟା କରି ପ୍ରେସର କୁକରରେ ସିଝାଇ ବାଥରୁମରେ ପକାଇ ଦେବି ବୋଲି କହିଥିଲା।ପରେ ଭାଇ ରାଗରେ ସେହି ଝିଅର ତଣ୍ଟିକୁ ଜୋରରେ ଧରି ନେଇଥିଲା। ପରେ ଦେଖିଲା ବେଳକୁ ସେହି ଝିଅର ମୃତ୍ୟୁ ଘଟିଥିଲା।ପରେ ଭାଇ ସେହି ଝିଅକୁ ବେଡସିଟ୍ରେ ଗୋଡ଼ାଇ ଫ୍ୟାନରେ ଟାଙ୍ଗି ଦେବାକୁ ଚେଷ୍ଟା କରିଥିଲା, ହେଲେ ସୁବିଧା ହୋଇନଥିଲା। ପରେ ଭାଇ ସେହି ଝିଅକୁ ଛୁରୀରେ କାଟି ଫ୍ରିଜରେ ପୂରାଇ ଦେଇଥିଲା। ପରେ ସେଠାରୁ ମୋ ପାଖକୁ ବ୍ରହ୍ମପୁର ପଳାଇ ଆସିଥିଲା। ଭାଇ ମୋ ପାଖରେ ଆସି ୧୦ରୁ ୧୨ ଦିନ ରହିଥିଲା। ଭାଇ କିଛି ଦିନ ରହିବା ପରେ ମୋତେ ଘଟଣା ସଂପର୍କରେ ସବୁ କହିଥିଲା। ସେହି ଝିଅ ୭ରୁ ୮ ଲକ୍ଷ ଟଙ୍କା ସହ ସୁନା ଗହଣା ନେଇଯାଇଥିବା ଭାଇ ମୋତେ କହିଛି। ସେହି ଝିଅ ମୋ ଭାଇକୁ ସବୁବେଳେ ବ୍ଲାକମେଲିଂ କରୁଥିଲା। ଏଥିସହ ତା' ପାଇ ପରିବାର ସହ ଭାଇର ସଂପର୍କ ଖରାପ ହୋଇଥିବା ଭାଇ ମୋତେ କହିଥିଲା। କିଛି ଦିନ ମୋ ପାଖରେ ରହିବା ପରେ ଭାଇକୁ ପୁଲିସ ଖୋଜୁଥିବା ସେ ଜାଣିପାରିଥିଲା। ପରେ ଭାଇ ଘରକୁ ପଳାଇ ଆସିଥିଲା ବୋଲି ଅଭିଯୁକ୍ତ ଭାଇ କହିଛନ୍ତି।

## କଖାରୁ ଫୁଲ ଅଣ୍ଡା ଚପ୍

ଆବଶ୍ୟକ ସାମଗ୍ରୀ: ଲୁଣ, କଟା ଟମାଟୋ, କଖାରୁ ଫୁଲ, ସିଝା ଅଣ୍ଡା, କଟା ପିଆଜ, ଧନିଆପତ୍ର, ଲେମ୍ବୁ, ଚପ ମସଲା, ଜଲଜିରା ପାଉଡର, ଚାଉଳ ପିଠଉ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଅଣ୍ଡାକୁ ସିଝାଇ ରଖନ୍ତୁ ଓ ଚାଉଳ ପିଠଉରେ ଲୁଣ, ଲଙ୍କାଗୁଣ୍ଡ ଓ ହଳଦୀଗୁଣ୍ଡ ଗୋଳାଇ ରଖନ୍ତୁ। ଏହାପରେ ସିଝାଅଣ୍ଡାକୁ ଛୋଟ ଛୋଟ କାଟି ସେଥିରେ କଟା ପିଆଜ, କଟା ଟମାଟୋ, ଧନିଆପତ୍ର, ଲେମ୍ବୁ ରସ, ଚପ ମସଲା ଓ ଜଲଜିରା ପାଉଡର ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। କଖାରୁ ଫୁଲ ଭିତରେ ପ୍ରସ୍ତୁତ ହୋଇଥିବା ଅଣ୍ଡା ଚପ ମସଲାର ପୁରକୁ ପୁରାଇ ରଖନ୍ତୁ। ଗ୍ୟାସ ଲଗାଇ ତାୱାରେ ତେଲ ଗରମ କରି ଅଣ୍ଡା ପୁର ଦିଆ କଖାରୁ ଫୁଲକୁ ଚାଉଳ ପିଠଉରେ ଗୋଳାଇ ସେକନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କର କଖାରୁ ଫୁଲ ଅଣ୍ଡା ଚପ। ଏହାକୁ ଆପଣ ଗରମା ଗରମ ଖାଇପାରିବେ।





ଖବର

## 'ଜିଗରା' ଟ୍ରେଲର ରିଲିଜ୍, ଆକ୍ସନ ମୁଡରେ ଆଲିଆ ଭଟ୍ଟ



ଆଲିଆ ଭଟ୍ଟ ଏବଂ ବେଦାଙ୍ଗ ରାଇନାଙ୍କ ଅଭିନୀତ ଜିଗରା ଫିଲ୍ମର ଟ୍ରେଲର ରିଲିଜ୍ ହୋଇଛି। ଆଲିଆ ଭଟ୍ଟ ଏବଂ ବେଦାଙ୍ଗ ରାଇନାଙ୍କ ଅଭିନୀତ ଜିଗରା ଫିଲ୍ମର ଟ୍ରେଲର ରିଲିଜ୍ ହୋଇଛି। ଭାଇ-ଭଉଣୀଙ୍କ ମଧ୍ୟରେ ଥିବା ଅନାବିଳ ପ୍ରେମକୁ ସିନେମାରେ ଦର୍ଶାଯାଇଛି। ଆଲିଆ ଭଟ୍ଟ ସିନେମାରେ ବେଦାଙ୍ଗଙ୍କ ବଡ଼ ଭଉଣୀ ଭୂମିକା ନିଭାଇଛନ୍ତି। ଦଶହରା ଅବସରରେ ଅର୍ଥାତ୍ ଆସନ୍ତା ଅକ୍ଟୋବରରେ ପରଦାକୁ ଆସିବ ଜିଗରା। ଆଜି ଏହାର ୩ ମିନିଟ୍ ଏକ ସେକେଣ୍ଡର ଏକ ଟ୍ରେଲର୍ ରିଲିଜ୍ ହୋଇଛି। ଯେଉଁଥିରେ ଫିଲ୍ମର ବିଷୟବସ୍ତୁ ଅଳ୍ପ-ବହୁତେ ଜଣାପଡୁଥିବାବେଳେ ଏହାକୁ ଜବରଦସ୍ତ ଭ୍ୟୁଉଜ ମିଳିଛି। ଟ୍ରେଲର୍ ରିଲିଜ୍ ହେବାର ୩ ଘଣ୍ଟା ମଧ୍ୟରେ ୟୁଟ୍ୟୁବରେ ୧୧ ଲକ୍ଷରୁ ଅଧିକ ଲୋକେ ଦେଖି ସାରିଥିଲେ। ଟ୍ରେଲରରେ ଆଲିଆ ଭଟ୍ଟ ତାଙ୍କ ଭାଇଙ୍କୁ ଏକ ବିପଦରୁ ରକ୍ଷା କରିବା ପାଇଁ କିପରି ସଙ୍ଘର୍ଷ କରୁଛନ୍ତି ତାହା ଦେଖିବାକୁ ମିଳୁଛି। ବାସନ୍ ବାଲା ସିନେମାର ନିର୍ଦ୍ଦେଶନା ଦେଇ ଥିବାବେଳେ କରଣ ଜୋହରଙ୍କ ଧର୍ମା ପ୍ରଡକ୍ସନରେ ରିଲିଜ୍ ହେବ। ଆଲିଆ ଭଟ୍ଟ ମଧ୍ୟ ସହପ୍ରଯୋଜକ ଅଛନ୍ତି।

## ନିୟମିତ ଗୁଜୁରାତି ଖାଆନ୍ତୁ, ସିଗାରେଟ୍ ଅଭ୍ୟାସରୁ ମୁକ୍ତି ପାଆନ୍ତୁ

ରୋଷେଇ ସହିତ ପାଟିର ସ୍ୱାଦ ବଦଳାଇବା ପାଇଁ ଲୋକମାନେ ବିଶେଷ କରି ଗୁଜୁରାତି କିମ୍ବା ପାନମଧୁରୀ ଖାଇଥାନ୍ତି। କିନ୍ତୁ ଏଥିରେ ଥିବା ଔଷଧୀୟ ଗୁଣ ମଧ୍ୟ ସ୍ୱାସ୍ଥ୍ୟକୁ ଫିଟ୍ ରଖିବାରେ ସାହାଯ୍ୟ କରିଥାଏ । ଏଥି ସହିତ ନିଶା ଦୂର କରିବାରେ ମଧ୍ୟ ସହାୟକ ହୋଇଥାଏ। ଏହା ଦେଖିବାକୁ ଛୋଟ ହୋଇଥିଲେ ମଧ୍ୟ ଏହାର ବ୍ୟବହାର ଦ୍ୱାରା ନିଶା ସେବନ ବା ନିକୋଟିନ୍ ସମସ୍ୟାରୁ ମୁକ୍ତି ମିଳିଥାଏ। ତେବେ ଚାଲନ୍ତୁ ଜାଣିବା ଏହାର ବ୍ୟବହାର ତମାଖୁ ଉଦ୍ଭିଦରେ ଅତ୍ୟଧିକ ନିଶାର ରାସାୟନିକ ପଦାର୍ଥ ରହିଥାଏ। ଏହା ବିଶେଷକରି ସିଗାରେଟ୍‌ର ଧୂଆଁ ମାଧ୍ୟମରେ ନିଶ୍ୱାସ ନେବା ଦ୍ୱାରା ଶରୀର ମଧ୍ୟକୁ ଯାଇଥାଏ ଯ ଯାହା ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ ହୋଇଥାଏ । ଏହାକୁ ସେବନ କରିବା ଦ୍ୱାରା ମସ୍ତିଷ୍କ ଶାନ୍ତ ରହିବା ଧିରେ ଧିରେ କାମ କରିଥାଏ, ରକ୍ତଚାପ ବଢିଥାଏ, ଶ୍ୱାସକ୍ରିୟା ତୀବ୍ର ହେବାକୁ ଲାଗିଥାଏ, ଫୁସଫୁସକୁ କ୍ଷତି ପହଞ୍ଚାଇବା ସହିତ କ୍ୟାନ୍ସର ଭଳି ଗମ୍ଭୀର ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ରହିଥାଏ । ତେଣୁ ଏହାକୁ ନ ଖାଇବା ଭଲ। ଯଦି ଆପଣ ଏହି ନିଶା ଛାଡିବାକୁ ଚାହୁଁଥାନ୍ତି ତେବେ ଏଥିପାଇଁ ଆପଣ ଗୁଜୁରାତି କମ୍ବା ପାନମଧୁରୀ ବ୍ୟବହାର କରିପାରିବେ। ଏହା ନିଶା ସେବନ ଅଭ୍ୟାସରୁ ମୁକ୍ତି ଦେଇଥାଏ। ଗୁଜୁରାତିରେ



ପୋଷକ ତତ୍ତ୍ୱ ସହିତ ଆଲଫା-ଟେର୍ପିନ୍, ଲିମୋନିନ୍, ମାଇକାନିନ ଏବଂ ମେଥୋଫୋନ୍ ଗୁଣ ରହିଥାଏ। ଏହାକୁ ଦିନକୁ ୪-୬ ଥର ଚୋବାନ୍ତୁ । ଏହି ନିଶା ଅଭ୍ୟାସ ଦୂର କରିବା ସହିତ ନିକୋଟିନ୍ ନମିଳିବା କାରଣରୁ ହେଉଥିବା ଅସ୍ଥିରତା ଏବଂ ଚିନ୍ତାରୁ ଆରାମ ଦେଇଥାଏ । ରାତିରେ ଭଲ ନିଦ ହେବା ସହିତ ମାନସିକ ଶାନ୍ତି ମିଳିଥାଏ। ଗୁଜୁରାତି ପରି ପାନମଧୁରୀ ମଧ୍ୟ ପୋଷକ ଏବଂ ଆୟୁର୍ବେଦିକ ଗୁଣରେ ଭରପୂର ହୋଇଥାଏ। ତେଣୁ ଏହାକୁ ଏକା ସାଥିରେ ଲଗାତାର ୭ ସପ୍ତାହ ଖାଇବା ଦ୍ୱାରା ନିଶା ଅଭ୍ୟାସରୁ ମୁକ୍ତି ମିଳିଥାଏ । ଏଥି ସହିତ ପାଚନ ପ୍ରକ୍ରିୟା ଭଲ ହୋଇଥାଏ ଏବଂ ପେଟ ସମ୍ବନ୍ଧୀୟ କୌଣସି ସମସ୍ୟା ହୋଇନଥାଏ।

## ଭାନାମତୀଙ୍କୁ ଭେଟିଲେ ନାରଦ ଓ ରତି

ଭଗବାନ ବିଷ୍ଣୁଙ୍କର କଥା ଶୁଣି ପଦ୍ମିନୀ କହିଲେ ଇଏ କାନ୍ଦ ନୁହେଁ ପ୍ରଭୁ ପଶ୍ଚାତାପର ଅଶ୍ରୁ। ଏବେ ମୋର ମାୟା ଓ ରସାୟନ ବିଦ୍ୟା ପ୍ରତି ଲୋଭ ନାହିଁ। ଏବେ ମୁଁ ମୁକ୍ତି ଚାହୁଁଛି ପ୍ରଭୁ। ଯେବେ ଦ୍ୱାପର ଯୁଗରେ ମୋ ହାତରେ ତ୍ରିଲୋକ କଲ୍ୟାଣ ପାଇଁ କାର୍ଯ୍ୟ ସମ୍ପନ୍ନ ହେବ ଆପଣ ମୋତେ ମୁକ୍ତି ଦେଇଦେବେ ପ୍ରଭୁ ଏହା ମୋର ପ୍ରାର୍ଥନା। ଭଗବାନ ଶ୍ରୀହରି କହିଲେ ତଥାସ୍ତୁ।

ଏହାଶୁଣି ନାରଦମୁନି ଶ୍ରୀକୃଷ୍ଣଙ୍କୁ କହିଲେ ଆପଣଙ୍କ ଲୀଳା ଅପାର ପ୍ରଭୁ। ପ୍ରଦ୍ୟୁମ୍ନଙ୍କ ସୁରକ୍ଷା ଯୋଜନା ଆପଣ ପୂର୍ବରୁ ହିଁ କରିସାରିଛନ୍ତି। ପଦ୍ମିନୀଙ୍କ ମାୟା ଓ ରସାୟନ ବିଦ୍ୟା ଶିଖିବାର ଇଚ୍ଛା ପଛରେ ପ୍ରଭୁ କ'ଣ ଆପଣଙ୍କର ହାତ ନାହିଁ କି? ଏହାଶୁଣି ଶ୍ରୀକୃଷ୍ଣ ହସିଦେଲେ। ପୁଣି ସେ କହିଲେ ଦେବର୍ଷି! ଏବେ ଆପଣଙ୍କୁ ଓ ରତିଙ୍କୁ ଭାନାମତୀଙ୍କୁ ଯାଇ ଭେଟିବାକୁ ହେବ। ଭାନାମତୀଙ୍କୁ ତା'ର ପୂର୍ବ ଜନ୍ମ କଥା ମନେ ପକାଇଦେଲେ ସେ ତାଙ୍କର ସବୁକିଛି ଫେରିପାଇବେ। ଋଷି ସଦାନନ୍ଦଙ୍କ ଅଭିଶାପରୁ ମୁକ୍ତି ପାଇବେ ଏବଂ ପ୍ରଦ୍ୟୁମ୍ନଙ୍କୁ ଯୁବାବସ୍ଥା ପ୍ରଦାନ କରିବେ।

ଏହାପରେ ଶ୍ରୀକୃଷ୍ଣ ଦେବୀ ରତିଙ୍କୁ କହିଲେ ଆପଣଙ୍କ କାର୍ଯ୍ୟ ହେଉଛି ପ୍ରଦ୍ୟୁମ୍ନଙ୍କୁ ଏହାକହିବାକୁ ହେବ ଯେ, ସେ ହେଉଛନ୍ତି କାମଦେବ। ସମ୍ବରାସୁରର ଗୁରୁଦେବଙ୍କୁ ଜଣା ପଡ଼ିଗଲାଣି ଯେ, ପ୍ରଦ୍ୟୁମ୍ନ ହେଉଛି ମହାରାଜାଙ୍କର ମୃତ୍ୟୁଦାତା।



ତେଣୁ ସେ ପ୍ରଦ୍ୟୁମ୍ନଙ୍କୁ ମାରିବା ପାଇଁ ପ୍ରୟାସ କରିବେ। ତାଙ୍କ ପ୍ରୟାସକୁ ବିଫଳ କରିବା ପାଇଁ ଭାନାମତୀଙ୍କୁ ପୂର୍ବଜନ୍ମ କଥା ସ୍ମରଣ କରାଇବା ଆବଶ୍ୟକ। ଏହାଶୁଣି ଦେବୀ ରତି କହିଲେ ଆମକୁ ଅତିଶୀଘ୍ର ଭାନାମତୀଙ୍କୁ ଭେଟିବାକୁ ପଡ଼ିବ। ଏପରି କହି ଦେବର୍ଷି ନାରଦ ଓ ଦେବୀ ରତି ସେଠାରୁ ଚାଲିଗଲେ।

ଏପଟେ ଭାନାମତୀ ଝୁଲାରେ ପ୍ରଦ୍ୟୁମ୍ନକୁ ଶୁଆଉଥିଲେ ସେହି ସମୟରେ ନାରଦମୁନି ଓ ଦେବୀ ରତି ପ୍ରକଟ ହେଲେ। ଏହାଦେଖି ଭାନାମତୀ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ପ୍ରଣାମ କଲେ। ଦେବର୍ଷି ତାଙ୍କୁ ସୌଭାଗ୍ୟବତୀ ଭବଃ କହିବା ପରେ ରତି ଦେବୀଙ୍କ ପରିଚୟ କରାଇଲେ।

ଭାନାମତୀ କହିଲେ ଆପଣ ମୋ କୁଡ଼ିଆକୁ ଆସିଥିବାରୁ ଆପଣଙ୍କୁ ଅନେକ ଅନେକ ଧନ୍ୟବାଦ ହେଲେ ହଠାତ୍ ଆଜି ଆପଣଙ୍କ ଦର୍ଶନ? ନାରଦମୁନି କହିଲେ- ଅସୁର ଶ୍ରେଷ୍ଠ ସମ୍ବରାସୁରଙ୍କଠାରୁ ଜାଣିଲି ଆପଣ ଭୋଜନ ବହୁତ ସ୍ୱାଦିଷ୍ଟ କରୁଛନ୍ତି। ତେଣୁ ଭାବିଲୁ ଆମେ ଆପଣଙ୍କ ଆତିଥ୍ୟର ଆନନ୍ଦ ଉଠାଇବା ପାଇଁ। ଏହାଶୁଣି ଭାନାମତୀ କହିଲେ ଆପଣମାନେ ଏଠାରେ ତୃପ୍ତି ହୋଇ ଯିବେ ଏହା ହେବ ମୋର ପରମ ସୌଭାଗ୍ୟ। ରତି କହିଲେ ଏତେ କଷ୍ଟ ଉଠାଇବାର ଆବଶ୍ୟକତା ନାହିଁ। ଏହାପରେ ପ୍ରଦ୍ୟୁମ୍ନ ପାଖକୁ ଯାଇ କହିଲେ ମୁଁ ତୁମର ପୁତ୍ରକୁ ଦେଖିବା ପରେ ଧନ୍ୟ ହୋଇଗଲି। ବହୁତ ସୁନ୍ଦର! ଦେଖିବା ପରେ ଲାଗୁଛି ଏହି ବାଳକ କୌଣସି ଇଶ୍ୱରୀୟ ଅଂଶ।

## ୮ ମାସ ପାଣିରେ ବୁଡି ରହେ ମନ୍ଦିର





ସମସ୍ତେ ମନ୍ଦିରକୁ ଯାଆନ୍ତି ଓ ପୂଜା କରନ୍ତି । କିନ୍ତୁ ଭାରତରେ ଏପରି ଏକ ରହସ୍ୟମୟୀ ମନ୍ଦିର ରହିଛି ଯିଏକି ବର୍ଷକରେ ୮ମାସ ପାଣିରେ ବୁଡି ରହିଥାଏ । ଏହି ମନ୍ଦିରଟି ହେଉଛି ବାଥୁ କି ଲଡି ।ଯାହା ହିମାଚଳର କାଙ୍ଗ୍ରା ଜିଲ୍ଲାରେ ରହିଛି ।ବିଶେଷ କଥା ହେଉଛି ମନ୍ଦିରଟି ପାଣିରେ ୮ ମାସ ରହୁଥିବା ବେଳେ ୪ ମାସ ବାହାରେ ରହିଥାଏ । ମନ୍ଦିରଟି ଭଗବାନ ବିଷ୍ଣୁଙ୍କୁ ସମର୍ପିତ । ଫେବୃୟାରୀରୁ ଜୁଲାଇ ପର୍ଯ୍ୟନ୍ତ ମନ୍ଦିରରେ ଦର୍ଶନ ଦେଇଥାନ୍ତି ଭଗବାନ ବିଷ୍ଣୁ । ଏହି ମନ୍ଦିର ପାଖରେ ରହିଛି ଅନେକ ଛୋଟଛୋଟ ମନ୍ଦିର । ବାସ୍ତବରେ ମନ୍ଦିରଟି ୮ ମାସ ପାଇଁ ମହାରଣା ପ୍ରତାପ ସାଗର ହ୍ରଦରେ ବୁଡ଼ି ଯାଇଥାଏ । ଯେତେବେଳେ ହ୍ରଦର ଜଳସ୍ତର ବଢିଯାଇଥାଏ ସେତେବେଳେ ମନ୍ଦିର ବୁଡିଯାଇଥାଏ । ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଏହି ମନ୍ଦିର ଦୀର୍ଘ ସମୟ ଧରି ଜଳମଗ୍ନ ହେବା ପରେ ବି ଏହାର ଗଠନରେ କୌଣସି ପରିବର୍ତ୍ତନ ହୋଇନଥାଏ ।ଏହାର କାରଣ ହେଉଛି ମନ୍ଦିରଟି ଅନେକ ଶକ୍ତିଶାଳୀ ପଥରରେ ନିର୍ମିତ । ଏଠାରେ ଆପଣ ପଥରରେ ଖୋଦିତ ଭଗବାନ ଗଣେଶ ଏବଂ କାଳୀଙ୍କ ମୂର୍ତ୍ତି ଦେଖିବାକୁ ପାଇବେ ।ଏହାସହିତ ମନ୍ଦିର ମଧ୍ୟରେ ଭଗବାନ ବିଷ୍ଣୁ ଶେଷନାଗ ଉପରେ ବିଶ୍ରାମ କରୁଥିବାର ମୂର୍ତ୍ତି ସ୍ଥାପନା କରାଯାଇଛି ।ଏଠାରେ ରହୁଥିବା





ଲୋକମାନେ ବିଶ୍ୱାସ କରନ୍ତି ଯେ, ଏହି ମନ୍ଦିରଟି ସ୍ଥାନୀୟ ରାଜାଙ୍କ ଦ୍ୱାରା ନିର୍ମିତ ହୋଇଥିଲା ଯ ଆଉ କିଛି ଲୋକ ଏହି ମନ୍ଦିରକୁ ପାଣ୍ଡବଙ୍କ ସହିତ ସଂଯୋଗ କରିଥାନ୍ତି। ସେମାନଙ୍କ ବିଶ୍ୱାସ ଅନୁଅୟାୟୀ, ପାଣ୍ଡବମାନେ ନିର୍ବାସନ ସମୟରେ ଏଠାରେ ସ୍ୱର୍ଗକୁ ସିଡ଼ି ନିର୍ମାଣ କରିବାକୁ ଚେଷ୍ଟା କରିଥିଲେ । ତଥାପି ସେ ଏହାକୁ ତିଆରି କରିବାରେ ସଫଳ ହୋଇପାରିନଥିଲେ । କାରଣ ସେମାନଙ୍କୁ ଗୋଟିଏ ରାତିରେ ଏହି ସିଡ଼ି ନିର୍ମାଣ କରିବାକୁ ଥିଲା ।

## ବୀର ଗୋଗା ଦେବଙ୍କ କଥା

ଗୋଗାଜୀ ହେଉଛନ୍ତି ରାଜସ୍ଥାନର ଲୋକ ଦେବତା, ଯାହାଙ୍କୁ 'ଜାହାରବୀର ଗୋଗା ରାଣା' ମଧ୍ୟ କୁହାଯାଏ । ରାଜସ୍ଥାନର ହନୁମାନଗଡ ଜିଲ୍ଲାର ଏକ ସହର ହେଉଛି ଗୋଗାମେଡ଼ି। ଏଠାରେ ଭାଦ୍ରବ ପଞ୍ଚମୀ ଏବଂ ନବମୀରେ ଗୋଗା ଦେବତାଙ୍କ ମେଳା ଆୟୋଜନ ହୋଇଥାଏ। ତାଙ୍କୁ ଉଭୟ ହିନ୍ଦୁ ଏବଂ ମୁସଲମାନ ଧର୍ମର ଲୋକ ପୂଜା କରନ୍ତି। ଗୁଜୁରାଟ ରବାରୀ ଲୋକମାନେ ଗୋଗାଙ୍କୁ 'ଗୋଗା ମହାରାଜ' ନାମରେ ମଧ୍ୟ କୁହନ୍ତି।



ଗୋଗା ଦେବ ଗୁରୁ ଗୋରଖନାଥଙ୍କର ପରମ ଶିଷ୍ୟ ଥିଲେ । ସେ ଚୁରୁ ଜିଲ୍ଲାର ଦାଦ୍‌ରେଭା ଗ୍ରାମରେ ଖ୍ରୀଷ୍ଟାବ୍ଦ ୧୦୦୩ରେ ଜନ୍ମଗ୍ରହଣ କରିଥିଲେ। ସିଦ୍ଧ ବୀର ଗୋଗାଦେବଙ୍କ ଜନ୍ମସ୍ଥାନ ରାଜସ୍ଥାନର ଚୁରୁ ଜିଲ୍ଲାର ଦତ୍ତଖେଡ଼ା ଦାଦ୍ରେଭାରେ ଅବସ୍ଥିତ ଯେଉଁଠାରେ ସମସ୍ତ ଧର୍ମ ଓ ସମ୍ପ୍ରଦାୟର ଲୋକମାନେ ଦର୍ଶନ କରିବା ପାଇଁ ଦୂରଦୂରାନ୍ତରୁ ଆସିଥାନ୍ତି।

କାୟାମ ଖାନୀ ମୁସଲିମ ସମାଜ ତାଙ୍କୁ 'ଜୋହର ପୀର' ନାମରେ ଜାଣନ୍ତି ଏବଂ ସେହି ସ୍ଥାନକୁ ପ୍ରାର୍ଥନା ଓ ଆଶୀର୍ବାଦ ଭିକ୍ଷା କରିବାକୁ ଆସନ୍ତି । ଏହିପରି, ଏହି ସ୍ଥାନ ହିନ୍ଦୁ ଏବଂ ମୁସଲମାନ ଏକତାର ପ୍ରତୀକ। ମଧ୍ୟଯୁଗୀୟ ମହାନ ବ୍ୟକ୍ତି ଗୋଗାଜୀ ହିନ୍ଦୁ, ମୁସଲମାନ, ଶିଖ ଆଦି ସମସ୍ତ ସମ୍ପ୍ରଦାୟର ଶ୍ରଦ୍ଧା ଅର୍ଜନ କରିପାରିଥିଲେ ଏବଂ ଏକ ଧର୍ମନିରପେକ୍ଷ ଲୋକ ଦେବତାରୁ ପୀର ଭାବରେ ପ୍ରସିଦ୍ଧ ହୋଇଥିଲେ।

ଗୁରୁ ଗୋରଖନାଥଙ୍କ ବରଦାନରୁ ଗୋଗା ଦେବ ରାଜସ୍ଥାନର ଦାଦ୍‌ରେଭା (ଚୁରୁ) ଚୌହ୍ୱାନ ବଂଶର ରାଜପୁତ ଶାସକ ଜୈବର (ଜେବର ସିଂହ)ଙ୍କ ପତ୍ନୀ ବାଛଲଙ୍କ ଗର୍ଭରୁ ଭାଦ୍ରବ ନବମୀରେ ଜନ୍ମ ହୋଇଥିଲେ। ଚୌହ୍ୱାନ ରାଜବଂଶରେ ରାଜା ପୃଥ୍ୱୀରାଜ ଚୌହାନଙ୍କ ପରେ ଗୋଗା ଦେବ ଜଣେ ପ୍ରସିଦ୍ଧ ରାଜା ହୋଇଥିଲେ। ଗୋଗାଙ୍କ ରାଜ୍ୟ ସତଲୁଜ ଠାରୁ ହାନସୀ (ହରିୟାଣା) ପର୍ଯ୍ୟନ୍ତ ଥିଲା। ଲୋକମାନ୍ୟତା ଏବଂ ଲୋକକଥା ଅନୁଯାୟୀ ଗୋଗାଜୀଙ୍କୁ ସର୍ପମାନଙ୍କ ଦେବତା ମଧ୍ୟ ପୂଜା କରାଯାଏ। ଲୋକମାନେ ତାଙ୍କୁ ଗୋଗାଜୀ, ଗୁଗା ବୀର, ଜାହିର ବୀର, ରାଜା ମଣ୍ଡଳିକ୍ ଏବଂ ଜାହର ପୀର ନାମରେ ଡାକନ୍ତି । ସେ ଗୁରୁ ଗୋରଖନାଥଙ୍କର ଜଣେ ପ୍ରମୁଖ ଶିଷ୍ୟ ଥିଲେ।

ମହାଭାରତ
# ନଗରନକ୍ସା
ମହାନଗରର ନିଜ ଭାଷା



## ରୟାଲ ଇଣ୍ଡିଆ କମ୍ପାନୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ଆଲୋଚନା



ଭୁବନେଶ୍ୱର,୨୬।୯ (ମହାଭାରତ): ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ରୟାଲ ଇଣ୍ଡିଆ। କମ୍ପାନୀର ପ୍ରତିନିଧିମାନେ ସାକ୍ଷାତ ଓ ଆଲୋଚନା କରିଛନ୍ତି । ଏହି ବୈଠକରେ କୃଷକମାନଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜଳସେଚନର ସୁବିଧା ନେଇ ଆଲୋଚନା କରିଥିଲେ।

କୃଷି କ୍ଷେତ୍ରରେ ଜଳସେଚନ ଭଳି ସମସ୍ୟାର ସମାଧାନ ନିମନ୍ତେ ରାଜ୍ୟ ସରକାର ସମସ୍ତ ପ୍ରକାର ସୁବିଧାସୁଯୋଗ ଯୋଗାଇ ଦେଉଛନ୍ତି। ଏହି ମର୍ମରେ ରୟାଲ ଇଣ୍ଡିଆ। କମ୍ପାନୀ ରାଜ୍ୟର କୃଷକମାନଙ୍କୁ ସୌରଚାଳିତ ପମ୍ପ ଦ୍ୱାରା ଜଳସେଚନ ସୁବିଧା ଯୋଗାଇବା ନେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ସହ ଆଲୋଚନା କରିଥିଲେ। ରୟାଲ ଇଣ୍ଡିଆ। କମ୍ପାନୀ ଝାରଖଣ୍ଡ ଏବଂ ଅନ୍ୟ ରାଜ୍ୟମାନଙ୍କରେ ସୌରଚାଳିତ ପମ୍ପ ସାହାଯ୍ୟରେ ଜଳସେଚନ ସୁବିଧା ଯୋଗାଇ ଦେଉଛି। ସ୍ଥାନାନ୍ତରଯୋଗ୍ୟ ସୌରଚାଳିତ ପମ୍ପ ସାଧାରଣ ଚାଷୀଙ୍କ ବ୍ୟବହାର ନିମନ୍ତେ ଉପଯୋଗୀ ହେବ ଏବଂ ଏହା ବିଦ୍ୟୁତ ଶକ୍ତି ନିମନ୍ତେ ହେଉଥିବା ବ୍ୟୟଭାର ହ୍ରାସ କରିବ ବୋଲି ପ୍ରତିନିଧିମାନେ ପ୍ରକାଶ କରିଥିଲେ। କୂଅ, ପୋଖରୀ କିମ୍ବା ଅନ୍ୟକୌଣସି ଜଳଉତ୍ସକୁ ବ୍ୟବହାର କରିବାରେ ଏହା ସୌରଚାଳିତ ପମ୍ପ ବିଶେଷ ଭାବେ ଉପଯୋଗୀ ଏବଂ ଏହି ସେବା ପ୍ରଦାନ କରିବାକୁ କମ୍ପାନୀ ଆଗ୍ରହୀ ବୋଲି ପ୍ରତିନିଧିମାନେ ଉପମୁଖ୍ୟମନ୍ତ୍ରୀଙ୍କ ନିକଟରେ ପ୍ରକାଶ କରିଥିଲେ। ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ଏବଂ ଜଳସେଚନ ବ୍ୟବସ୍ଥାକୁ ସୁଗମ କରିବା ନିମନ୍ତେ ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି ବୋଲି ପ୍ରକାଶ କରିବା ସହ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କମ୍ପାନୀ ଯୋଗାଇ ଦେଉଥିବା ବିଭିନ୍ନ ବୈଷୟିକ ସେବା ବିଷୟରେ ଅବଗତ ହୋଇଥିଲେ। ବୈଠକରେ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା ଏବଂ ଜଳସମ୍ପଦ ଓ ଶକ୍ତି ବିଭାଗର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

## ଜଳସାଥି ମାନଙ୍କ ପାଇଁ ଦୁଇ ଦିନିଆ କର୍ମଶାଳା



ଭୁବନେଶ୍ୱର,୨୬।୯ (ମହାଭାରତ): ଜଳସାଥି ମାନଙ୍କ ପାଇଁ ଦୁଇ ଦିନିଆ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଓଡିଶା ଅର୍ବାନ ଏକାଡେମୀ ଓ ସହରୀ ପରିଚାଳନା କେନ୍ଦ୍ରର ବୈଷୟିକ ସହାୟତାରେ ଆୟୋଜିତ ହୋଇଥିଲା।

ଗୃହ ଏବଂ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ ଏହି ଦୁଇ ଦିନିଆ ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଜଳସାଥି ମାନଙ୍କ ସହ ଆଲୋଜନା କରିଥିଲେ। ଆଲୋଚନା ସମୟରେ, ଶ୍ରୀମତୀ ପାଢ଼ୀ ଗୋଷ୍ଠୀ ଭିତ୍ତିକ ଜଳ ପରିଚାଳନାରେ ଜଳ ସାଥିଙ୍କ ପ୍ରମୁଖ ଭୂମିକା ଏବଂ ସେମାନଙ୍କର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସହରାଂଚଳରେ ବଢୁଥିବା ଚାହିଦାକୁ ପୂରଣ କରିବା ଏବଂ ଜନସାଧାରଣଙ୍କୁ ଗୁଣାତ୍ମକ ସେବା ଯୋଗାଇବା ପାଇଁ ନିରନ୍ତର ଦକ୍ଷତା ବୃଦ୍ଧି ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

'ଜଳ ସାଥିମାନେ ପ୍ରଶାସନ ଏବଂ ଗୋଷ୍ଠି ମଧ୍ୟରେ ସେତୁ ଅଟନ୍ତି । ସେମାନଙ୍କୁ ସଠିକ୍ ତାଲିକ ପ୍ରଦାନ କରି ଜଳ ପରିଚାଳନା ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଉଛି ଯାହା ଉପଯୋଗୀ ଅଟେ ବୋଲି ଶ୍ରୀମତୀ ପାଢୀ କହିଛନ୍ତି । ସେ ଏହି କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ଫାଇଦା ନେବାକୁ ଏବଂ ଅନ୍ତର୍ଭୁକ୍ତ ତଥା ନିର୍ଭରଯୋଗ୍ୟ ଜଳ ସେବାର ମିଶନରେ ପ୍ରଭାବଶାଳୀ ଯୋଗଦାନ କରିବାକୁ ତାଲିମପ୍ରାପ୍ତ ଜଳସାଥୀମାନଙ୍କୁ ଉତ୍ସାହିତ କରିଥିଲେ।

ଦକ୍ଷତା ଉନ୍ନୟନ କାର୍ଯ୍ୟକ୍ରମ, ଯାହା ଓଡିଶାର ବିଭିନ୍ନ କ୍ଲଷ୍ଟରରେ ୮୦୦ ରୁ ଅଧିକ ଜଳ ସାଥିଙ୍କୁ ତାଲିମ ଦେବ, କ୍ଷମତା ବୃଦ୍ଧି ତଥା ସହରୀ ଜଳ ପରିଚାଳନାକୁ ମଜବୁତ କରିବା ରାଜ୍ୟର ବୃହତ ଦୃଷ୍ଟିକୋଣର ଏକ ଅଂଶ । ବୈଷୟିକ କାର୍ଯ୍ୟ, ଜଳ ପରୀକ୍ଷଣ, ଗ୍ରାହକଙ୍କ ଯୋଗଦାନ, ଏବଂ ଆର୍ଥିକ ପରିଚାଳନା ସହିତ ବିଭିନ୍ନ କୌଶଳ ଉପରେ ଏହି ପ୍ରଶିକ୍ଷଣ ଧ୍ୟାନ ଦେଇଥାଏ, ସହରାଂଚଳ ଜଳ ସେବା ବିତରଣର ଆହ୍ୱାନକୁ ପୂରଣ କରିବା ପାଇଁ ଜଳ ସାଥିମାନେ ଭଲ ଭାବରେ ପ୍ରସ୍ତୁତ କରିପାରିବେ । ଏହି ସୁଯୋଗ ପାଇଁ ପ୍ରଶିକ୍ଷାର୍ଥୀମାନେ ସରକାରଙ୍କୁ କୃତଜ୍ଞତା ଜଣାଇ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ ସେମାନଙ୍କୁ ସେମାନଙ୍କର ଦକ୍ଷତା ବୃଦ୍ଧି କରିବାରେ ଏବଂ ନିଜ ଗୋଷ୍ଠିକୁ ଉନ୍ନତ ସେବା ଯୋଗାଇବାରେ ସାହାଯ୍ୟ କରିବ।

## ବିଜେପିର ଭ୍ରଷ୍ଟାଚାର ବିରୋଧରେ ଏକାଠି ହୋଇ ଲଢେଇ ଜାରି ରଖନ୍ତୁ: ନବୀନ

ଭୁବନେଶ୍ୱର,୨୬।୯ (ମହାଭାରତ): ଶଙ୍ଖ ଭବନରେ ଆୟୋଜିତ ନୂଆପଡା ଜିଲ୍ଲା ସାଙ୍ଗଠନିକ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯୋଗ ଦେଇ ଜିଲ୍ଲାର କାର୍ଯ୍ୟକର୍ତ୍ତା, କର୍ମୀ ଓ ନିର୍ବାଚିତ ପ୍ରତିନିଧିମାନଙ୍କ ସହସଂଗଠନ ବିଷୟରେ ସିଧାସଳଖ ଆଲୋଚନା କରିଛନ୍ତି । ଏହି ସଭାରେ ଜିଲ୍ଲା ସଭାପତି ନରହରି ମିଶ୍ର, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ରାଜେନ୍ଦ୍ର ଢୋଲକିଆ, ଖରିଆର ବିଧାୟକ ଅଧିରାଜ ପାଣିଗ୍ରାହୀ, ସାଂସଦ ପ୍ରାର୍ଥୀ ଲମ୍ବୋଦର ନିହାଲ, ଜିଲ୍ଲା ପରିଷଦ ସଭାପତି ଡଲି ମାଝୀ ପ୍ରମୁଖ ଯୋଗ ଦେଇ ଦଳୀୟ ସଂଗଠନ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ ।ନୂଆପଡା ନେତୃମଣ୍ଡଳୀ ତାଙ୍କ ଅଭିଭାଷଣରେ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରି କହିଥିଲେ, ସାର୍ ଆମ ଜିଲ୍ଲାର ସମସ୍ତ ବିକାଶ ମୂଳକ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । ଆମ ଜିଲ୍ଲାର ବିକାଶ ପାଇଁ ଆମେ ଯାହା ମାଗିଛୁ, ଆପଣ ଅଜାଡି ଦେଇଛନ୍ତି । ଏବେ ସମୟ ଆସିଛି ଆପଣଙ୍କୁ ଫେରାଇବାର । ଆମେ ସମସ୍ତ ନେତୃବୃନ୍ଦ ପ୍ରତିଶ୍ରୁତି ଦେଉଛୁ, ଆପଣଙ୍କୁ ୧୪ରୁ ୧୪ ଜିଲ୍ଲା ପରିଷଦ ଓ ୫ଟି ବ୍ଲକର ଚେୟାରମ୍ୟାନ ଜିତାଇ ଆପଣଙ୍କ ପାଖରେ ପହଞ୍ଚାଇବୁ ।

ଏହି ସଭାରେ ନବୀନ ପଟ୍ଟନାୟକ କହିଲେ, ଆପଣମାନେ ବହୁ ପରିଶ୍ରମ କରି ଦୁଇ ଜଣ ବିଧାୟକ ଜିତାଇଥିବାରୁ ଆପଣଙ୍କୁ ବହୁତ ଧନ୍ୟବାଦ । ଆଗାମୀ ପଞ୍ଚାୟତ ନିର୍ବାଚନରେ ଏଭଳି ପରିଶ୍ରମ କରି ଦଳକୁ ଜିତାଇବାକୁ ପାଇଁ ଅନୁରୋଧ କରୁଛି । ଆମ ସରକାର ସମୟରେ ନୂଆପଡା ଜିଲ୍ଲାରେ ବହୁତ ଉନ୍ନତିମୂଳକ କାର୍ଯ୍ୟ କରାଯାଇଛି । ଜଗନ୍ନାଥ ସୁଯୋଗ ଦେଲେ ବାକି ରହିଥିବା କାମ ପୁଣି କରିବା । ଏ ସରକାରରେ ଭ୍ରଷ୍ଟାଚାର ଦିନକୁ ଦିନ ବଢିବାରେ ଲାଗିଛି । ରାଜ୍ୟପାଳଙ୍କ ପୁଅ ଓଡିଆ ଏଏସ୍ଓକୁ ମାଡ ଦେବା ଘଟଣା ହେଉ କି ଭରତପୁର ଥାନାରେ ମହିଳାଙ୍କୁ ଦୁର୍ବ୍ୟବହାର ଘଟଣା ହେଉ କିମ୍ବା ରାଉରକେଲାର ନାବାଳିକାଙ୍କୁ ଦୁଷ୍କର୍ମ ଘଟଣା ହେଉ । ଏଭଳି ଅକଥନୀୟ ଘଟଣାରେ ବିଜେପି ଶାସିତ ଆମ ରାଜ୍ୟରେ ବଢି ବଢି ଚାଲିଛି । ଏହା ଦୁର୍ଭାଗ୍ୟଜନକ । ସୁଭଦ୍ରା ଯୋଜନାରେ ମିଛ କହି ଲୋକଙ୍କଠାରୁ ଭୋଟ ନେଲେ । ଆପଣମାନେ ଏକତ୍ରୀତ ହୋଇ ଏ ସରକାର ବିରୋଧରେ ଲଢେଇ ଜାରି ରଖନ୍ତୁ । ମୁଁ ଆପଣମାନଙ୍କ ପାଖରେ ସଦସର୍ବଦା ରହିଛି । ବର୍ଷା ଛାଡିଲା ପରେ ମୁଁ ନୂଆପଡା ଜିଲ୍ଲା ଗସ୍ତ ଯାଇ ଆପଣଙ୍କ ସହ ପୁନର୍ବାର ଭେଟ ହେବି ।

## ଏମ୍ସ ଭୁବନେଶ୍ୱରରେ କାର୍ଯ୍ୟକ୍ଷମ ହେଲା ତମ୍ବାଖୁ ନିବାରଣ କେନ୍ଦ୍ର



ଭୁବନେଶ୍ୱର,୨୬।୯ (ମହାଭାରତ): ଏମ୍ସ ଭୁବନେଶ୍ୱରରେ କାର୍ଯ୍ୟକ୍ଷମ ହେଲା ତମ୍ବାଖୁ ନିବାରଣ କେନ୍ଦ୍ର(ଟିସିସି) । ଗତକାଲି ଆଭାସୀ ମାଧ୍ୟମରେ ଏହି କେନ୍ଦ୍ରକୁ ଉଦଘାଟନ କରିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଜେ.ପି. ନଡ୍ଡା। ତାଙ୍କ ସହିତ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଜ୍ୟ ମନ୍ତ୍ରୀ ଶ୍ରୀ ପ୍ରତାପରାଓ ଯାଦବ ମଧ୍ୟ ଉପସ୍ଥିତ ଥିଲେ। ତମ୍ବାଖୁମୁକ୍ତ ସମାଜ ଅଭିଯାନ ୨.୦ ର ଶୁଭାରମ୍ଭ ସହିତ ତମ୍ବାଖୁମୁକ୍ତ ସମାଜ ହାସଲ ଦିଗରେ ଭାରତର ପ୍ରୟାସରେ ଏହି କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ୬୦ ଦିନିଆ ଏହି ଅଭିଯାନର ଲକ୍ଷ୍ୟ ହେଉଛି ଦେଶର ଯୁବଗୋଷ୍ଠୀଙ୍କ ମଧ୍ୟରେ ତମ୍ବାଖୁ ବନ୍ଦ କରିବା ଦିଗରେ ସଚେତନତା ସୃଷ୍ଟି କରିବା ଏବଂ ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ ଆଣିବା। ଏପରି ପଦକ୍ଷେପ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଜନସ୍ୱାସ୍ଥ୍ୟ ପ୍ରତି ଭାରତ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଥିବା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଜେ.ପି ନଡ୍ଡା ପ୍ରକାଶ କରିଥିଲେ।

ଏପରି ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ଆରମ୍ଭ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିବାରୁ ମାନସିକ ରୋଗ ବିଭାଗକୁ ପ୍ରଶଂସା କରିଥିଲେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ। ଭବିଷ୍ୟତରେ ରୋଗୀମାନଙ୍କର ସାମଗ୍ରିକ ପରିଚାଳନା ସୁନିଶ୍ଚିତ କରିବା ପାଇଁ ଅନ୍ୟ ବିଭାଗଗୁଡ଼ିକର ସହଯୋଗରେ ଏହି ସେବାକୁ ପ୍ରସାର କରିବାର ଆବଶ୍ୟକତା ଉପରେ ଡ. ବିଶ୍ୱାସ ଗୁରୁତ୍ୱାରୋପ କରିଥିଲେ। ସେହିପରି ଟିସିସି ସେବାର କାର୍ଯ୍ୟକାରୀତାକୁ ଦୃଢ଼ କରିବା ପାଇଁ ରୋଗୀ ସଚେତନତା ଅଭିଯାନର ମହତ୍ତ୍ୱ ସଂପର୍କରେ ମତ ରଖିଥିଲେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ।

ମାନସିକ ରୋଗ ବିଭାଗ ମୁଖ୍ୟ ଡ. ବିଶ୍ୱରଂଜନ ମିଶ୍ର, ତମ୍ବାଖୁ ନିରାକରଣ ତଥା ସମାପନ କ୍ଷେତ୍ରରେ ଏହି କେନ୍ଦ୍ର ବିଶେଷ ସହାୟକ ହେବାନେଇ ମତ ରଖିଥିଲେ। ତମ୍ବାଖୁ ନିର୍ଭରଶୀଳତାକୁ ଦୂର କରିବା ସହିତ ରୋଗୀଙ୍କୁ ସହାୟତା କରିବା ପାଇଁ ଫାର୍ମାକୋଲୋଜିକାଲ୍ ଏବଂ ସାଇକୋଲୋଜିକାଲ ସହାୟତାକୁ ଏକୀକୃତ କରି କେନ୍ଦ୍ର ଏକ ବ୍ୟାପକ ଆଭିମୁଖ୍ୟ ପ୍ରଦାନ କରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ।

ପୂର୍ଣ୍ଣ କାର୍ଯ୍ୟକ୍ଷମ ଟିସିସି ତାଲିମପ୍ରାପ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ଦ୍ୱାରା ପରିଚାଳିତ ହେବ। ଔଷଧ ଏବଂ କାଉନସେଲିଂ ମାଧ୍ୟମରେ ଉଭୟ ଧୂମପାନ ଏବଂ ତମ୍ବାଖୁ ସେବନ ନିବାରଣ ନିମନ୍ତେ ବିଶେଷ ଚିକିତ୍ସା ପ୍ରଦାନ କରାଯିବ। ଏହି କେନ୍ଦ୍ର ଦୈନିକ କାର୍ଯ୍ୟ କରିବ।

ରାଜ୍ୟରେ ତମ୍ବାଖୁର ବ୍ୟାପକ ବ୍ୟବହାର ଏବଂ ଏନେଇ ସୃଷ୍ଟି ହେଉଥିବା ଏକାଧିକ ପ୍ରାଣଘାତୀ ରୋଗକୁ ଦୃଷ୍ଟିରେ ରଖି ଏମ୍ସ ଭୁବନେଶ୍ୱରରେ ଆରମ୍ଭ ହୋଇଥିବା ଏହି ଟିସିସି ତମ୍ବାଖୁ ଛାଡିବାକୁ ଚାହୁଁଥିବା ବ୍ୟକ୍ତିଙ୍କ ପାଇଁ ବହୁମୁଖୀ ଯତ୍ନ ଏବଂ ସହାୟତା ପ୍ରଦାନ କରିବ।

ଉଦ୍‌ଘାଟନୀ ଉତ୍ସବରେ ଡିନ ଡ. ପି. ଆର. ମହାପାତ୍ର, ମେଡିକାଲ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିଡିଏ କର୍ଣ୍ଣଲ ଅଭିଜିତ ସରକାରଙ୍କ ସମେତ ପଲ୍ମୋନାରୀ ମେଡିସିନ୍, ସିଏମ୍ଏଫ୍ଏମ୍, ଟ୍ରମା ଏବଂ ଜରୁରୀକାଳୀନ, ଦନ୍ତ ଚିକିତ୍ସା, ମେଡିସିନ୍, ମେଡିକାଲ୍ ଅଙ୍କୋଲୋଜି ଆଦି ବିଭାଗୀୟ ମୁଖ୍ୟ ଏବଂ ମାନସିକ ରୋଗ ବିଭାଗର ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ।

## କେନ୍ଦୁଝର ଜିଲ୍ଲା ପ୍ରଶାସନିକ ସ୍ଥାଣୁତା ଓ ବ୍ୟାପକ ଦୁର୍ନୀତିରେ ଶିକାର

ଭୁବନେଶ୍ୱର,୨୬।୯ (ମହାଭାରତ): କେନ୍ଦୁଝର ଜିଲ୍ଲାର ତେଲକୋଇ ବ୍ଲକ ଅନ୍ତର୍ଗତ ରାଇସୁଆଁ ଗ୍ରାମର ୮୦ ବର୍ଷିଆ ବୃଦ୍ଧା ପଥୁରୀ ଦେହୁରି ନିଜ ଘରଠାରୁ ୨ କି.ମି. ଦୂର ପଂଚାୟତ କାର୍ଯ୍ୟାଳୟକୁ ଗୁରୁଣ୍ଡି ଗୁରୁଣ୍ଡି ବାର୍ଦ୍ଧକ୍ୟ ଭତା ନେବାପାଇଁ ଆସିବା ଘଟଣା ଏବେ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହୋଇଛି। ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଜୟଦେବ ଜେନା ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ସ୍ଥାନୀୟ ପ୍ରଶାସନକୁ ନିନ୍ଦା କରିବା ସହ କହିଛନ୍ତି ଯେ ଅର୍କମଣ୍ୟ ଏବଂ ଅତିଶୟ ବୃଦ୍ଧ ବ୍ୟକ୍ତିଙ୍କୁ ତାଙ୍କ ଘରେ ବାର୍ଦ୍ଧକ୍ୟଭତା ଅର୍ଥରାଶୀ ପ୍ରଦାନ କରିବା ପାଇଁ ସରକାରୀ ବ୍ୟବସ୍ଥା ଥିଲେ ମଧ୍ୟ ଏହାକୁ ସ୍ଥାନୀୟ ପ୍ରଶାସନ ମାନୁନାହାନ୍ତି। ଅର୍କମଣ୍ୟଙ୍କୁ ପଂଚାୟତ କାର୍ଯ୍ୟାଳୟ ଆସି ଭତା ନେବାକୁ ବାଧ କରାଯାଉଛି। ଏହି ଘଟଣା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନିଜ ଜିଲ୍ଲାରେ ଘଟିବା ଦୁର୍ଭାଗ୍ୟଜନକ।



ଶ୍ରୀ ଜେନା କହିଛନ୍ତି ଯେ ରତ୍ନଗର୍ଭା କେନ୍ଦୁଝର ଜିଲ୍ଲା ଏକ ବିତଶାଳୀ ଜିଲ୍ଲା ହୋଇପାରେ ମାତ୍ର ଏହାର ଅଧିବାସୀମାନେ ଦୁର୍ଦ୍ଦଶା ଓ ଦୁଃଖରେ କାଳତିପାତ କରୁଛନ୍ତି। ରାଜ୍ୟ ରାଜକୋଷକୁ କେନ୍ଦୁଝର ଜିଲ୍ଲାର ଅବଦାନ ସର୍ବାଧିକ। କେନ୍ଦୁଝର ଜିଲ୍ଲାର ମାଟି, ପାଣି, ପବନ ସବକିଛି ଖଣି ଖନନ ପାଇଁ ପ୍ରଭାବିତ ଏବଂ ଦୂଷିତ। ଖଣି ଖନନ ଯୋଗୁଁ କେନ୍ଦୁଝର ଅଧିବାସୀ ବିଭିନ୍ନ ମାରାତ୍ମକ ରୋଗରେ ପୀଡ଼ିତ। ଏହି ଜିଲ୍ଲାର ୧୩ଟି ବ୍ଲକର ୮୯ ଟି ପଂଚାୟତ ସିଧାସଳଖ ଖଣିଦ୍ୱାରା ପ୍ରଭାବିତ। ଏଠାରେ ଉଲ୍ଲେଖ୍ୟ ଯୋଗ୍ୟ ଯେ ଏହି ଜିଲ୍ଲାରେ ଡିଏମଏଫ ଫଣ୍ଡ ୮୮୪୦ କୋଟିରୁ ଅଧିକ ଅର୍ଥ ସଂଗ୍ରହ ହୋଇପାରିଛି। କେନ୍ଦୁଝର ଜିଲ୍ଲାର ସମୁଦାୟ ୧୮ଲକ୍ଷ ଜନସଂଖ୍ୟାରୁ ୮ଲକ୍ଷ ଆଦିବାସୀ ବର୍ଗର। ନୀତି ଆୟୋଗକଙ୍କ ରିପୋର୍ଟ ଅନୁଯାୟି କେନ୍ଦୁଝର ୪୧.୭୮ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। କେନ୍ଦୁଝର ୮୦ ପ୍ରତିଶତ ପରିବାର ରାସନ ଚାଉଳ ଉପରେ ନିର୍ଭରଶୀଳ। ଏବେ ପୁଣି ୧୦ ହଜାର ପରିବାର ନୂଆ ରାସନକାର୍ଡ଼ ପାଇଁ ଆବେଦନ କରିଛନ୍ତି। ଡିଏମଏଫ ପାଣ୍ଠିରୁ ଏହି ଜିଲ୍ଲାରେ ଉନ୍ନୟନ ପାଇଁ ବର୍ଷକୁ ୫୦୦ କୋଟି ଖର୍ଚ୍ଚ କରାଯାଉଛି। ଗତ ୯ ବର୍ଷରେ ୪୮୮୩ କୋଟି ଟଙ୍କା ଏହି ଜିଲ୍ଲାରେ କାହା ସ୍ୱାର୍ଥରେ ବିନିଯୋଗ ହୋଇଛି ବୋଲି ଶ୍ରୀ ଜେନା ପ୍ରଶ୍ନ କରିଛନ୍ତି। କେନ୍ଦୁଝର ଓମବାଡକ ରୁ ୧୬୦୦ କୋଟି ଟଙ୍କା ଧାର ନେଇ ଅନ୍ୟ କେଉଁଠାରେ ଖର୍ଚ୍ଚ ହୋଇଛି ତାହା ଜିଲ୍ଲାବାସୀ ଜାଣିବା ଦରକାର। ସରକାର ଅନ୍ୟ ଜିଲ୍ଲାରେ ମେଡିକାଲ କଲେଜ ପାଇଁ ଅନୁଦାନ ଦେଉଛନ୍ତି ମାତ୍ର କେନ୍ଦୁଝର ଜିଲ୍ଲାକୁ ଦେଲେ ନାହିଁ। କେନ୍ଦୁଝର ଡିଏମଏଫ ଫଣ୍ଡରୁ ୩୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇ କେନ୍ଦୁଝରରେ ମେଡିକାଲ କଲେଜ କରାଯାଇଛି। କେନ୍ଦୁଝର ଜିଲ୍ଲାର ସମସ୍ୟା ପ୍ରତି ସରକାର ଉଦାସୀନ ରହିଆସୁଛନ୍ତି। ୨୦୨୩ ମସିହାରେ ୧ମାସ ସମୟରେ ବାଉଁଶପାଳ ବ୍ଲକ ଅନ୍ତର୍ଗତ ଗୋନାଶିକାର ଜନ୍ତାରୀ ଗ୍ରାମରେ ୧୧ ଜଣ ଜୁଆଙ୍ଗଙ୍କଙ୍କ ମୃତ୍ୟୁ ହେଲା। ମୃତ୍ୟୁର କାରଣ ଦୂଷିତ ଜଳ ଓ ସ୍ୱାସ୍ଥ୍ୟ ସେବାର ଅଭାବ। ସେହିପରି କେନ୍ଦୁଝର ସଦର ବ୍ଲକର ପଦ୍ମପୁର ଗ୍ରାମର କୁରୁଡୁ ସାହି ବାସିନ୍ଦା ମହିଳା ନନ୍ଦି ମୁଣ୍ଡାଙ୍କର ମୃତ୍ୟୁ ନିକଟରେ କେନ୍ଦୁଝର ମେଡିକାଲ କଲେଜରେ ହେଲା, ଯାହାର କାରଣ ଥିଲା ଅପପୃଷ୍ଟି।

## ଆତିଥେୟତା ସାଙ୍ଗକୁ ମାନବିକତାକୁ ନେଇ ଉତ୍ସବ



ଭୁବନେଶ୍ୱର,୨୬।୯ (ମହାଭାରତ): ଚଳିତ ବର୍ଷର ବିଶ୍ୱ ପର୍ଯ୍ୟଟନ ଦିବସର ବିଷୟବସ୍ତୁ 'ପର୍ଯ୍ୟଟନ ଓ ଶାନ୍ତି'କୁ ଦୃଷ୍ଟିରେ ରଖି ପର୍ଯ୍ୟଟନ ବିଭାଗର ସାଂସ୍କୃତିକ ପରିଷଦ ତରଫରୁ ଭୁବନେଶ୍ୱରସ୍ଥିତ ପର୍ଯ୍ୟଟନ ଭବନଠାରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା।

ଏହି ଶିବିରକୁ ଉଦଘାଟନ କରି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ପର୍ଯ୍ୟଟନ ବିଭାଗର ଏଭଳି ପଦକ୍ଷେପକୁ ସ୍ୱାଗତ କହିବା ସହ ଆତିଥେୟତା ଓ ମାନବିକତାର ପ୍ରଦର୍ଶନ, ପ୍ରସାର ଓ ଜନସଚେତନତା ନିମନ୍ତେ କର୍ମଚାରୀମାନଙ୍କ ଏପରି ପ୍ରୟାସକୁ ଅଭିନନ୍ଦନ ଜଣାଇବା ସହ ନିଜର ଖୁସି ବ୍ୟକ୍ତ କରିଥିଲେ। ମନ୍ତ୍ରୀ ଶ୍ରୀମତୀ ପରିଡ଼ା ଆଇଏଚ୍ଏମ୍‌ରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିବା ସହ ପ୍ରଥମେ ରକ୍ତଦାନ କରିଥିବା ସ୍ୱେଚ୍ଛାସେବୀ ଦେବ ଲୋହାର, ସବ୍ୟସାଚୀ ପଣ୍ଡା, ବିଭୂତି କୁମାର ନାୟକ, ସୋମେଶ କୁମାର ସାହୁଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । ପରେ ଅନ୍ୟ ସମସ୍ତ ରକ୍ତଦାତାଙ୍କୁ ମଧ୍ୟ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିବିରରେ ଭାରତୀୟ ରେଡକ୍ରସ ସୋସାଇଟି, ଓଡ଼ିଶା ଶାଖାର ସହଯୋଗରେ ୭୫ ୟୁନିଟରୁ ଅଧିକ ରକ୍ତ ସଂଗ୍ରହ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ, ଓଟିଡିସି ଅଧିକାରୀ, ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ ଏବଂ ଆଇଏଚଏମ ଭୁବନେଶ୍ୱରର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

## ମୋହନ ସରକାର ଆଦିବାସୀ ବିରୋଧୀ : ସସ୍ମିତ ପାତ୍ର

ଭୁବନେଶ୍ୱର,୨୬।୯ (ମହାଭାରତ): ବିଜେଡି ସାଂସଦ ସସ୍ମିତ ପାତ୍ର ମଧ୍ୟ ଆଦିବାସୀଙ୍କ ହକ୍ କଥା ଉଠାଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି ଯେ, ମୋହନ ସରକାର ଆଦିବାସୀ ବିରୋଧୀ । କେଉଁଠି ନା କେଉଁଠି ତାଙ୍କ ଇଚ୍ଛାଶକ୍ତି ନାହିଁ ଆଦିବାସୀଙ୍କ ପାଇଁ ଭଲ କରିବାକୁ. ୧୮% ଜିଏସଟି ଛାଡ଼ ହେଲାନି ଯ ଅନେକ ଚିଠି ଲେଖିଛନ୍ତି ନବୀନ ପଟ୍ଟନାୟକ. ଆଦିବାସୀଙ୍କୁ ମାନ୍ୟତା ମିଳୁନି । ଏହା ଡବଲ ଇଂଜିନ ନୁହେଁ ଡବଲ ଫମ୍ପା ସରକାର । ୧୦୦ ଦିନରେ ଆଦିବାସୀ ବିରୋଧୀ ସରକାର କହିଲେ ଅତ୍ୟକ୍ତି ହେବ ନାହିଁ । ସେ କହିଛନ୍ତି ଯେ ଆମେ ଆଶା କରୁଛୁ, ମୋହନ ମାଝୀ ଆଦିବାସୀ ହୋଇଥିବାରୁ, ଆଦିବାସୀ କଲ୍ୟାଣ ପାଇଁ କାମ କରନ୍ତୁ. କ୍ଷମତା ପାଇଁ କାମ ନୁହେଁ, ବିକାଶ ପାଇଁ କାମ କରନ୍ତୁ. ଏସଡିସି ପୁଣି କାର୍ଯ୍ୟକାରୀ ହେଉ. ବୃତ୍ତି ପୁଣି ଆରମ୍ଭ ହେଉ. ନ ହେଲେ ଆଦିବାସୀ ଆଗକୁ ଏହାର ଜବାବ ଦେବେ ବୋଲି ସସ୍ମିତ ପାତ୍ର କହିଛନ୍ତି।

ଅନ୍ୟପଟେ ବିଜେଡି ମୁଖପାତ୍ର ପ୍ରିୟବ୍ରତ ମାଝୀ କହିଛନ୍ତି ଯେ, ଓଡ଼ିଶାରେ ୨୩% ଆଦିବାସୀ ଅଛନ୍ତି. ୬୪ ବର୍ଗ ଆଦିବାସୀ ଅଛନ୍ତି. ଆଦିବାସୀଙ୍କ ନାଁରେ ତିନୋଟି ମେଡିକାଲ କଲେଜ କରିଥିଲେ ନବୀନ ପଟ୍ଟନାୟକ. ବାରିପଦା, କୋରାପୁଟ ଓ କଳାହାଣ୍ଡିରେ ଅଛି. ଦୁଇଟି ହକି ବିଶ୍ୱ କପ ହୋଇଥିଲା. ବିର୍ସା ମୁଣ୍ଡା ଷ୍ଟାଡିଅମ ଅତ୍ୟାଧୁନିକ ଭାବେ ଆଦିବାସୀଙ୍କ ନାଁରେ ହୋଇଛି।

## ରାସ୍ତାକଡରେ ବର୍ଜ୍ୟ ପକାଉଥିବାରୁ ୩ ଦୋକାନକୁ ବନ୍ଦ କଲା ବିଏମ୍‌ସି

ଭୁବନେଶ୍ୱର,୨୬।୯ (ମହାଭାରତ): କେନାଲ ଓ ରାସ୍ତା କଡରେ ବର୍ଜ୍ୟ ପକାଇବା ଏବଂ ସେଗୁଡିକୁ ପୋଡିବା ଅଭିଯୋଗରେ ଆଜି ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ୩ଟି ଦୋକାନକୁ ବନ୍ଦ କରିଦିଆଯାଇଛି । ଜିଜିପି କଲୋନୀଠାରୁ ଝାରପଡା କେନାଲ ବନ୍ଧ ଭାଗବତ ସନ୍ଧାନ ଛକରେ ଥିବା ସାଇ ଆରୋଗ୍ୟମ୍ ପ୍ଲସ୍ ମେଡିସିନ ଷ୍ଟୋର ଓ ପାଥୋଲାବ, ଏଲ୍ ଜୋନ୍ ସେଲୁନ୍ ଏବଂ ସଂଗ୍ରୀତା ବେକରୀକୁ ବିଏମ୍ ସି ପକ୍ଷରୁ ବନ୍ଦ କରିଦିଆଯାଇଛି । କେନାଲ ଓ ରାସ୍ତା କଡରେ ଅଳିଆ ପକାଇବା ସହ ସେଗୁଡିକୁ ନିଆଁ ଲଗାଇ ପୋଡିଥିବାର ଠୋସ୍ ପ୍ରମାଣ ପାଇବା ପରେ ସେମାନଙ୍କ ଦୋକାନ ବନ୍ଦ କରିଦିଆଯାଇଛି । ଡେପୁଟି କମିଶନର (ପରିମଳ)ଙ୍କ ନିର୍ଦ୍ଦେଶ କ୍ରମେ ଉପସ୍ଥିତ ସାଇନ୍ ଟିମ୍ ଓ ଟିମ୍ ବିଏମ୍ ସି ଦୋକାନ ବନ୍ଦ କରିଛନ୍ତି ।

ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ପକ୍ଷରୁ ସ୍ୱଚ୍ଛତା ପକ୍ଷ ଅବସରରେ ବିଭିନ୍ନ ସ୍ଥାନରେ ଜାରି ରହିଛି ପ୍ଲଗାଥନ । ସ୍ୱଚ୍ଛତାହିଁ ସେବା ଅଭିଯାନ ଅବସରରେ ଆଜି ଐତିହାସିକ ପୀଠସ୍ଥଳୀ ଖଣ୍ଡଗିରି ଓ ଉଦୟଗିରି ଏବଂ ୧୮ ନମ୍ବର ୱାର୍ଡ ଅନ୍ତର୍ଗତ ଜିଜିପି କଲୋନୀଠାରୁ ୧୯ ନମ୍ବର ୱାର୍ଡର ଭଗବାନ ଟାୱାର ପର୍ଯ୍ୟନ୍ତ କେନାଲବନ୍ଧ ରାସ୍ତା, ମଳୟ ବିହାର ଏବଂ ଜଗନ୍ନାଥ ନଗରର କେତେକ ଅଂଚଳରେ ଗଣ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଖଣ୍ଡଗିରି ଓ ଉଦୟଗିରିଠାରେ ଅତିରିକ୍ତ କମିଶନର ଶ୍ରୀ ଶୁଭେନ୍ଦୁ କୁମାର ସାହୁଙ୍କ ସହ ସାଉଥ-ୱେଷ୍ଟ ଜୋନାଲ କମିଶନର ରୋଶନ ଶତପଥି, ସହକାରୀ କମିଶନର ଶ୍ରୀ ଏନ୍ ଗଣେଶ ବାବୁ, ସାଉଥ୍-ୱେଷ୍ଟ ଡିସିଙ୍କ ସହ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ବରିଷ୍ଠ ନାଗରିକ, ଆବାସିକ ସଂଗଠନ, ସ୍ୱେଚ୍ଛାସେବୀଙ୍କ ସହ ଟିମ୍



ବିଏମ୍ ସି ଗଣ ସଫେଇ କାର୍ଯ୍ୟକ୍ରମରେ ସାମିଲ ମୋଟ ୩୨୦ ଜଣ ସାମିଲ ହୋଇଥିଲେ । ଏଠାରେ ୨.୫ ମେଟ୍ରିକ ଟନ ବର୍ଜ୍ୟ ସଂଗ୍ରହ କରାଯାଇଛ ।

୧୮ ଓ ୧୯ ନମ୍ବର ୱାର୍ଡର ପ୍ରାୟ ୩ କିଲୋମିଟର ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଗଣସଫେଇରେ ୮ ଟ୍ରିପ୍ ବର୍ଜ୍ୟ ସଂଗ୍ରହ କରାଯାଇଥିଲା । ଡେପୁଟି କମିଶନର (ପରିମଳ) ଡକ୍ଟର ମନୋରଂଜନ ସାହୁ, ନର୍ଥ ଜୋନ୍ ଡେପୁଟି କମିଶନର ପ୍ରୀୟଦର୍ଶନୀ ଜେନାଙ୍କ ସହ ୧୮ ନମ୍ବର କର୍ପୋରେଟର ବିପ୍ଳବ ବେହେରା ଉପସ୍ଥିତ ଥିଲେ ।

ଏହି ସବୁ କାର୍ଯ୍ୟକ୍ରମରେ ଶହ ଶହ ନାଗରିକ, ଆବାସିକ ସଂଗଠନ, ସ୍ୱେଚ୍ଛାସେବୀ, ବିଭିନ୍ନ ସଂଗଠନ, ସ୍ୱଚ୍ଛସାଥୀ, ସ୍ୱଚ୍ଛକର୍ମୀ, ସ୍ୱଚ୍ଛ ସୁପରଭାଇଜର, ସାନିଟାରୀ ଇନସ୍ପେକ୍ଟର ସାମିଲ ହୋଇଥିଲେ । ଗଣ ସଫେଇ କରିବା ସହ ଭୁବନେଶ୍ୱରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରିବା ପାଇଁ ଲୋକମାନଙ୍କୁ ସଚେତନ କରାଇଥିଲେ । ଘରୁ ଓ ଦୋକାନରୁ ବାହାରୁ ଥିବା ବର୍ଜ୍ୟକୁ ଏଣେ ତେଣେ ନ ପକାଇ ଓଦା ଓ ସୁଖିଲା ବର୍ଜ୍ୟ ଅଲଗା ଅଲଗା କରି ବିଏମ୍ ସି ଗାଡିକୁ ଦେବାକୁ ସ୍ଥାନୀୟ ଦୋକାନୀ ଓ ବାସିନ୍ଦାମାନଙ୍କୁ ବୁଝାଇଥିଲେ ।

ସେହିପରି ବିଏମ୍ ସି ପକ୍ଷରୁ ବିଭିନ୍ନ ଖାଓ ଗଳି ଓ ଫୁଡ୍ ଷ୍ଟ୍ରିଟ୍ ଅଂଚଳଗୁଡିକରେ ଆଜି ସଫେଇ କରାଯାଇଥିଲା । ସେଗୁଡିକ ମଧ୍ୟରେ ସହିଦ ନଗର ଖାଓ ଗଳି, ସତ୍ୟ ନଗର ନ୍ୟୁ ବଜାର ସମ୍ମୁଖ, ୯ ନମ୍ବର ଖାଓଗଳି, ଆଦି ଅଂଚଳରେ ୧୧୦ ଜଣ ଦୋକାନୀ ରହିଥିଲେ । ଜାଗମରା ଫୁଡ୍ ପାର୍କରେ ୨୦ ଦୋକାନ ଅଛି । ଏଠାରେ ମଧ ଗଣ ସଫେଇରେ ପ୍ରାୟ ୨୦ ଜଣ ସ୍ୱେଚ୍ଛାସେବୀ ସଫେଇ କରିଥିଲେ। ଜନପଥ, ରାମମନ୍ଦିର, ମାଉସୀ ମା' ମନ୍ଦିର ନିଟକରେ ଥିବା ଫୁଡ ଷ୍ଟ୍ରୀଟରେ ଗଣ ସଫେଇ କରାଯାଇଥିଲା । ଏହି ସବୁ ସ୍ଥାନରେ ଭେଣ୍ଡରମାନେ ସଫେଇରେ ଯୋଗଦେଇଥିଲେ । ଏହି ଅବସରରେ ଟିଟିଏସରେ ସ୍ୱଚ୍ଛ କର୍ମୀଙ୍କ ମଧ୍ୟରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଗୀତ, ନୃତ୍ୟ ଏବଂ ବିଭିନ୍ନ ଖେଳ କରାଯାଇଥିଲା । ଏହି ଅଭିଯାନ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବି ଏମ୍ ସି ପକ୍ଷରୁ କୁହାଯାଇଛି ।

# ଟ୍ରେନକୁ ଟାର୍ଗେଟ

ଟ୍ରେନ ଦୁର୍ଘଟଣା କରି ଧନଜୀବନ ହାନି କରିବା ଏବଂ ଭାରତର ଅର୍ଥ ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିବା ହେଉଛି ଏହାର ଉଦ୍ଦେଶ୍ୟ। କାରଣ ଭାରତୀୟ ଅର୍ଥନୀତିର ଲାଇଫ ଲାଇନ ହେଲା ରେଳବାଇ। ବିଶ୍ୱର ବୃହତ୍ତମ ରେଳ ନେଟୱାର୍କ ହେଲା ଭାରତୀୟ ରେଳବାଇ। ପ୍ରତିଦିନ ଭାରତରେ ୨ କୋଟି ଲୋକ ଯିବାଆସିବା କରନ୍ତି ଯାହା ବିଶ୍ୱର ଅନେକ ଦେଶର ମୋଟ ଜନସଂଖ୍ୟାଠାରୁ ଅଧିକ। ;ରେଳବାଇ ହେଉଛି ମାଲ ପରିବହନର ମୁଖ୍ୟ ମାଧ୍ୟମ। କୋଇଲାଠାରୁ ଆରମ୍ଭ କରି ବିଭିନ୍ନ ଖଣିଜ ପଦାର୍ଥ, ଖାଦ୍ୟ ସାମଗ୍ରୀ ଏବଂ ଅନ୍ୟାନ୍ୟ ସାମଗ୍ରୀ ରେଳବାଇ ଦ୍ୱାରା ଦେଶର ବିଭିନ୍ନ ସ୍ଥାନକୁ ପରିବହନ ହୋଇଥାଏ। ଯଦି ରେଳବାଇର ମାଲ ପରିବହନ ବ୍ୟବସ୍ଥା ଠପ ହୋଇଯିବ ତେବେ ଅନେକ ଶିଳ୍ପ ବନ୍ଦ ହେବା ଭଳି ପରିସ୍ଥିତି ସୃଷ୍ଟି ହେବ। କୋଇଲା ପରିବହନ ବନ୍ଦ ହୋଇଗଲେ ଥର୍ମାଲ ପାୱାର ପ୍ଲାଣ୍ଟ ସବୁ ବନ୍ଦ ହୋଇଯିବ ଏବଂ ବିଦ୍ୟୁତ ଯୋଗାଣ ବ୍ୟାହତ ହେବ। ଖାଦ୍ୟ ସାମଗ୍ରୀ ପରିବହନ ବନ୍ଦ ହୋଇଗଲେ ଦେଶରେ ଖାଦ୍ୟ ସୁରକ୍ଷା ଯୋଜନା ଗୁରୁତର ପ୍ରଭାବିତ ହେବ। ଆତଙ୍କବାଦୀମାନେ ଏହା ହିଁ ଚାହାଁନ୍ତି ଗୋଟିଏ ବୋମା ବିସ୍ଫୋରଣରେ ଯେତିକି ଲୋକ ପ୍ରାଣ ହରାଇବାର ଆଶଙ୍କା ରହିଛି, ଗୋଟିଏ ଟ୍ରେନ ଦୁର୍ଘଟଣା ହେଲେ ତାହାଠାରୁ ।ଢେର ଅଧିକ ଲୋକଙ୍କ ଜୀବନ ଯିବ। ବାହାନଗା ଟ୍ରେନ ଦୁର୍ଘଟଣା ଏହାର ଉଦାହରଣ। ପାକ୍ ଆତଙ୍କବାଦୀ ସଙ୍ଗଠନ ପକ୍ଷରୁ ଏହାର ଆତ୍ମଘାତୀ ବାହିନୀକୁ ଏଥିଲାଗି ନିର୍ଦ୍ଦେଶ ଦିଆଯାଇଛି। ଏହା ଭାରତ ପାଇଁ ଏକ ବିପଦ ସଙ୍କେତ। ଗତ କିଛି ଦିନ ଭିତରେ ଦେଶର ବିଭିନ୍ନ ସ୍ଥାନରେ ବିଶେଷ କରି ଉତ୍ତର ଓ ପଶ୍ଚିମ ଭାରତରେ ଏଭଳି ଅନେକ ଘଟଣା ଘଟିଛି ଯାହା ପଛରେ ଆତଙ୍କବାଦୀ ସଙ୍ଗଠନର ଷଡ଼ଯନ୍ତ୍ର ରହିଥିବା ସ୍ପଷ୍ଟ। ଗତ ମାସରେ ବନ୍ଦେ ଭାରତ ଏକ୍ସପ୍ରେସକୁ ଲାଇନଚ୍ୟୁତ କରିବା ଲାଗି ଏଭଳି ଏକ ଷଡ଼ଯନ୍ତ୍ର ହୋଇଥିଲା। ଏହା ପରେ ସାବରମତୀ ଏକ୍ସପ୍ରେସ ଲାଇନଚ୍ୟୁତ ହୋଇଥିଲା। ସୋମବାର କାନପୁର ନିକଟରେ କାଳିନ୍ଦୀ ଏକ୍ସପ୍ରେସକୁ ଲାଇନ ଚ୍ୟୁତ କରିବା ପାଇଁ ପ୍ରୟାସ କରାଯାଇଥିଲା। ଟ୍ରେନ ଲାଇନରେ ଏକ ଗ୍ୟାସ ସିଲିଣ୍ଡର ରହିଥିଲା। ଏହା ସହିତ କିଛି ଆଲୁମିନିୟମ ପାଉଡର ମଧ୍ୟ ରହିଥିଲା। ଯଦି ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହୋଇଥାଆନ୍ତା ତେବେ ଆଲୁମିନିୟମ ପାଉଡରରେ ନିଆଁ ଲାଗି ବଡ଼ ଧରଣର ଅଘଟଣା ଘଟିଥାଆନ୍ତା। ଟ୍ରେନରେ ନିଆଁ ଲାଗି ଅନେକ ଧନଜୀବନ ନଷ୍ଟ ହୋଇଥାଆନ୍ତା। ସୌଭାଗ୍ୟକୁ ଏଭଳି ଅଘଟଣାକୁ ଟାଳିଦିଆଯାଇପାରିଲା। ଏହାର ୨୪ ଘଣ୍ଟା ଭିତରେ ରାଜସ୍ଥାନରେ ଏଭଳି ଏକ ଷଡ଼ଯନ୍ତ୍ର ଧରାପଡ଼ିଛି। ଟ୍ରେନ ଲାଇନରେ ଏକ ୭୦ କେଜି ଓଜନର ସିମେଣ୍ଟ ଖଣ୍ଡ ରଖାଯାଇଥିଲା। ଏହି ଲାଇନରେ ଆସୁଥିବା ଏକ ମାଲବାହୀ ଟ୍ରେନ ଏହାକୁ ଧକ୍କା ଦେଇଥିଲା। ହୁଏତ ଯାତ୍ରୀବାହୀ ଟ୍ରେନ ହୋଇଥିଲେ ଏହା ଲାଇନଚ୍ୟୁତ ହୋଇଥାଆନ୍ତା ଏବଂ ଅନେକ ଧନଜୀବନ ନଷ୍ଟ ହୋଇଥାଆନ୍ତା। କେବଳ ଧନଜୀବନ ହାନି ନୁହେଁ, ବାରମ୍ବାର ଏପରି ଦୁର୍ଘଟଣା ଘଟିଲେ ରେଳନେଟୱାର୍କ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିବ। ଆତଙ୍କବାଦୀ ସଙ୍ଗଠନ ପକ୍ଷରୁ ଦେଶର ବଡ଼ ବଡ଼ ନଗରୀ ଯଥା ମୁମ୍ବାଇ, ଦିଲ୍ଲୀ ଭଳି ସହରରେ ଟ୍ରେନ ଦୁର୍ଘଟଣା ନିମନ୍ତେ ଯୋଜନା କରାଯାଇଛି। ସେହିପରି ସଡ଼କ ପଥରେ ମଧ୍ୟ ଟ୍ରକରେ ମାଲ ପରିବହନ, ମାଟି ତଳେ ଯାଇଥିବା ଗ୍ୟାସ ଏବଂ ତେଲ ପାଇପ ଲାଇନକୁ ବିସ୍ଫୋରଣରେ ଉଡ଼ାଇ ସପ୍ଲାଇ ଚେନକୁ ଧ୍ୱଂସ କରିବା ପାଇଁ ଆତଙ୍କବାଦୀ ସଙ୍ଗଠନ ଗୁଡ଼ିକ ଯୋଜନା କରୁଛନ୍ତି।

# ପାକ୍ ଓ ଜମାତର ଭାରତ ବିରୋଧୀ ପ୍ରଚ୍ଛର

॥ ସୌମେନ୍ଦ୍ର ଜେନା ॥

> "ପ୍ରାଥମିକ ସ୍ତରରେ ଉଜ୍ଜ୍ୱଳ ଭବିଷ୍ୟତ ତଥା ଅହେତୁକ ମୃତ୍ୟୁ ପରେ ପରିବାର ପୋଷଣ ଜନିତ କଷ୍ଟ ଦୂର କରିବା ଲକ୍ଷ ରଖି ବ୍ୟାପକ ବୀମା/ସଂଚୟ ମାଧ୍ୟମରେ ଆଶାତୀତ ରୋଜଗାର ବ୍ୟର୍ଥ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ସ୍ୱପ୍ନ । ଏକ ରାଜପ୍ରାସାଦ ନିର୍ମାଣର ସ୍ୱପ୍ନରେ ପୀଡିତ ମର୍ମାହତ ପରିସ୍ଥିତିରେ ମଧ୍ୟ ଜୀବନର ସର୍ବସ୍ୱ ବ୍ୟର୍ଥ କରିବାରେ ଆଦୌ କୁଣ୍ଠାବୋଧ କରିନଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଭାବିଥିଲେ ମଧ୍ୟ ସାକାର କରିବାରେ ଅସମର୍ଥ ରହି ଦୁଃଖରୁ ନିବୃତ ରହିଥା'ନ୍ତି ।

ମଣିଷ ପ୍ରାକୃତିକ ଭାବେ ବଂଚିବା ଲକ୍ଷରେ କେବଳ ଖାଦ୍ୟ, ବସ୍ତ୍ର ଏବଂ ବାସଗୃହ ବ୍ୟତୀତ କେତେବେଳେ କିଛି ଆନନ୍ଦ ଉପଭୋଗ କରିବା ପାଇଁ ଅତ୍ୟଧିକ ଖର୍ଚ୍ଚ କରିବାକୁ ପଡିଥାଏ । ଖାଦ୍ୟ ବସ୍ତ୍ର ଏବଂ ବାସଗୃହର ସଜ୍ଞା ଦୁଇଟି ପରିବାର ପାଇଁ ସମାନ ହୋଇଥବା ବେଳେ ଆନନ୍ଦ ଉପଭୋଗର ସଂଜ୍ଞାରେ ବ୍ୟାପକ ଅନ୍ତର ପରିଲକ୍ଷିତ ହୋଇଥାଏ ଦୁଇଟି ପରିବାର ମଧ୍ୟରେ । ଆଉ କେବଳ ଏହି ଆନନ୍ଦ ପାଇଁ ସାଧାରଣ ନିର୍ବୋଧ ଅହେତୁକ ଭାବେ ଲୁଣ୍ଠନର ଶିକାର ହୋଇ ବ୍ୟାପକ ଅର୍ଥ ନଷ୍ଟ କରିଥା'ନ୍ତି ଯାହା ବ୍ୟପାରୀ ସେମାନଙ୍କ ଠାରୁ ହାତେଇବାରେ ସମର୍ଥ ହୋଇଥା'ନ୍ତି । କେଉଁ କେଉଁ ମାର୍ଗରେ ବ୍ୟପାରୀ ସମାଜରୁ ଅର୍ଥ ଆଦାୟ ପୂର୍ବକ ସାଧାରଣ ନିର୍ବୋଧଙ୍କୁ ଦୁଃଖରେ ବଂଚିବାକୁ ସୁଯୋଗ ସୃଷ୍ଟି କରନ୍ତି ତର୍ଜମା କରିବା...

ପ୍ରାଥମିକ ସ୍ତରରେ ଉଜ୍ଜ୍ୱଳ ଭବିଷ୍ୟତ ତଥା ଅହେତୁକ ମୃତ୍ୟୁ ପରେ ପରିବାର ପୋଷଣ ଜନିତ କଷ୍ଟ ଦୂର କରିବା ଲକ୍ଷ ରଖି ବ୍ୟାପକ ବୀମା/ସଂଚୟ ମାଧ୍ୟମରେ ଆଶାତୀତ ରୋଜଗାର ବ୍ୟର୍ଥ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ସ୍ୱପ୍ନ । ଏକ ରାଜପ୍ରାସାଦ ନିର୍ମାଣର ସ୍ୱପ୍ନରେ ପୀଡିତ ମର୍ମାହତ ପରିସ୍ଥିତିରେ ମଧ୍ୟ ଜୀବନର ସର୍ବସ୍ୱ ବ୍ୟର୍ଥ କରିବାରେ ଆଦୌ କୁଣ୍ଠାବୋଧ କରିନଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଭାବିଥିଲେ ମଧ୍ୟ ସାକାର କରିବାରେ ଅସମର୍ଥ ରହି ଦୁଃଖରୁ ନିବୃତ ରହିଥା'ନ୍ତି । ବ୍ୟକ୍ତିଗତ ଗମନାଗମନ ବ୍ୟବସ୍ଥା ପାଇଁ ଅକାରଣରେ ବ୍ୟାପକ ଅର୍ଥ ନଷ୍ଟ କରିଥା'ନ୍ତି ଯାହା ସେମାନଙ୍କ ଦେଖାଣିଆ ଭାବକୁ କିଂଚିତ ଆତ୍ମତୃପ୍ତି ପ୍ରଦାନ କରୁଥିବା ବେଳେ ସେମିତି କୌଣସି ସାମାଜିକ ମାନ୍ୟତା ନଥାଇ ମଧ୍ୟ ବ୍ୟାପକ ଅର୍ଥ ବ୍ୟୟ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଅତ୍ୟନ୍ତ ସରଳ ସୂତ୍ରରେ ନିର୍ବାହ କରିଥା'ନ୍ତି ଖୁବ୍ କମ୍ ଖର୍ଚ୍ଚ ମାଧ୍ୟମରେ । ବାହାରେ ଖାଦ୍ୟ ଖାଇବା ତଥା ଦେଖାଣିଆ ଭାବେ ସମାଜରେ ନିଜକୁ ପ୍ରତିଷ୍ଠିତ କରିବା ଚିନ୍ତନ କାରଣରୁ ଅଜସ୍ର ଅର୍ଥ କ୍ଷୟ କରିବା ସହିତ ବ୍ୟାପକ ଅସାଧ ରୋଗ କ୍ରୟ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଆଦୌ କରନ୍ତି ନାହିଁ । ନିସାଗ୍ରସ୍ଥ ହୋଇ ଜୀବନର ଆର୍ଥିକ ରୋଜଗାରର ଏକ ତୃତୀୟାଂଶ କିମ୍ବା ତାହାଠାରୁ ଅଧିକ ଖର୍ଚ୍ଚ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ଏକ ଆଲୋଚ୍ୟ ବିଷୟ ହୋଇ ରହିଯାଇଥାଏ କେବଳ । ଏହିଭଳି ଅନେକ କୃତିମ ଅମାନୁଷିକ ଆଚରଣ ଜନିତ ବ୍ୟାପକ ରୋଗ ଅର୍ଜିବା ଏବଂ ତାହାର ପ୍ରତିକାର ପାଇଁ ଘରୋଇ ଚିକିତ୍ସାଳୟରେ ଆଶାତୀତ ଖର୍ଚ୍ଚାନ୍ତର ଶିକାର ହୋଇଥା'ନ୍ତି ନିର୍ବୋଧ ଶିକ୍ଷିତ ଯାହା ପ୍ରଥମ ପରିବାର କରନ୍ତି ନାହିଁ, କାରଣ ସେମାନଙ୍କୁ ଏହିଭଳି କୌଣସି ବୃହତ୍ତକାୟ ରୋଗ ଶିକାର କରିପାରେ ନାହିଁ । ଏମିତି ଆହୁରି ଅନେକ ଅନୈତିକ କାର୍ଯ୍ୟରେ ନିଜର ରୋଜଗାର ଅର୍ଥକୁ ଅକାରଣରେ ନିୟୋଜିତ କରି ଅଭାବର ଶିକାର ହୋଇ ଅସାମାଜିକ କାର୍ଯ୍ୟ କରି ବ୍ୟାପକ ଅର୍ଥ ହାତେଇଥା'ନ୍ତି ନିର୍ବୋଧ ଶିକ୍ଷିତ ଯାହାଙ୍କ ସେହି ରୋଜଗାରକୁ ବିଭିନ୍ନ ମହଲରେ ବ୍ୟପାରୀ ସ୍ତର ସ୍ତର କରି ପରୋକ୍ଷରେ ଲୁଣ୍ଠନ କରିଥା'ନ୍ତି ଏବଂ ସେମାନେ ସବୁବେଳେ କେବଳ ଦୁଃଖରେ ହିଁ କାଳାତିପାତ କରିଥା'ନ୍ତି କେତେ ରୋଜଗାର କଲେ ମଧ୍ୟ । କି'ନ୍ତୁ ପ୍ରଥମ ପରିବାରଟି ଏହିସବୁ ମାୟାରୁ ନିବୃତ୍ତ ରହି ନିଜକୁ ଏକ ସନ୍ତୁଳିତ ଅବସ୍ଥାରେ ରଖି ସୁଖରେ କାଳାତିପାତ କରିବାରେ ସମର୍ଥ ହୋଇଥା'ନ୍ତି ।

ବିଭିନ୍ନ ଅନ୍ୟାନ୍ୟ ମାଧ୍ୟମ ଗୁଡିକ ମଧ୍ୟରେ ନିଜକୁ ଅତିମାନବର ପରିଚୟ ପ୍ରଦାନ କରିବା ଲକ୍ଷ ରଖି ସାମାଜିକ ସ୍ତରରେ କେତେଯେ ଅନାବଶ୍ୟକ ଖର୍ଚ୍ଚାନ୍ତ ହୋଇଥା'ନ୍ତି ନିର୍ବୋଧ ଶିକ୍ଷିତ ତାହାର ପରିକଳ୍ପନା କରିବା କଷ୍ଟ । ଉଦାହରଣ ସ୍ୱରୂପ ନିଜର ବଡ଼ିମା ଦେଖାଇବା ପାଇଁ ବିଭିନ୍ନ ରାସାୟନିକ ପଦାର୍ଥ ଗୁଡିଏ ବ୍ୟବହାର କରିଥା'ନ୍ତି ଯାହା କେତେବେଳେ ଖାଦ୍ୟ ପଦାର୍ଥ ତ ଆଉ କେତେବେଳେ ଶାରୀରିକ ବାହ୍ୟ ପ୍ରୟୋଗ ହୋଇଥାଏ ଯାହା ସବୁ ଅସମ୍ଭବ ଦରରେ ବିକ୍ରି ହୋଇଥାଏ ବଜାରରେ ବ୍ୟପାରୀଙ୍କ ଦ୍ୱାରା ଯାହା ବ୍ୟବହାର କରି କେବଳ ଖର୍ଚ୍ଚାନ୍ତ ହେବାକୁ ପଡ଼ିନଥାଏ ବରଂ ଅସଂଖ୍ୟ ରୋଗ ସୃଷ୍ଟି କରିଥାଏ ସେହିସବୁ ରାସାୟନିକ ଦ୍ରବ୍ୟ ଗୁଡିକ ଯାହା ନିର୍ବୋଧ ଶିକ୍ଷିତ ଆଦୌ ଜାଣିପାରନ୍ତି ନାହିଁ । ପ୍ରଥମ ପରିବାର କି'ନ୍ତୁ ସେଗୁଡିକୁ ଆଦୌ ଦେଖନ୍ତି ନାହିଁ କିମ୍ବା ତାହା ବିଷୟରେ କୌଣସି ଅନୁଶୋଚନା ରହିନଥାଏ ସେମାନଙ୍କର ଯାହା ସେମାନଙ୍କୁ ସୁଖରେ ବଂଚିବା ପାଇଁ ସୁଯୋଗ ଦେଇଥାଏ । ଦୂରବାର୍ତ୍ତା, ଦୂରଦର୍ଶନ, ନାଚ, ଗୀତ, କ୍ରୀଡା ଭଳି ମନୋରଂଜନକାରୀ ବ୍ୟବହାର ଯେତିକି ମାତ୍ରାରେ ଆର୍ଥିକ ଶୋଷଣ କରିଥାଏ ସମାଜରୁ ଅକଳନିୟ ! ଏଗୁଡିକ ଜଣେ ମଣିଷ ଜୀବନ ବଂଚିବା ଶୈଳୀରେ କୌଣସି ଅତ୍ୟାଶ୍ୟକତା ରଖିନଥିବା ବେଳେ କେବଳ ସାମାଜିକ ପ୍ରହେଳିକା କାରଣରୁ ନିଜକୁ ସର୍ବାଗ୍ରେ ରଖିବା ଲକ୍ଷ ରଖି ଯେତିକି ଅର୍ଥ ନଷ୍ଟ କରିଥା'ନ୍ତି ସାଧାରଣ ନିର୍ବୋଧ ତାହାର ହିସାବ ଦେଲେ ହୁଏତ ମଣିଷ ବେହୋସ ହୋଇଯିବ ଯାହା ସବୁ ବ୍ୟପାରୀ ବିଭିନ୍ନ ମାଧ୍ୟମରେ ଲୁଟି ନେଇଥା'ନ୍ତି ଲୋକଙ୍କ ଠାରୁ । ବସ୍ତ୍ର, ବାସଗୃହ, ଉପକରଣ ତଥା ଖାଦ୍ୟ ପଦାର୍ଥ ଗୁଡିକର ଅତ୍ୟାଧୁନିକରଣ ଜନିତ ଅନାବଶ୍ୟକ ପଦାର୍ଥ ଗୁଡିକୁ ଅହେତୁକ ଭାବେ ଜୀବନ ଶୈଳୀରେ ଯୋଡ଼ିଦେଇ ବ୍ୟାପକ ଖର୍ଚ୍ଚାନ୍ତ ହୋଇଥା'ନ୍ତି ଯାହାସବୁ କେବଳ ବିଭିନ୍ନ ପ୍ରଚାର ପ୍ରସାର ଜନିତ ଅଜ୍ଞତା ଜଡିତ ବ୍ୟବହାର କରିଥା'ନ୍ତି ନିର୍ବୋଧ ଏବଂ ପରୋକ୍ଷରେ ଆର୍ଥିକ ଭାରାକ୍ରାନ୍ତ ହୋଇ ଦୁଖଦଃ ପରିସ୍ଥିତି ସୃଷ୍ଟି କରିଥା'ନ୍ତି ନିଜକୁ ନିଜେ । ଏହିଭଳି ବ୍ୟାପକ କାରଣ ଜନିତ ଖର୍ଚ୍ଚାନ୍ତ ହୋଇଥା'ନ୍ତି ସାଧାରଣ ନିର୍ବୋଧ ଶିକ୍ଷିତ କିମ୍ବା ଅନ୍ୟାନ୍ୟ ଧନୀକ ଗୋଷ୍ଠୀର ମଣିଷ ଯାହା ସବୁ କୌଣସି ପ୍ରକାରେ ଜଣେ ପ୍ରାକୃତିକ ମଣିଷର ଅତ୍ୟାବଶ୍ୟକ ହୋଇନଥାଇ କେବଳ ସାମାଜିକ ପ୍ରହେଳିକା କାରଣରୁ । ସେସବୁ ହେତୁ ଅହେତୁକ ଭାବେ ନିଜକୁ ପଥଭ୍ରଷ୍ଟ କରି ବ୍ୟପାରୀଙ୍କ ଲୁଣ୍ଠନର ଶିକାର ହୋଇ ନିଜର ଆର୍ଥିକ ରୋଜଗାରକୁ ନଷ୍ଟ କରି ସମାଜରେ ଅନୈତିକ ଉପାୟରେ ଅର୍ଥ ଆଦାୟ କରି ନିଜକୁ ଦୁଃଖୀ କରି ବଞ୍ଚିଥା'ନ୍ତି ଜୀବନ ସାରା ଯାହା ପ୍ରଥମ ପରିବାର ନକରି ଆନନ୍ଦରେ ରହିଥା'ନ୍ତି । ଏମିତିକି କୌଣସି ନିଦର୍ଶନ ବିହନ କେବଳ କୁହେଳିକା ଜନିତ ଶିକ୍ଷା, ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ ବିଷୟ ଗୁଡିକ ମାଧ୍ୟମରେ ସାଧାରଣ ମଣିଷ ସମୂହ ଯାହା ସବୁ ସାମାଜିକ ଖର୍ଚ୍ଚ କରିଥା'ନ୍ତି ସେଗୁଡିକୁ ବର୍ଜନ କରି ମଧ୍ୟ ଜଣେ ମଣିଷ ନିଜକୁ ସୁଖ ଶାନ୍ତିରେ ବଂଚିବା ସହିତ ଆନନ୍ଦରେ ଶେଷ ନିଶ୍ୱାସ ତ୍ୟାଗ କରିପାରିବ ଜୀବନ ଶେଷରେ ଯାହାର ସଜ୍ଞା ବୁଝାପଡୁନାହିଁ କାହାକୁ ଆଜିର ବ୍ୟପାରୀଙ୍କ ପ୍ରଚାର ଜନିତ କରାଳତା କାରଣରୁ । ନିଜର ପରିଚୟ ନପାଇ କେବଳ ଅନ୍ୟର ପ୍ରରୋଚନାରେ ନିଜକୁ ସର୍ବାଗ୍ରେ ସ୍ଥାପନ କରିବା ଲକ୍ଷ ରଖି ଯାହାସବୁ କରୁଛନ୍ତି ସାଧାରଣ ନିର୍ବୋଧ ସେଗୁଡିକର କୌଣସି ପ୍ରାକୃତିକ ସଜ୍ଞା ନାହିଁ ।


ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଂଜାମ-୭୬୧୦୨୦

ଦୂରଭାଷ.: ୯୪୩୭୩୨୪୯୧୭.


# ଡାକ୍ତର ଫ୍ୟାକ୍ଟ୍ରି

॥ ସମ୍ବିତ ସାଇ ନାରାୟଣ ଭୂୟାଁ ॥

ଡାକ୍ତରୀ ଶିକ୍ଷା (କିମ୍ବା ଡିଗ୍ରୀ) ଲାଭ କରିବା ପାଇଁ ଭାରତୀୟ ଛାତ୍ରଛାତ୍ରୀମାନଙ୍କର ଏପରି ବିପୁଳ ସଂଖ୍ୟାରେ ବିଦେଶ ଗମନ ପଛରେ ଯେଉଁ ଦୁଇଟି କାରଣ ନିହିତ ଅଛି ବୋଲି କୁହାଯାଉଛି, ତାହା ହେଲା ଭାରତରେ ଯଥେଷ୍ଟ ସଂଖ୍ୟକ ମେଡ଼ିକାଲ କଲେଜ ଓ ସିଟର ଅଭାବ ଏବଂ ଏଠାରେ ଡାକ୍ତରୀ ଶିକ୍ଷା ଲାଭ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ବହନ କରିବାକୁ ପଡୁଥିବା ଆକାଶଛୁଆଁ ଫି ଓ ଅନ୍ୟାନ୍ୟ ଖର୍ଚ୍ଚ। ଏ ସମ୍ପର୍କରେ ଏକ ସମ୍ୟକ ଧାରଣା ପାଇବା ପାଇଁ ଏ ସମ୍ପର୍କିତ ଏହି ପରିସଂଖ୍ୟାନ ଦ୍ରଷ୍ଟବ୍ୟ। ଏସବୁ ସୁସ୍ପଷ୍ଟ ହୋଇଯାଇଛି ଋଷ, ୟୁକ୍ରେନ ଯୁଦ୍ଧ ସଂଘଠିତ ହେବା ପରେ। ଆମ ଦେଶରେ ପ୍ରତି ବର୍ଷ ଡାକ୍ତରୀ ଶିକ୍ଷାରେ ସ୍ନାତକ ସ୍ତରୀୟ ଡିଗ୍ରି ହାସଲ ପାଇଁ ବିଭିନ୍ନ କଲେଜମାନଙ୍କରେ ଉପଲବ୍ଧି ସିଟ (ଅର୍ଥାତ ଅଣ୍ଡରଗ୍ରାଜୁଏଟ ମେଡ଼ିକାଲ ସିଟ) ସଂଖ୍ୟା ହେଉଛି ପ୍ରାୟ ୯୦,୦୦୦ ମାତ୍ର (ଏକ ଲକ୍ଷରୁ କମ)। କିନ୍ତୁ ଏହା ପାଇବା ପାଇଁ ଯୋଗ୍ୟତା ସାବ୍ୟସ୍ତ କରିବାକୁ ଥିବା 'ନିଟ୍' ପରୀକ୍ଷାରେ ୧୬ ଲକ୍ଷରୁ ଅଧିକ ଆଶାୟୀ ପ୍ରାର୍ଥୀ ଅଂଶ ଗ୍ରହଣ କରିଥାନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ଅଧାରୁ ଅଳ୍ପ ଅଧିକ, ପ୍ରାୟ ୮.୫ ଲକ୍ଷ ପ୍ରାର୍ଥୀ ଯୋଗ୍ୟତା ମାନ୍ୟତା ତାଲିକାରେ ସ୍ଥାନ ପାଇଥାନ୍ତି।

ଘରୋଇ ମେଡ଼ିକାଲ କଲେଜରେ ସରକାରୀ କୋଟା ଅନ୍ତର୍ଗତ ସିଟ ଟିଏ ପାଇଲେ ମଧ୍ୟ ତଥାପି ତାହା ଏପରି ବ୍ୟୟ ବହୁଳ ହୋଇଥାଏ ଯେ ସାଧାରଣ ପରିବାରର ପିଲାଟିଏ ପାଇଁ ତାହା ପହୁଞ୍ଚ ବାହାରେ ହୋଇଥାଏ। ଏପରି ଘରୋଇ କଲେଜରେ ଡାକ୍ତରୀ ଶିକ୍ଷା ଲାଭ ପାଇଁ ଆବଶ୍ୟକ ଖର୍ଚ୍ଚ ଅନ୍ୟୁନ ଏକ କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ ହୋଇଥାଏ। ଏପରିସ୍ଥଳେ ଏହି ବ୍ୟବସ୍ଥାର ଏକ ବିକୃତି ପରିସ୍ଫୁଟ ହେବା ଦେଖାଯାଇଥାଏ। ଯୋଗ୍ୟତା ତାଲିକାର ଅପେକ୍ଷାକୃତ ଉପରେ ଥିବା ମେଧାବୀ ଛାତ୍ରଟିଏ ଯଦି ଅସ୍ୱଚ୍ଛଳ ପରିବାରର ପିଲା ହୋଇଥାଏ ଓ ତେଣୁ ତାକୁ ମିଳୁଥିବା ସିଟ ଗ୍ରହଣ କରିବାକୁ ସେ ଅକ୍ଷମ ହୁଏ, ତାହେଲେ ତାଲିକାର ତଳେ ଥିବା ମେଧାହୀନ କିନ୍ତୁ ଧନବାନ କୌଣସି ଏକ ପିଲାଟି ସେ ସିଟ ଦଖଲ କରିନିଏ। ଅତ୍ୟନ୍ତ ନୀଚା କଟ ଅଫ ମାର୍କ ଯେ ଏହି ବିକୃତି ସୃଷ୍ଟିରେ ସହାୟକ ହୋଇଥାଏ, ତାହା ସୂଚାଇବା ନିଷ୍ପ୍ରୟୋଜନ।

ତଥ୍ୟ କହୁଛି ଭାରତରେ ମେଡ଼ିକାଲ ସିଟ ସଂଖ୍ୟା ପାଖାପାଖି ୧ଲକ୍ଷ ୨୦ ହଜାର। ସେଥି ମଧ୍ୟରୁ ଏମବିବିଏସ ସିଟ ସଂଖ୍ୟା ଦେଖାବାକୁ ଗଲେ ପ୍ରାୟ ୮୩ ହଜାର। ୨୮୭ଟି ସରକାରୀ ଓ ୨୬୩ଟି ଘରୋଇ ମେଡ଼ିକାଲ କଲେଜକୁ ମିଶାଇ ୫୪୧ କଲେଜରେ ମୋଟ ୮୨ ହଜାର ୯୨୬ଟି ଏମବିବିଏସ ସିଟ ଉପଲବ୍ଧ ଅଛି। ହେଲେ ଡାକ୍ତରୀ ନାମ ଲେଖା ପାଇଁ ପ୍ରତିବର୍ଷ ୧୫ ଲକ୍ଷରୁ ଅଧିକ ଛାତ୍ରଛାତ୍ର ନଟ ପଞ୍ଜୀକରଣ କରୁଛନ୍ତି। ଓଡ଼ିଶାରେ ମଧ୍ୟ ସମାନ ଅବସ୍ଥା। ଓଜେଇର ୧୪୬୬ ମେଡ଼ିକାଲ ସିଟ ପାଇଁ କାଉନସେଲିଂ କରୁଥିବାବେଳେ ରାଜ୍ୟରେ ଆଶାୟୀଙ୍କ ସଂଖ୍ୟା ୧୦ ହଜାରରୁ ଅଧିକ। ସରକାରୀ ମେଡ଼ିକାଲ ସିଟ ପାଇବାରୁ ବଞ୍ଚିତ ଛାତ୍ରଛାତ୍ରୀ ଯଦିଓ ଘରୋଇ ମେଡ଼ିକାଲ କଲେଜରେ ନାମ ଲେଖା ପାଇଁ ଆଶା ରଖୁଛନ୍ତି। ମାତ୍ର ଘରୋଇ କଲେଜର କୋର୍ସ ଫି ବହନ କରିବା ସେମାନଙ୍କ ଅଭିଭାବକଙ୍କ ପାଇଁ ସମ୍ଭବପର ହେଉନି। ତେଣୁ ଦେଶର ଅଧିକାଂଶ ଛାତ୍ରଛାତ୍ରୀ ୟୁକ୍ରେନ, ରୁଷିଆ, ନେପାଳ ଆଦି ଦେଶରେ ମେଡ଼ିକାଲ ପଢ଼ିବା ପାଇଁ ଯାଉଛନ୍ତି। ମିଳିଥିବା ସୂଚନା ଅନୁସାରେ ୟୁକ୍ରେନର ଏକ ମେଡ଼ିକାଲ କଲେଜରେ ଏମବିବିଏସ ପଢ଼ିବା ପାଇଁ ବାର୍ଷିକ ହାରାହାରି ୪ ହଜାର ୫ଶହ ୟୁକ୍ରେନ ଡଲାର ଖର୍ଚ୍ଚ ହେଉଛି। ଯାହାକି ଭାରତୀୟ ମୁଦ୍ରାରେ ଅନୁମାନିକ ୩ ଲକ୍ଷ ୩୦ ହଜାର ଟଙ୍କା। ତେବେ ସେଠାରେ ଛାତ୍ରଛାତ୍ରୀ ୬ ବର୍ଷ ଧରି ଏମବିବିଏସ ପଢ଼ିଥାନ୍ତି। ଏଥିପାଇଁ ସେମାନଙ୍କୁ ସମୁଦାୟ ୧୮ରୁ ୨୦ ଲକ୍ଷ ଟଙ୍କା ସର୍ବାଧିକ ଖର୍ଚ୍ଚ କରିବାକୁ ପଡ଼େ। ହେଲେ ଭାରତରେ ଏପରିକି ଓଡ଼ିଶାରେ ମଧ୍ୟ ଘରୋଇ କଲେଜରେ ମେଡ଼ିକାଲ ପଢ଼ିବା ପାଇଁ ପିଲାଙ୍କୁ ବାର୍ଷିକ ହାରାହାରି ୧୨ରୁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ଦେଖିବାକୁ ଗଲେ ଭାରତରେ ୪ ବର୍ଷରେ ଏମବିବିଏସ ପାଇଁ ଖର୍ଚ୍ଚ ହେଉଥିବା ଅର୍ଥ ରାଶିର ୪୦ ପ୍ରତିଶତରୁ କମ ଅର୍ଥାତ ଅଧା ଖର୍ଚ୍ଚରେ ପିଲାମାନେ ଏମବିବିଏସ ପଢ଼ିବାରେ ସକ୍ଷମ ହେଉଛନ୍ତି। ତେଣୁ ଦେଶର ଅଧିକାଂଶ ଛାତ୍ର ଏଠାକୁ ଡାକ୍ତରୀ ପଢ଼ିବା ପାଇଁ ଯାଇଥାନ୍ତି। ରୁଷିଆରେ ମଧ୍ୟ ଏମବିବିଏସ ପଢ଼ିବା ପାଇଁ ୨୦ରୁ ୨୨ ଲକ୍ଷ ଟଙ୍କା ମଧ୍ୟରେ ଖର୍ଚ୍ଚ ହୁଏ। ସେହିପରି ବିଦେଶରେ ମଧ୍ୟ କୌଣସି ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୁଏ ନାହିଁ। ମେଡ଼ିକାଲ କଲେଜରେ ସିଟ ଗୁଡ଼ିକ ସଂଖ୍ୟା ମଧ୍ୟ ଯଥେଷ୍ଟ ଅଧିକ। ଅନ୍ୟପକ୍ଷରେ ବିଦେଶରେ ଏମବିବିଏସ ପଢ଼ି ଭାରତ ଫେରୁଥିବା ଡାକ୍ତରଙ୍କୁ ସିଧାସଳଖ ଚିକିତ୍ସା ତଥା ପ୍ରାକ୍ଟିସ (ଡାକ୍ତରୀ ଅଭ୍ୟାସ) ପାଇଁ ସୁଯୋଗ ମିଳିନଥାଏ। ଏଥିପାଇଁ ସେମାନଙ୍କୁ ଏମ୍‌ଏମଜିଇ (ଫରେନ ମେଡ଼ିକାଲ ଗ୍ରାଜୁଏଟ ଏକଜାମିନେସନ)ରେ ଉତ୍ତୀର୍ଣ୍ଣ ହେବାକୁ ପଡ଼େ। ତେବେ ବିଦେଶର ମେଡ଼ିକାଲ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟ ଏମସିଆଇ (ମେଡ଼ିକାଲ କାଉନସିଲ ଅଫ ଇଣ୍ଡିଆ) ଅନୁମୋଦିତ ହୋଇଥିବା ଜରୁରୀ। ବିଦେଶରେ ଏମବିବିଏସ ଅଧ୍ୟୟନ କରିବା ଖର୍ଚ୍ଚ ଭାରତ ତୁଳନାରେ ଯଥେଷ୍ଟ କମ। ପ୍ରତିବର୍ଷ ୧୬ ଲକ୍ଷ ପିଲା ନିଟ ପରୀକ୍ଷା ଦେଉଥିବାବେଳେ ୮ଲକ୍ଷ କୃତକାର୍ଯ୍ୟ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ମାତ୍ର ୧ ଲକ୍ଷ ପିଲାଙ୍କୁ ସିଟ ମିଳୁଛି। ବଳକା ପିଲା ବିଦେଶରେ ଡାକ୍ତରୀ ପଢ଼ିବାକୁ ପସନ୍ଦ କରୁଛନ୍ତି। ହେଲେ ବିଡ଼ମ୍ବନାର ବିଷୟ ହେଉଛି ମାତ୍ର ୭ରୁ ୮ ପ୍ରତିଶତ ପିଲା ଏଫଏମଜିଇରେ କୃତକାର୍ଯ୍ୟ ହେଉଛନ୍ତି। ବିଦେଶରେ ଡାକ୍ତରୀ ପଢ଼ି ମଧ୍ୟ ଛାତ୍ରଛାତ୍ରୀ ସରକାରୀ ଚାକିରି କରିପାରିବେ। ଏଥିପାଇଁ ସେମାନଙ୍କୁ ଏଫଏମଜିଇରେ ଉତ୍ତୀର୍ଣ୍ଣ ହେବା ସହ ଭାରତରେ ପିଜି କରିବାକୁ ହୋଇଥାଏ। କମ ଖର୍ଚ୍ଚ ଓ ସିଟ ପାଇବା ପାଇଁ ହିଁ ପିଲାମାନେ ବିଦେଶ ଯାଇଥାନ୍ତି।

ଏକ ଜନକଲ୍ୟାଣ ରାଷ୍ଟ୍ରର ଯଦି ସର୍ବନିମ୍ନ ମୌଳିକ କର୍ତ୍ତବ୍ୟ ବୋଲି କିଛି ଥାଏ, ତାହା ହେଉଛି ନାଗରିମାନଙ୍କୁ ଉଚ୍ଚ ମାନର ନିଃଶୁଳ୍କ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଓ ଶିକ୍ଷାସେବା ପ୍ରଦାନ। ୧୯୮୦ ଦଶକ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସେବା ଏଠାରେ ରାଷ୍ଟ୍ରର ଦାୟିତ୍ୱ ହୋଇ ରହିଥିଲା। ତା ପର ଠାରୁ ଏଠାରେ ସ୍ୱାସ୍ଥ୍ୟସେବା ଏକ ଘରୋଇ ବ୍ୟବସାୟରେ ପରିଣତ ହେବା ସହିତ ଡାକ୍ତରୀ ଶିକ୍ଷା ମଧ୍ୟ ତାହା ହୋଇଯାଇଛି। ସରକାର କ୍ୟୁବା ଭଳି ଦେଶରେ ଅନୁସୃତ ମଡ଼େଲ କିମ୍ବା ଅନ୍ତତଃ ବ୍ରିଟେନର ଏନଏଚଏସ ଜାତୀୟ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ମଡ଼େଲ ରୂପେ ଗ୍ରହଣ କରି ଏଠାରେ ନାଗରିକମାନଙ୍କୁ ସିଧାସଳଖ ବ୍ୟୟଶୂନ୍ୟ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ସହିତ ବହୁ ସଂଖ୍ୟକ ସରକାରୀ ମେଡ଼ିକାଲ କଲେଜମାନ ସ୍ଥାପନ କରି ସୁଦକ୍ଷ ଡାକ୍ତର ମାନଙ୍କୁ ପ୍ରସ୍ତୁତ କରିବାରେ ରାଷ୍ଟ୍ରର ସମ୍ବଳ ବିନିଯୋଗକୁ ସାଲିସହୀନ ପ୍ରାଥମିକତା ପ୍ରଦାନ କରନ୍ତୁ।


ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର


# ଚାରି ପ୍ରକାରର ଜୀବନ

॥ ଶ୍ୟାମ ସୁନ୍ଦର ସାମଲ॥

ଜଗତରେ ମନୁଷ୍ୟର ଜୀବନ ଚାରି ପ୍ରକାର ଦେଖିବାକୁ ମିଳେ । ତାହା ହେଉଛି ନିକୃଷ୍ଟ ଜୀବନ, ସାମାନ୍ୟ ଜୀବନ, ସଫଳ ଜୀବନ ତଥା ମହତ୍ତ୍ୱପୂର୍ଣ୍ଣ ଜୀବନ । ଅପରାଧରେ ଲିପ୍ତ ରହୁଥିବା ନରାଧମଙ୍କ ଜୀବନ ନିକୃଷ୍ଟ ଜୀବନ । ଏଭଳି ବ୍ୟକ୍ତି ନିଜର ନୀଚ କର୍ମ ଦ୍ୱାରା ନିଜର ଜୀବନ ବ୍ୟର୍ଥ କରିଥାନ୍ତି ତଥା ଅନ୍ୟର ଜୀବନରେ ଅନେକ ପ୍ରକାର ସମସ୍ୟା ସୃଷ୍ଟି କରନ୍ତି । ଏହିଭଳି ବ୍ୟକ୍ତି ସମାଜ ପାଇଁ ଅମଙ୍ଗଳକାରକ । ତେଣୁ ଏହି ବ୍ୟକ୍ତିଙ୍କୁ ସମାଜ ହେୟ ଦୃଷ୍ଟିରେ ଦେଖିଥାଏ । ନିଜର ତଥା ନିଜ ପରିବାରକୁ ଉଚିତ ବୃତ୍ତି ଉପାୟରେ ଭରଣ ପୋଷଣ କରୁଥିବା ଏବଂ ସାମାନ୍ୟ ଜୀବନ ଅତିବାହିତ କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ । ପେଟ ପାଇଁ କାମ କରିବା ଏହି ଧରରଣର ଲୋକଙ୍କ ମୁଖ୍ୟ ଉଦ୍ଦେଶ୍ୟ । ମୋଟ ଉପରେ କହିଲେ ନିଜର ତଥା ନିଜ ପରିବାରର ଭରଣପୋଷଣ ପାଇଁ ଏଭଳି ଲୋକ୍ ଖୁବ୍ କମ୍ ଭୁଲ କାର୍ଯ୍ୟ କରନ୍ତି । ଏହିଭଳି ବ୍ୟକ୍ତି ସାମାନ୍ୟ ଜୀବନଯାପନ କରୁଥିବା ଶ୍ରେଣୀରେ ଆସିଥାନ୍ତି ।

ସାମାନ୍ୟ ଜୀବନ ଯାପନ କରୁଥିଲେ ହେଁ କୌଣସି କ୍ଷେତ୍ରରେ ବିଶେଷ ଉପଲବ୍ଧି ଅର୍ଜନ କରିଥିବା ଲୋକଙ୍କ ଜୀବନକୁ ସଫଳ ଜୀବନ କୁହାଯାଏ । କିଛି ଦିନ ପର୍ଯ୍ୟନ୍ତ ସମାଜ ତାଙ୍କୁ ମନେରଖେ । ତାଙ୍କଠାରୁ କୌଣସି ବ୍ୟକ୍ତି ସଫଳତା ଅର୍ଜନ କଲେ ଉକ୍ତ ବ୍ୟକ୍ତିର ସଫଳତା ନ୍ୟୂନ ହୋଇଯାଏ । ଏହିଭଳି ବ୍ୟକ୍ତି ସଫଳ ଜୀବନ ଅତିବାହିତ କରୁଥିବା ବର୍ଗରେ ଆସିଥାନ୍ତି । ଯେଉଁ ବ୍ୟକ୍ତି ଅନ୍ୟର ଦୁଃଖକୁ ଦୂର କରିବାରେ ସଂପୃକ୍ତ ରହିଥାନ୍ତି, ନିଜର ଦୁଃଖକୁ ଖାତିର କରନ୍ତି ନାହିଁ, 'ବହୁଜନ ହିତାୟ ବହୁଜନ ସୁଖାୟ'କୁ ଆଧାର ଭାବେ ଗ୍ରହଣ କରି ଯିଏ ନିଜର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ବିଶ୍ୱମଙ୍ଗଳ ପ୍ରକ୍ରିୟାରେ ଜଡ଼ିତ ହୋଇଯାଏ ସେ ମହତ୍ତ୍ୱପୂର୍ଣ୍ଣ ଜୀବନକାରୀ ହୋଇଥାନ୍ତି । ଏହି ମହାପୁରୁଷଙ୍କ କୀର୍ତ୍ତି ପତାକା ଯୁଗ ଯୁଗ ଧରି ଅମର ରହେ । ସାଧାରଣତଃ ପ୍ରତ୍ୟେକ ସମାଜରେ ଚାରି ପ୍ରକାରର ବ୍ୟକ୍ତିଙ୍କ ଉପସ୍ଥିତି ଦେଖିବାକୁ ମିଳେ । ଏଥିପାଇଁ ସମାଜରେ ଅପରାଧ, ଜୀବନ ସଂଘର୍ଷ, ତ୍ୟାଗବୃତ୍ତି ଏବଂ ପରମାର୍ଥଙ୍କ ହିତ ପାଇଁ ସ୍ୱୟଂକୁ ବଳିଦାନ ଦେଉଥିବା ଲୋକ ସମୟ ସମୟରେ ଆମ ସମ୍ମୁଖକୁ ଆସିଥାନ୍ତି । ପ୍ରତ୍ୟେକ ବ୍ୟକ୍ତିକୁ ଏହି ଚାରି ପ୍ରକାରର ବ୍ୟକ୍ତିଙ୍କ ମଧ୍ୟରେ ଜୀବନ ଅତିବାହିତ କରିବାକୁ ହୁଏ ।

ମନୁଷ୍ୟ ଆତ୍ମଜ୍ଞାନର ଅନ୍ୱେଷଣରେ ଅନେକ ପ୍ରକାର ଆଧ୍ୟାତ୍ମିକ ସାଧନା କରୁଛି । ଜଣେ ସବୁ ଶାସ୍ତ୍ର ଅଧ୍ୟୟନ କରିପାରେ, ପବିତ୍ର ସ୍ଥାନଗୁଡ଼ିକୁ ତୀର୍ଥଯାତ୍ରା କରିପାରେ, ଗୁରୁଙ୍କର ଦିଗ୍‌ଦର୍ଶନ ଲାଭ କରିପାରେ କିମ୍ବା ଅନ୍ୟ ପ୍ରକାର ସାଧନା କରିପାରେ, କିନ୍ତୁ ସେ ନିଜର ଆତ୍ମାକୁ ହୃଦୟଙ୍ଗମ କରିବା ପାଇଁ ନିଜର ଦୃଷ୍ଟିକୁ ଅନ୍ତର୍ମୁଖୀ ନ କଲେ ଏହିସବୁ ଉପାୟରେ ଆତ୍ମୋପଲବ୍ଧି କରିପାରିବ ନାହିଁ। ଯଦି ଜଣେ ନିଜର ସ୍ୱଭାବକୁ ହୃଦୟଙ୍ଗମ କରିପାରିବ ନାହିଁ ତେବେ ସେ ତା'ଭିତରେ ଥିବା ଦିବ୍ୟତ୍ୱର ଉପଲବ୍ଧି କରିବାକୁ କିପରି ଆଶାକରି ପାରିବ ? ବସ୍ତୁତଃ ଜଣେ ନିଜର ମାନବୀୟ ଗୁଣାବଳୀର ଉପଲବ୍ଧି କଲେ ହିଁ ସେ ଭଗବତ ଉପଲବ୍ଧି ଅଭିମୁଖେ ଅଗ୍ରଗତି କରିବାକୁ ସକ୍ଷମ ହେବ।

ପ୍ରେମ ହିଁ ଈଶ୍ୱର। ମନୁଷ୍ୟର ତିନୋଟି ଆଦର୍ଶ ରହିବା ଉଚିତ। ଦୈବ ପ୍ରୀତି, ପାପଭୀତି ଓ ସଙ୍ଘନୀତି। ଏହି ଆଦର୍ଶଗୁଡ଼ିକ ବ୍ୟକ୍ତି, ପରିବାର ଓ ସମାଜର ଉତ୍‌ଥାନରେ ସହାୟକ ହେବ। ଏହି ପବିତ୍ର ଦେଶରେ ଅନେକ ମୁନି-ଋଷି ମାନଙ୍କ ଦ୍ୱାରା ପବିତ୍ର ଆଦର୍ଶ ଅନୁସୃତ ହୋଇଆସିଛି। ସେଥିପାଇଁ ଅନେକ ଆହ୍ୱାନ ଓ ବାଧାବିଘ୍ନ ସତ୍ତ୍ୱେ ଭାରତର ସାଂସ୍କୃତିକ ଐତିହ୍ୟ ସୁରକ୍ଷିତ ହୋଇଛି। ଏହା ରହସ୍ୟମୟ, ବିସ୍ମୟକର ଓ ଅମୃତ। ଆମେସବୁ ପାଶ୍ଚାତ୍ୟ ସଂସ୍କୃତିର ଦାସ ହୋଇଯାଇଛୁ ଏବଂ ଆମର ନିଜର ମୂଲ୍ୟବାନ ସଂସ୍କୃତିକୁ ଅବହେଳା କରିଛୁ। ପାଶ୍ଚାତ୍ୟ ଲୋକମାନେ ବର୍ତ୍ତମାନ ଆମ ସଂସ୍କୃତିକୁ ସମ୍ମାନ ପ୍ରଦର୍ଶନ କରୁଛନ୍ତି। ଭାରତୀୟମାନେ ସେମାନଙ୍କର ନିଜ ସଂସ୍କୃତିର ମହତ୍ୱ ଉପଲବ୍ଧି କରି ଏହାର ଅବହେଳା ବନ୍ଦ କରିବା ଉଚିତ। ଆମର ସଂସ୍କୃତି ଶିକ୍ଷା ଦିଏ ଯେ ଗୋଟିଏ ମାତ୍ର ଧର୍ମ ଅଛି, ପ୍ରେମ ଧର୍ମ ଏବଂ ଗୋଟିଏ ମାତ୍ର ଜାତି ଅଛି, ମାନବ ଜାତି। ଆମ ସଂସ୍କୃତି ଆସ୍ତିକ ବା ନାସ୍ତିକ ରାଷ୍ଟ୍ରୀୟତାବାଦୀ, ପ୍ରତ୍ୟେକଙ୍କ ଭିତରେ ଥିବା ପ୍ରେମ ଉପରେ ଆଧାରିତ। ପ୍ରେମ ବିନା କେହି ରହିପାରିବେ ନାହିଁ। ପଶୁ ଓ ପକ୍ଷୀମାନଙ୍କର ମଧ୍ୟ ପ୍ରେମ ଅଛି। ଆମେ ଦେଖିଛେ ଗାଈ କିପରି ନବଜାତ ବାଛୁରୀକୁ ଏତେ କୋମଳ ଭାବରେ ଚାଟେ ଯେ ସେହି ମାତୃସୁଲଭ ସ୍ପର୍ଶରେ ହିଁ ବାଛୁରୀଟି ଉଠି ଠିଆହୁଏ। ସେ ବାଛୁରୀକୁ ସଫାକରି ଦିଏ। ନିର୍ମଳତା ହିଁ ଦିବ୍ୟତ୍ୱ। ନିର୍ମଳତା ବିକଶିତ ହେବା ଉଚିତ। ଏହା ଏକତ୍ୱକୁ ଉତ୍ସାହିତ କରେ ଓ ଦିବ୍ୟତ୍ୱ ଆଡ଼କୁ ଘେନିଯାଏ। କିନ୍ତୁ ତୁମଠାରେ କେବଳ ଶତ୍ରୁତା ଓ ସାମ୍ପ୍ରଦାୟିକତା ରହିଛି। ଏଗୁଡ଼ିକ ପାଶବିକ ଓ ଆସୁରିକ ଗୁଣ। ମଣିଷ ନିଜକୁ ଦିବ୍ୟସ୍ତରକୁ ଉନ୍ନୀତ କରିବାକୁ ଚେଷ୍ଟା କରିବା ଉଚିତ। ସେ ପାଶବିକ ଓ ଆସୁରିକ ସ୍ତରକୁ ଖସିଯିବା ଉଚିତ ନୁହେଁ। ବୈଦିକ ଉପଦେଶ ହେଉଛି 'ସତ୍ୟଂ ବଦ, ଧର୍ମଂ ଚର।' ସତ କହିବା ସହଜ। ମିଛ କହିବା ଓ ତାକୁ ରଖି ପାରିବା ଅତି କଷ୍ଟ। ସତ କହିବା ଦ୍ୱାରା ତୁମେ ଧର୍ମର କାନ୍ଥ ପାଇଁ ମୂଳଦୁଆ ପକାଇଥାଅ। ଏହା ମାଧ୍ୟମରେ ତୁମେ ଶାନ୍ତି ପାଇପାର। ପ୍ରେମର ବିକାଶ କର। ପ୍ରେମ ହିଁ ଈଶ୍ୱର। ପ୍ରେମରେ ବାସକର।


ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ, ଶ୍ରୀସତ୍ୟସାଇ ସେବା ସମିତି, କଟକ, ଦୂରଭାଷ : ୯୭୭୮୬୩୫୯୨୬

## କମିସନର ସାଲିନି ପଣ୍ଡିତ ଙ୍କ ବିଷମ କଟକ ଗସ୍ତ

ବିଷମ କଟକ(ମହାଭାରତ): ଆଜି ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ଗସ୍ତରେ ସ୍କୁଲ ଏବଂ ଗୋଷ୍ଠି ଶିକ୍ଷ୍ୟା କମିଶନର ସାଲିନି ପଣ୍ଡିତ ଗସ୍ତ କରିଛନ୍ତି । ସେ ପ୍ରଥମେ ଦୂର୍ଗି ସ୍ଥିତ ଆଦର୍ଶ ବିଦ୍ୟାଳୟ ଗସ୍ତ କରି ସେଠାର ହେଇଥିବା ଉଓତି ମୂଳକ କାର୍ଯ୍ୟ ତଦାରଖ କରିବା ସହ ଛାତ୍ର ଛାତ୍ରୀ ଙ୍କ ସହ ଆଲୋଚନା କରିଥିଲେ ଓ ସେମାନଙ୍କ ସହ ମିଶି ମଧାହ୍ନ ଭୋଜନ କରିଥିଲେ। ବିଦ୍ୟାଳୟ ର ବ୍ୟବସ୍ଥା ଦେଖି ଖୁସି ପ୍ରକଟ କରିଥିଲେ। ଏହା ପରେ ବିଷମ କଟକ ସଦର କାଫେ ଯାଇ ଦେଖିଥିଲେ। ଏହାପରେ ଭେଜିପଦର ନଦୀ ନିକଟସ୍ତ ମେଗା ପାନୀୟ ଜଳ ପ୍ରକଳ୍ପ ବୁଲି ଦେଖିବା ସହ ଖୁପ ଶୀଘ୍ର କାର୍ଯ୍ୟ ଶେଷ କରି ମେଗା ପ୍ରକଳ୍ପ ଆରମ୍ଭ କରିବା ପାଇଁ ନିର୍ଦେଶ ଦେଇଥିଲେ। ତାଙ୍କର ଏହି ଗସ୍ତ ସମୟରେ ରାୟଗଡ଼ା ଜିଲ୍ଲା ପାଳ ପରୁଲ୍ ପଟଓ୍ୱାରୀ,ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ାକ୍ତର ବସନ୍ତ କୁମାର ନାୟକ, ବିଷମ କଟକ ଗୋଷ୍ଠି ଉଓୟନ ଅଧିକାରୀ ସଦାଶିବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଗଣଶିକ୍ଷା ସଚିବ ଶ୍ରୀମତୀ ଶାଳିନୀ ପାଣ୍ଡିତଙ୍କ ରାୟଗଡ ଜିଲ୍ଲା ଗସ୍ତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ପରିଦର୍ଶନ



ରାୟଗଡ(ମହାଭାରତ): ଗଣଶିକ୍ଷା ସଚିବ, ଓଡିଶା,ଶ୍ରୀମତୀ ଶାଳିନୀ ପାଣ୍ଡିତଙ୍କ ରାୟଗଡ ଜିଲ୍ଲା ଗସ୍ତ ବିଭିଓ ଉଓୟନ ମୂଳକ କାର୍ଯ୍ୟକ୍ରମ ପରିଦର୍ଶନ କରିଛନ୍ତି। ଗତ ୨୪ତାରିଖରେ ପହଂଚି ରାୟଗଡ ବ୍ଲକର ତାଡମ ଓଡିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରି ସେଠାରେ ଶିକ୍ଷାଦନ ବ୍ୟବସ୍ଥା, ବିଭିଓ ସମସ୍ୟା ଆଦି ଉପରେ ଶିକ୍ଷକ ମାନଙ୍କ ସହିତ ଆଲୋଚନା କରିଥିଲେ । ସେଠାରୁ ପିତାମହଲ ଉପାସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ସେଠାକାର କର୍ମଚାରୀ ମାନଙ୍କ ସହିତ ଆଲୋଚନା କରିଥିଲେ । ଏହାପରେ ସ୍ଥାନୀୟ ଅଙ୍ଗନବାଡି କେନ୍ଦ୍ର ଓ ମା ଅଗ୍ନିଗଙ୍ଗା ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ପରିଦର୍ଶନ କରିଥିଲେ ସଦସ୍ୟା ମାନଙ୍କ ସହିତ ଆଲୋଚନା କରିଥିଲେ । ସେଠାରୁ ଆନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷକ ମାନଙ୍କ ସହିତ ଆଲୋଚନା କରିଥିଲେ । ଉତ୍ତମ ଶିକ୍ଷକ୍ଷଦାନ ପରିବେଶ ପରିଷ୍କାର ପରିଛନ୍ନ ପାଇଁ ନିର୍ଦେଶ ଦେଇଥିଲେ । ସେହିପରି ଆଜି ବିଷମ କଟକ ବ୍ଲକ ପରିଦର୍ଶନରେ ଯାଇ ବିଷମ କଟକରେ ଚାଲିଥିବା ମିଶନ ଶକ୍ତି କାଫେ ପରିଚାଳକ ମାନଙ୍କ ସହିତ ଆଲୋଚନା କରିଥିଲେ । ଏହା ପରେ ଥୁଆପାଡ଼ି ଗ୍ରାମ ପଂଚାୟତ ଅନ୍ତର୍ଗତ ପୁରୁଣାପାଣି ଗ୍ରାମରେ ମେଗା ପାନୀୟଜଳ ପ୍ରକଳ୍ପ ଅନୁଧାନ କରିବା ସହିତ ନିର୍ବାହୀ ଯନ୍ତ୍ରୀ ଗ୍ରାମୀଣ ଜଳ ଯୋଗାଣ ସଂସ୍ଥା ଓ ଠିକା ସଂସ୍ଥାର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ । ସେଠାରୁ ମୁନିଗୁଡା ବ୍ଲକ ଗସ୍ତରେ କରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ସେଠାରେ ଡାକ୍ତର ଓ ରୋଗୀ ମାନଙ୍କ ସହିତ କଥାବାର୍ତ୍ତା କରିଥିଲେ । ମୁନିଗୁଡ଼ ସହରରେ ଶିଶୁକାଶ ପ୍ରକଳ୍ପ ଦ୍ୱାରା ପରିଚାଳିତ ଛତୁଆ ପ୍ରସ୍ତୁତ କେନ୍ଦ୍ର ଅନୁଧାନ କରିଥିଲେ । ସେଠାରୁ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଚାଲୁଥିବା ସିଲେଇ ଶିକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ । ଏହା ପରେ ବିଷମ କଟକ ବ୍ଲକର ଦୁର୍ଗୀ ଓଡିଶା ଆଦର୍ଶ ବିଦ୍ୟାଳୟକୁ ଯାଇ ସେଠାରେ ଛାତ୍ର ଛାତ୍ରୀ ମାନଙ୍କ ସହିତ ମଧାହ୍ନ ଭୋଜନ କରିଥିଲେ । ସେଠାରୁ ପଦ୍ମପୁର ବ୍ଲକର ଡେରିଗାଁ ଗ୍ରାମପଂଚାୟତରେ ପିଡ଼ିଏସ ଓ ପ୍ରଧାନମନ୍ତ୍ରୀ ଆୱାସ ଯୋଜନାର ହିତାଧିକାରୀ ମାନଙ୍କ ସହିତ ଆଲୋଚନା କରୁଥିଲେ । ଏହାପରେ ରାୟଗଡ ଜିଲ୍ଲାପାଳଙ୍କ ସଦଭାବନା ସଭା ଗୃହରେ ଜିଲ୍ଲାପାଳ ଶ୍ରୀମତୀ ପରୁଲ ପଟାଓ୍ୱାରୀ ଓ ସିଡିଓ ତଥା ଇଓ ଜିଲ୍ଲାପରିଷଦ, ଶ୍ରୀ ନିହାର ରଞ୍ଜନ କହଁର ଉପସ୍ଥିତିରେ ବିଭିଓ ବିଭାଗର ଅଧିକାରୀ ଯଥା ସ୍ୱାସ୍ଥ୍ୟ, ଶିକ୍ଷା, ପଂଚାୟତିରକ୍ଷଜ, ସାମାଜିକ ସୁରକ୍ଷା,ମହିଳା ଓ ଶିଶୁ ବିକାଶ ଯୋଜନା, ମଙ୍ଗଳ ବିଭାଗ ଆଦି ଉପରେ ସମୀକ୍ଷା ବୈଠକ କରିଥିଲେ।

## ସୁନେଇ ଓ କାଳ ବନ୍ଧରେ ଖୋଲିଲା ଗୋଟିଏ ଲେଖାଁଏ ଗେଟ୍



କପ୍ତିପଦା -(ମହାଭାରତ ): କପ୍ତିପଦା - ସାରା ରାଜ୍ୟ ବନ୍ୟା ରେ ଉବୁଟୁବୁ ହେଉଥିବା ବେଳେ କପ୍ତିପଦା ବ୍ଲକରେ ଥିବା ୨ଟି ନଦୀ ବନ୍ଧ ଶୁଖିଲା ପଡ଼ିଥିଲା,ଏପରିକି ରବି ଓ ଖରିଫ ଋତୁରେ ମଧ୍ୟ ଚାଷି ହତାସ ହୋଇଥିଲେ। ତେବେ ଗତ ୨୪ତାରିଖରୁ ଆରମ୍ଭ ହୋଇଥିବା ଲଘୁଚାପ ବର୍ଷାରେ ଉପରେ ମୁଣ୍ଡ ରେ ପ୍ରବଳ ବର୍ଷା। ହୋଇଥିଲା,ଯିହାକି ୨ଟି ବନ୍ଧରେ ଜଳସ୍ତର ବଢ଼ିଛି । ବର୍ତମାନ ସୁଦ୍ଧା ସୁନେଇ ବନ୍ଧରେ ଜଳସ୍ତର ବଢି ୮୪,୧୫ଘନଫୁଟ ପାଣି ଜମା ହୋଇଥିବା ବେଳେ କାଳ ବନ୍ଧରେ ୭୭,୨୮ ଘନଫୁଟ ପାଣିଜମା ରହିଛି। ତେବେ ଲଗାଣ ବର୍ଷାକୁ ଆଖିରେ ରଖି ଗତକାଲି ବିଳମ୍ବିତ ରାତିରେ ସୋନ ଓ କାଳ ବନ୍ଧରେ ଗୋଟିଏ ଲେଖାଁଏ ଗେଟଖୋଲି ପାଣି ଛଡାଯାଇଛି । ଆଜି ସନ୍ଧ୍ୟା ସୁଦ୍ଧା ସୁନେଇ ବନ୍ଧରେ୮୩,୯୮ଘନଫୁଟ ଓ କାଳ ବନ୍ଧରେ୭୬,୬୫ଘନଫୁଟ ପାଣି ଜମା ରହିଛି । ତେବେ ଆଗାମୀ ଦିନରେ ଏତିକି ପାଣି ଜମା ରହିବା ସହ ଅଧିକ ପାଣି ନିସ୍କାସନ କରାଯିବ, ବର୍ତ୍ତମାନ ମାନ ସୁଦ୍ଧା ଜମା ପାଣି ଆସନ୍ତା ରବି ଓ ଖରିଫ ଋତୁ ପାଇଁ ପର୍ଯ୍ୟାପ୍ତ ହେବ ବୋଲି ୨ବନ୍ଧର ସହକାରୀ ଯନ୍ତ୍ରୀ ଗଜେନ୍ଦ୍ର ନାଏକ ପ୍ରକାଶ କରିଛନ୍ତି ।

## ବୃଦ୍ଧାଙ୍କ ବେକ ରୁ ସୁନା ଚେନ ଝାମ୍ପି ନେଲେ ଲୁଟେରା

ରାଜଗାଙ୍ଗପୁର(ମହାଭାରତ): ରାଜଗାଙ୍ଗପୁରରେ ଚୋରି ,ଲୁଟ ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଜଣେ ବୃଦ୍ଧାଙ୍କୁ ଠିକଣା ପଚାରିବା ବାହାନାଁରେ ତାଙ୍କ ବେକରୁ ସୁନା ହାର ଟିକୁ ଲୁଟି ଲୁଟେରା ଚମ୍ପଟ ମାରିଛନ୍ତି । ଏ ନେଇ ଥାନା ରେ ଲିଖିତ ଅଭିଯୋଗ ହୋଇଛି। ସୂଚନାମୁତାବିକ ସହରର ୱାର୍ଡ ନଂ ୯ ଆଇଟି କଲୋନୀ ରେ ରହୁଥିବା ଅନୁପମା ହୋତା ନାମକ ଜଣେ ୬୩ବର୍ଷୀୟ ବୃଦ୍ଧା ଆଜି ବଡି ଭୋର ପ୍ରାୟ ୪ଟା ସମୟରେ ର ନିଜ ଘର ଆଗରେ ଝାଡୁ କରୁଥିଲେ । ଏହି ସମୟରେ ଏକ ବାଇକରେ ଦୁଇ ଯୁବକ ବୃଦ୍ଧାଙ୍କ ନିକଟରେ ବାଇକ ରଖି ଏକ ବ୍ୟକ୍ତିଙ୍କ ଠିକଣା ପଚାରିଥିଲେ । ଏହି ସମୟରେ ସୁଯୋଗ ଦେଖି ଦୁର୍ବୃତ୍ତ ମାନେ ବୃଦ୍ଧାଙ୍କ ବେକରୁ ସୁନା ଚେନକୁ ଝାମ୍ପି ନେବା ସହ ଆଖି ପିଛୁଳାକେ ବାଇକ ଯୋଗେ ଚମ୍ପଟ ମାରିଥିଲେ। ଲୁଟ ର ଶିକାର ବୃଦ୍ଧା ଜଣକ ଏ ନେଇ ଥାନା ରେ ଏତଲା ଦେଇଛନ୍ତ।

## ଫେଡ୍ରେଶନ୍ କର୍ମୀ ଙ୍କ ବିଭିଓ ଦାବି ପୂରଣ ପାଇ ବି.ଡି.ଓ ଙ୍କୁ ଦାବିପତ୍ର

କଳାହାଣ୍ଡି/ମହାଭାରତ:ମିଶନ ଶକ୍ତିଓଡ଼ିଶା ଜୀବିକା ମିଶନ କାର୍ଯକ୍ରମ ର ସଫଳତା ପାଇଁ ଓଡ଼ିଶାରେ ସମ୍ମାନୀୟା ଉପମୁଖ୍ୟମନ୍ତ୍ରି ମୋହାଦୟା ସମଗ୍ର ରାଜ୍ୟରେ ଦୃଷ୍ଟନ୍ତ ସାଜିଛନ୍ତି ମହିଳା ସଶକ୍ତ୍ତି କରଣ ଓ ସେମାନଙ୍କର ସ୍ୱାର୍ଥ ପାଇ ଉଦ୍ୟମ କରି ଆସୁଛନ୍ତି। ଗ୍ରାମୀଣ ମହିଳା ମାନଙ୍କୁ ମିଶନ ଶକ୍ତି ଜରିଆ ରେ ଅର୍ଥ ନ୍ୟତିକ,କ୍ଷେତ୍ରରେ ସାବାଳମ୍ବି କରିବା ପାଇ ପିପୂଳ ଅନୁଦାନ ଯୋଗାଇ ଦିଆଯାଉଛି। କିନ୍ତୁ ଉକ୍ତ ମହିଳା ସଶକ୍ତି କରଣ ସାମାଜିକ ମାନସିକ ଅ ର୍ଥନ୍ୟତିକ କ୍ଷେତ୍ର ରେ ଲିଖିତ ଯଥାର୍ଥ ଓ ଦାବି ପୂରଣ ହୋଇନାହିଁ । ଏପ୍ରିଲ ୨୦୨୪ ରୁ ଏଯାବତ ୬ମାସ ହେଲା ହେଲା ଦରମା ପାଇ ନାହାନ୍ତି ଏଣୁ ୧୦ ଗୋଟି ଦାବି ପୁରଣ ପାଇ ଆଜି ବି .ଡି.ଓ ଙ୍କ ପାଖରେ ଦାବି ପତ୍ର ପ୍ରଦାନ କରିଛନ୍ତି। ଦାବିରେ ୧୦ ଗୋଟି ଦାବି ଉଲ୍ଲେଖ କରିଛନ୍ତି ସେଗୁଡିକ ହେଲା ସମସ୍ତ କମୁନିଟୀ ସପୋର୍ଟ ଷ୍ଟାଫ ଙ୍କୁ ସ୍ଥାୟୀ ନିଯୁକ୍ତି କରାଯାଉ, କେଡାର ମାନଙ୍କର ପାରିଶ୍ରମିକ ୬ମାସ ହେଲା ଆସିନାହିଁ ତାହା ତୁରନ୍ତ ପ୍ରଦାନ କରାଯାଉ,ପ୍ରତ୍ୟେକ ମାସ ଏକ ନିର୍ଦ୍ଧିଷ୍ଟ ତାରିଖରେ ସମସ୍ତ କୁମୁନିଟୀ ସପୋର୍ଟ ଷ୍ଟାଫଙ୍କର ପାରିଶ୍ରମିକ ତାଙ୍କ ବ୍ୟାଙ୍କ ଆକାଉ□ କୁପ୍ରଦନ କରାଯାଉ,ମିଶନ ଶକ୍ତିରେ ଘୋଷଣା କରାଯାଇଥିବା ଆଇ କାର୍ଡ ପ୍ରଦାନ କରାଯାଉ,କମୁନିଟୀ ସପୋର୍ଟ ଷ୍ଟାଫ ର ଗସ୍ତ ଓ ଫୋନ୍ ବିଲ ବୃଦ୍ଧି କରାଯାଉ, କମୁନିଟି ସପୋର୍ଟ ଷ୍ଟାଫ କାର୍ଯ୍ୟରତ ସମୟରେ ମୃତ୍ୟୁବରଣ କରନ୍ତି କିମ୍ବା ଆକସ୍ମିକ ଦୁର୍ଘଟଣା ହୁଏ ତାହାହେଲେ ତୁରନ୍ତ ୫ଲକ୍ଷ୍ୟ ତାଙ୍କ ର ସହାୟତା ରାଶି ପ୍ରଦାନ କରାଯାଉ । ଏପରି ବିଭିଓ ଦାବି ନେଇ ଆଜି ରୋଡ ସୋ କରି ବ୍ଲକ ବି.ଡି.ଓ ଙ୍କୁ ଦାବି ପ୍ରଦାନ କରିଥିଲେ।

## ବରିଷ୍ଠ ସାମ୍ବାଦିକ ସଚ୍ଚିଦାନନ୍ଦ ପ୍ରଧାନଙ୍କ ଅକାଳ ବିୟୋଗ

କଣିହାଁ,:(ମହାଭାରତ) ଅନୁଗୋଳ ଜିଲ୍ଲା କଣିହାଁ ପ୍ରେସ କ୍ଲବର ପ୍ରତିଷ୍ଠାତା ସଦସ୍ୟ ତଥା ବରିଷ୍ଠ ସାମ୍ବାଦିକ ସଚ୍ଚିଦାନନ୍ଦ ପ୍ରଧାନଙ୍କ ବୁଧବାର ପରଲୋକ ହୋଇ ଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୫୩ ବର୍ଷ ବୟସ ହୋଇଥିଲା ଯଆଜି ସକାଳେ ହଠାତ୍ ସେ ଅସୁସ୍ଥ ହୋଇ ପଡ଼ିବାରୁ ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି ।ତାଙ୍କର ଏହି ଅକାଳ ବିୟୋଗ କୁ ଅଞ୍ଚଳ ବାସୀ ସହଜରେ ଗ୍ରହଣ କରିପାରୁନଥିବା ବେଳେ ପରିବାର ବର୍ଗ ଭାଙ୍ଗିପଡ଼ିଛନ୍ତି ।

## ଦେବଗଡ଼ରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନ ସଚିନ ରାମଚନ୍ଦ୍ର ଯାଦବଙ୍କ ବୈଠକ



ଦେବଗଡ଼(ମହାଭାରତ): ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଶ୍ରୀ ସଚିନ ରାମଚନ୍ଦ୍ର ଯାଦବ ବୁଧବାର ଦେବଗଡ଼ ଗସ୍ତରେ ଆସି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାର କାର୍ଯ୍ୟକାରୀ କରାଯାଉଥିବା ସରକାରଙ୍କ ବିଭିଓ ଯୋଜନା ଉପରେ ସମୀକ୍ଷା କରିବା ସହ ପ୍ରକଳ୍ପ ସମ୍ପର୍କରେ ଅଧିକାରୀ ମାନଙ୍କୁ ପଚାରି ବୁଝିଥିଲେ । ସମୀକ୍ଷା ବୈଠକରେ ଶ୍ରୀ ଯାଦବ ସରକାରଙ୍କ ବିଭିଓ ଉଓୟନ ଯୋଜନା କାର୍ଯ୍ୟକାରିତା, ଜିଲ୍ଲା ରାଜସ୍ୱ ଆଦାୟ, ଲୋକ ମାନଙ୍କର ସୁଚିକିତ୍ସା,ପ୍ରଧାନମନ୍ତ୍ରୀ କୃଷି ସେଚନ ଯୋଜନା, ପାଉଡିଭୂୟାଁଙ୍କ ଉଓୟନ, ମେଘା ୱାଟର ସେଟ ପ୍ରୋଜେକ୍ଟ, ପ୍ରଧାନମନ୍ତ୍ରୀ ଜନମନ ଯୋଜନା, ସେତୁ ବନ୍ଧ ଯୋଜନା, ମୁଖ୍ୟମନ୍ତ୍ରୀ ଆଡି ବନ୍ଧ ଯୋଜନା, କୁକୁଡ଼ା ଚାଷ, ଛେଳି ଚାଷ, ଆମ୍ବ, ଲିଚୁ,କମଳା,ତରଭୁଜ ଚାଷ, ଏନ୍ଆରଜିଏସ୍ ରେ କାମ ଯୋଗାଇଦେବା, ପ୍ରଧାନମନ୍ତ୍ରୀ ଆବାସ, ଜିଲ୍ଲାରେ ଶିତଳ ଭଣ୍ଡାର ଓ ରାଜସ୍ ବିଭାଗ ପକ୍ଷରୁ ଲୋକମାନଙ୍କୁ ଉପଲବ୍ଧ କରାଯାଉଥିବା ବିଭିଓ ଯୋଜନା ଗୁଡ଼ିକର ସମୀକ୍ଷା କରି ସମୟାନୁଯାଇ ଏହି ସୁବିଧା ଗୁଡିକ ଲୋକମାନଙ୍କୁ ଯୋଗାଇ ଦେବା ସହ ଲୋକାଭିମୁଖୀ ଯୋଜନା ଗୁଡ଼ିକର ସଫଳ ରୂପାୟନ ରେ ପ୍ରଶାସନିକ ଏବଂ ବିଭାଗୀୟ ଅଧିକାରୀ ମାନେ ଆନ୍ତରିକତାର ସହ ନିଜର ଦାଇତ୍ୱ ସମ୍ପାଦନା କରିବା ପାଇଁ ଶ୍ରୀ ଯାଦବ ପରାମର୍ଶ ଦେଇଥିଲେ । ବୈଠକରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉଓୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଧର୍ମାନନ୍ଦ ବେହେରା, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ, ଜିଲ୍ଲା ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡା, ଜିଲ୍ଲା ମଙ୍ଗଳ ଅଧିକାରୀ ବିଭୁ ରଞ୍ଜନ ମହାନ୍ତି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂ, ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ବିଜୟ କୁମାର ଉପାଧ୍ୟାୟ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଜିଲ୍ଲା ଶ୍ରମ ଅଧିକାରୀ ସଞ୍ଜୟ କେଶରୀ ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବହୁଜନ ସମାଜ ପାର୍ଟି ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

କୋକସରା,(ମହାଭାରତ): କୋକସରା ବ୍ଲକ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ବହୁଜନ ସମାଜ ପାର୍ଟି, କୋକସରା ବ୍ଲକ ପକ୍ଷରୁ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଦିବସରେ ଏକ ୮ ଦଫା ସମ୍ବଳିତ ଦାବିପତ୍ର ଦିଆ ଯାଇଥିଲା। ଧର୍ମଗଡ ନିର୍ବାଚନ ମଣ୍ଡଳୀ ସଭାପତି ପ୍ରଧାନୀ ବାଗ ଏବଂ ପାର୍ଟିର ବିଶିଷ୍ଟ କର୍ମକର୍ତ୍ତା ଦିସାନ୍ତ ବେଶ୍ରା ଙ୍କ ନେତୃତ୍ୱରେ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କୁ ଏହି ଦାବିପତ୍ର ଦେଇଥିଲେ। ଦାବି ଗୁଡ଼ିକ ମଧ୍ୟରୁ ଲଡୁଗାଁରେ ରାସ୍ତା ପ୍ରଶସ୍ତିକରଣ, ରାସନ କାର୍ଡ ରୁ ବାଦ ପଡ଼ିଥିବା ପରିବାର ଲୋକଙ୍କୁ ଯୋଡ଼ି ବା, ରଜାମୁଣ୍ଡା, ମଞ୍ଜୋସିଲ , ଜୋତାଖୋଲ, ଖଳିଗଡ ସ୍ଥିତ ବେହେରା ଡ୍ୟାମ ଗୁଡ଼ିକର ପୁନରୁଦ୍ଧାର ଓ ଉତ୍ତତି କରଣ, ବାସଡିହ ହୀନ ପରିବାରକୁ ବସୁନ୍ଧରା ଯୋଜନା ମାଧ୍ୟମରେ ତୁରନ୍ତ ଥଇଥାନ କରିବା,ନିରୀହ ଆଦିବାସୀଙ୍କୁ ଜମି ପଟ୍ଟା ପ୍ରଦାନ, ଆମପାଣି ପଞ୍ଚାୟତର ସାହାଜ ଖୋଲ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ବସବାସ କରୁଥିବା ଆଦିବାସୀ ଅଧ୍ୟୁଷିତ ଗ୍ରାମ ଟିଲିଆମ, ଲେକା ଆମ, ସର୍ଗିପାନି, ଆନ୍ଦିଝରନ କାଦୋମଲି, ବିରୀମୁହାଣ, ଡୁମେର ପାନି, ଭଟାପାନି, ଗିଲିଆମ ଭଳି ଅନେକ ଛୋଟ ବଡ଼ ଗାଁକୁ ଶିକ୍ଷା ସ୍ୱାସ୍ଥ୍ୟ ଏବଂ ଗମନା ଗମନ ର ସୁବ୍ୟବସ୍ଥା, ନିତିଦିନ ଅ□ଳରୁ ଶହ ଶହ ଦାଦନ ଶ୍ରମିକ ଚାଲାଣ ରୋକିବା ଆଦି ମୁଖ୍ୟ ଦାବୀ କରାଯାଇଛି। ଦାବି ପ୍ରଦାନ ସମୟରେ ଭୁବନେଶ୍ୱର ବାଗ, ଘନ ପାନ, ହରି ରାଉତ, ବିଜୟ ଛତ୍ରିଆ, ଓମ ପ୍ରକାଶ ଛତ୍ରିଆ, ଏବଂ ବହୁଜନ ସମାଜ ପାର୍ଟି ପ୍ରଭାରୀ ଗଜିନ୍ଦ୍ର ନାଗ ପ୍ରମୁଖ ଉପସ୍ଥିତ ରହି ଥିଲେ।

## ଅଶାନ୍ତ ସମୁଦ୍ର ମୁହାଁଣରୁ ଅଚଳ ୨ ମାଛଧରା ବୋଟକୁ ଉଦ୍ଧାର କଲା ପାରାଦୀପ ବନ୍ଦର ଟଗ ବୋଟ



ପାରାଦୀପ (ମହାଭାରତ): ଲଘୁଚାପ ଜନିତ ଅଶାନ୍ତ ସମୁଦ୍ର ରେ ଆଜି ଏକ ବଡଧରଣର ଅଘଟଣ ଟଳି ଯାଇଛି ।ଏକ ସମ୍ବେଦନଶୀଳ ପରିସ୍ଥିତି ରେ ଧର୍ମସାଖୀ କମ୍ପାନୀ ର ୨ଟି ବୋଟ୍ କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଆଣିଛି ପାରାଦୀପ ବନ୍ଦର ପ୍ରାଧିକରଣ ର ଟଗ୍ ବୋଟ୍ ।ତେବେ ଘଟଣା ରୁ ଜଣା ପଡିଛି ଯେ ଧର୍ମସାଖୀ ନାମକ ଏକ ବୋଟ୍ ପାରାଦୀପ ମାଛଧରା ବନ୍ଦର କୁ ମୁହାଁଣ ବାଟ ଦେଇ ଆସୁଥିବା ବେଳେ ହଠାତ ତାର ଯାନ୍ତ୍ରିକ ତ୍ରୁଟି ଦେଖା ଦେଇଥିଲା। ତେବେ ସଙ୍ଗେ ସଙ୍ଗେ ଖବର ପାଇ ତାର ମାଲିକ ତାଙ୍କର ଆଉ ଗୋଟିଏ ବୋଟ୍ ପଠାଇଥିଲେ ତାକୁ ଟାଣି ଆଣିବା ପାଇଁ କିନ୍ତୁ ଦୁର୍ଭାଗ୍ୟ ବଶତଃ ବୋଟ୍ କୁ ରସି ଲଗାଇ ଟାଣି ଟାଣି ଆଣିବା ବେଳେ ଅଶାନ୍ତ ସମୁଦ୍ର ରେ ପ୍ରବଳ କରେ□ ଥିବାରୁ ବୋଟ୍ ଟି ଟଣାଯାଇ ନପାରି ତାର ରସି ଛିଡି ଯାଇଥିଲା । ଫଳରେ ଦୁଇଟି ଯାକ ବୋଟ୍ ସମୁଦ୍ର ମୁହାଁଣ ମୁହଁ ରେ ଭାସିଭାସି ଦୀଗହରା ହେବାକୁ ଯାଉଥିଲେ । ତେବେ ପାରାଦୀପ ପୋଲିସ ଡିଏସପି ଓ କୁଜଙ୍ଗ ଏଏଫଓ ଙ୍କ ଅନୁରୋଧକ୍ରମେ ଖବର ପାଇ ପାରାଦୀପ ର ଟଗ ବୋଟ ତାରିଣୀ, ପାଇଲଟ ବୋଟ ଜଗନ୍ନାଥ ଏବଂ ପାଟ୍ରୋଲ ବୋଟ ସାନଭି ପ୍ରତିକୂଳ ପାଣିପାଗ ସତ୍ୱେ ଫସିଥିବା ଦୁଇଟି ବୋଟ୍ ଏବଂ ଏଥିରେ ଥିବା ୧୨ ଜଣ ମତ୍ସ୍ୟଜିବୀ ଙ୍କୁ ସୁରକ୍ଷିତ ଭାବେ ବନ୍ଦର ପୋତାଶ୍ରୟ କୁ ଆଣିଥିଲେ । ତେବେ ଏଠାରେ ସୁଚନା ଯୋଗ୍ୟ ଯେ ଏହି ଟଗ୍ ବୋଟ୍ ଜାହାଜ କୁ ଟାଣି କରି ନେବା ଆଣିବାରେ ସହାୟକ ହୋଇଥାଏ । ଅନ୍ୟପକ୍ଷରେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଙ୍କ ତ୍ୱରିତ ପଦକ୍ଷେପ ଏବଂ ପ୍ରବଳ ବର୍ଷା ସତ୍ୱେ ମେରାଇନ ବିଭାଗ କର୍ମଚାରୀ ମାନଙ୍କ ଅଦମ୍ୟ ସାହସ ଦ୍ୱାରା ଏହି ଉଦ୍ଧାର କାର୍ଯ୍ୟକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି ।

## ଜୈବିକ ଧାନ ଚାଷ ସମ୍ବନ୍ଧୀୟ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ

କପ୍ତିପଦା -(ମହାଭାରତ ): କପ୍ତିପଦା -ଓଡ଼ିଶା ବନାଞ୍ଚଳ ଉଓୟନ ପ୍ରକଳ୍ପ ପର୍ଯ୍ୟାୟ ୨ ଅଧୀନ ରେ ଜୈବିକ ଧାନ ଚାଷ ସମ୍ବନ୍ଧୀୟ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ କପ୍ତିପଦା ବନାଞ୍ଚଳରେ ଚାଷୀ ମାନଙ୍କୁ ଜୈବିକ ପଦ୍ଧତିରେ ଚାଷ ର ପ୍ରଣାଳୀ ଓ ରୋଗ ପୋକ ନିୟନ୍ତ୍ରଣ ସମ୍ବନ୍ଧରେ ତାଲିମ ପ୍ରଦାନ କରାଗଲା। ଉକ୍ତ କାର୍ଯ୍ୟକ୍ରମରେ କପ୍ତିପଦା ବନାଞ୍ଚଳ ଅଧିନସ୍ଥ ବିଭିଓ ବନ ସୁରକ୍ଷା ସମିତି ରୁ ୩୦ରୁ ଉର୍ଦ୍ଧ ଚାଷୀ ତାଲିମ ଗ୍ରହଣ କରିଥିଲେ। ତାଲିମ କାର୍ଯ୍ୟକ୍ରମ ରେ ପ୍ରକଳ୍ପ ପରିଚାଳନା ଏକକ ରୁ କ୍ଲଷ୍ଟର ମ୍ୟାନେଜର ଗୋରଚାନ୍ଦ୍ ସ୍ୱାଇଁ , ବାରିପଦା କ୍ଷେତ୍ରୀୟ ପରିଚାଳନା ଏକକ ରୁ କୈଳାସ ଚନ୍ଦ୍ର ଦାସ,ଏମ ଏମ ଏସ ଏ ରୁ ତୁଷାର କାନ୍ତ ପାତ୍ର,ଗୋଦଧର ମିଶ୍ର, କପ୍ତିପଦା ବନାଞ୍ଚଳ ଅଧିକାରୀ ଅଚ୍ୟୁତାନନ୍ଦ ଦାସ,ବନପାଳ ଲକ୍ଷ୍ମୀକାନ୍ତ ବେହେରା କନକ ବାୟୋସାଇନ୍ସ ରୁ ଜିଲ୍ଲା ସଂଯଜକ ସନ୍ତୋଷ କୁମାର ସାହା,ବ୍ଲକ ସଂଯଜକ ଶିବ ପ୍ରସାଦ ଜେନା ଉପସ୍ଥିତ ରହି ଚାଷୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ । କ୍ଷେତ୍ର ପରିଚାଳନା ଏକକ ରୁ ପୂର୍ଣ୍ଣିମା ମିଶ୍ର, ଅମ୍ବି କୁମାର ମହାପାତ୍ର,ଦୀପକ ସାମଲ ଓ ଅଶ୍ୱିନି ବେହେରା କାର୍ଯ୍ୟକ୍ରମ କୁ ସୂଚାରୁ ରୂପେ ପରିଚାଳିତ କରିଥିଲେ।

## ଦର୍ପଣ ତହସିଲ୍ ଅଧିକାରୀଙ୍କୁ ଜବରଦଖଲ ମାମଲାକୁ ନେଇ ଲିଖିତ ଅଭିଯୋଗ କଲେ ଗ୍ରାମବାସୀ



ବଡଚଣା( ମହାଭାରତ) ଯାଜପୁର ଜିଲ୍ଲାର ବଡଚଣା ବ୍ଲକ ଅନ୍ତର୍ଗତ ଛତିଆ ଅମରାବତୀ ପଟଣାର ଜବରଦଖଲ କରି ରହିଥିବା ଗ୍ରାମବାସୀ ମାନେ ଦର୍ପଣ ତହସିଲ୍ ଅଧିକାରୀଙ୍କୁ ଜବରଦଖଲ ମାମଲା କୁ ନେଇ ଲିଖିତ ଅଭିଯୋଗ କରିଥିଲେ। ସୂଚନା ଯୋଗ୍ୟ ଦର୍ପଣ ତହସିଲ୍ କାର୍ଯ୍ୟାଳୟ ପକ୍ଷରୁ ଗତ ୧୧ ତାରିଖରେ ଅମରାବତୀପାଟଣା ମୌଜାର ଖାତା ୧୩୦ ପ୍ଲଟ ନଂ ୮୧ ରେ ଘରକରି ରହୁଥିବା ଶ୍ରୀମତୀ ରଞ୍ଜୁଲତା ବାରିକ, ସ୍ୱାମୀ-ସ୍ୱର୍ଗତ ପୂର୍ଣଚନ୍ଦ୍ର ବାରିକ, ନିଜକୁ ଭୂମିହୀନ ଦର୍ଶାଇ ବସୁନ୍ଧରା ଯୋଜନାରେ ନିମ୍ନ ତଫସିଲଭୁକ୍ତ ବୃତ୍ତିକୁ ଘରବାରି ନିମନ୍ତେ ଲିଜ୍ ସୂତ୍ରେ ପଟ୍ଟା ପାଇବା ପାଇଁ ଦରଖାସ୍ତ କରିଥିଲେ। ଉକ୍ତ ଜମିକୁ ତାଙ୍କ ନାମରେ ପଟ୍ଟା କରାଗଲେ ଯଦି କାହାର କିଛି ଆପତି ଅଭିଯୋଗ ଥାଏ ତେବେ ୧୫ (ପନ୍ଦର) ଦିନ ଭିତରେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଲିଖିତ ଆକାରରେ ଆପତ୍ତି କରିପାରିବେ ବୋଲି ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ନୋଟିସ ଜାରୀ କରିଥିଲେ ।ଏହି ନୋଟିସ ବିଷୟରେ ସେହି ମୌଜାର ଖାତା ନଂ ୧୩୦ ଜବରଦଖଲ କରି ରହୁଥିବା ଗ୍ରାମବାସୀ ମାନେ ଜାଣି ପାରିନଥିଲେ ।ଏବଂ ନୋଟିସର ଅଵଧି ଶେଷ ହେବାର ପୂର୍ବରୁ କୌଣସି ମୋତେ ଖବର ପାଇ ସଙ୍ଗେ ସଙ୍ଗେ ଗ୍ରାମବାସୀ ମାନେ ଏକତ୍ରିତ ହୋଇ ତହସିଲ୍ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଯେ ସରକାରୀ ଆବାଦ ଯୋଗ୍ୟ ଅନାବାଦି ଖାତା ନଂ୧୩୦ ରେ ୪୭ଟି ପ୍ଲଟ ଅଛି ତାହା ମଧ୍ୟରୁ କିସମ ୩୫ଟି ଘରବରି ଥିବା ବେଳେ ଆନ୍ୟ ସମସ୍ତ ପତିତ ଅଛି । ସରକାରଙ୍କ ତରଫରୁ ଭୂମିହୀନ ଙ୍କ ପାଇଁ ପଟା ଜାଗା ମିଳିବା ନେଇ ବେବସ୍ଥା ରହିଛି ।ଏହି ମୌଜାରେ ଦିର୍ଘ ୩୦ବର୍ଷ ଉର୍ଦ୍ଧ ହେବ ଦଳିତ ନିଷ୍ପେସିତ ଆଦିବାସୀ ଲୋକମାନେ ଜବରଦଖଲ କରି ଆମେ ରହୁଥିବା ବେଳେ ଶ୍ରୀମତୀ ବାରିକ୍ ୧୦ ବର୍ଷ ହେବ ରହୁଛନ୍ତି ତେବେ ତାଙ୍କର କିପରି ଭୂମିହୀନ ପଟା ଜାଗା ମିଳିବ ଏବଂ ତାଙ୍କର ଚଳାଚଳ ସ୍ଥଳ କୁ ନେଇ ପୁତ୍ର ଛତିଆ ରେ ମୋଟର ସାଇକେଲ ସୋହରୁମ୍ ଥିବା ବେଳେ ବୋହୁ ବିଦ୍ୟାଳୟରେ ଶିକ୍ଷୟତ୍ରୀ ଅଟନ୍ତି ବୋଲି ଗ୍ରାବାସୀମାନେ ଲିଖିତ ଅଭିଯୋଗ କରିଛନ୍ତି।

## ନୟାଗଡ଼ ରେ ଦଶମ ଆଦର୍ଶ ବିଦ୍ୟାଳୟ ସଂଗଠନ ପ୍ରତିଷ୍ଠା ଦିବସ




ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲାର ସମସ୍ତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗୁଡ଼ିକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ମିଳିତ ସହଯୋଗରେ ଓଡ଼ିଶା ଦଶମ ଆଦର୍ଶ ବିଦ୍ୟାଳୟ ସଂଗଠନ ପ୍ରତିଷ୍ଠା ଦିବସ ନୟାଗଡ ଜିଲ୍ଲା ପରିଷଦ ସୃଜନ ଗୃହ ରେ ପାଳନ କରାଯାଇଅଛି। କାର୍ଯ୍ୟକ୍ରମ ପ୍ରାରମ୍ଭ ପର୍ଯ୍ୟାୟରେ ମୁଖ୍ୟ ଅତିଥି ଭାବେ ନୟାଗଡ ଜିଲ୍ଲାପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରୋଜିନ ଦାସ, ସିଡ଼ିଓ ଶ୍ରୀ ଦେବୋଦତ୍ତ ପଣ୍ଡା, ଅତିରିକ୍ତ ଏସ୍ପି ସୁବାସ ଚନ୍ଦ୍ର ପଣ୍ଡା, ଉପ-ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ପ୍ରମୁଖ ଯୋଗଦେଇଥିଲେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଶ୍ରୀମତୀ ଜ୍ୟୋତ୍ସ୍ନା ନାୟକ ଅଧ୍ୟକ୍ଷ ନୋଡର ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷ ପାଜ୍ୟୟରେ ନୂଆଗାଁ ବିଦ୍ୟାଳୟର ଅଧକ୍ଷ ଧନ୍ୟବାଦ୍ ଭାଷଣ ରଖିଥିଲେୟ ଏଥିସହ ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ଗୁଡ଼ିକ ବିଭିଓ ସ୍କୁଲରୁ ଡକାଯାଇଥିବା ନିରୀକ୍ଷକ ମାନଙ୍କ ସହଯୋଗରେ ଜିଲ୍ଲା ଶିକ୍ଷା ନିରୀକ୍ଷକ ଶ୍ରୀ ଶରତ କୁମାର ସାହୁ ସୁଚାରୁରୂପେ ତୁଲାଇଥିଲେୟ ଏହି ପ୍ରତିଯୋଗିତାରେ ପ୍ରାୟ ୪୦୦ ରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଅପରାହ୍ନ ୩.୦୦ ରେ ଦ୍ୱିତୀୟ ପର୍ଯ୍ୟାୟରେ ତଥା ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ ଓଡିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ସମ୍ମାନିତ ଅତିଥି ଭାବରେ ନୟାଗଡ଼ ବିଧାୟକ ଡ଼. ଅରୁଣ କୁମାର ସାହୁ, ଖଣ୍ଡପଡ଼ା ବିଧାୟକ ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲାପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ଓ ଜିଲ୍ଲା ଶିକ୍ଷ୍ୟା ଅଧିକାରିଣୀ ରାଜଶ୍ରୀ ପଟ୍ଟନାୟକ ଉପସ୍ଥିତ ଥିଲେ ଏବଂ ଅଧକ୍ଷା ଜ୍ୟୋତ୍ସ୍ନା ନାୟକ ମଞ୍ଚ ପରିଚାଳନା କରିଥିଲେ। ଅତିଥି ମାନଙ୍କ ବକ୍ତବ୍ୟ ଉପସ୍ଥିତ ଥିବା ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀ ମାନଙ୍କ ମନ ଛୁଇଁଥିଲା। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗୁଡ଼ିକର ଉତ୍ତତି ପାଇଁ ସମସ୍ତ ଅତିଥି ପ୍ରତିଜ୍ଞା ବଧ ଥିଲେ। ପର ମୂହୁର୍ତ୍ତ ରେ ଅତିଥି ମାନଙ୍କୁ ଉପଢକନ୍ ପ୍ରଦାନ ପୂର୍ବକ ଜିଲ୍ଲା ଶିକ୍ଷା ଅଧିକାରୀ ସମ୍ମାନିତ କରିଥିଲେ ଏବଂ ବିଭିଓ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ସହ ପଦକ ପ୍ରଦାନ କରି ସମସ୍ତ ଅତିଥି ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ କର୍ମଚାରୀ, ଜିଲ୍ଲାପରିଷଦ କାର୍ଯ୍ୟାଳୟ କର୍ମଚାରୀ, ସମସ୍ତ ଆଦର୍ଶ ବିଦ୍ୟାଳୟର ଅଧକ୍ଷ ଓ ଶିକ୍ଷକ ଶିକ୍ଷୟତ୍ରୀ କର୍ମଚାରୀ ଏବଂ ବିଶେଷ କରି ଓଡିଶା ଆଦର୍ଶ ବିଦ୍ୟାଳୟ ନୋଡର ଅଧକ୍ଷା ଓ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ପ୍ରମୁଖ ଭୂମିକା ଥିଲା।

### ସାନବୋରି ହତ୍ୟାକାଣ୍ଡ ମାମଲା

## ତିନି ଜଣଙ୍କୁ ଆଜୀବନ କାରାଦଣ୍ଡ

ଆସିକା(ମହାଭାରତ): ବହୁ ଚର୍ଚ୍ଚିତ ସାନ ବୋରି ହତ୍ୟାକାଣ୍ଡ ମାମଲାରେ ତିନି ଜଣଙ୍କୁ ଆଜୀବନ କାରାଦଣ୍ଡଦେଶ ଶୁଣାଣି କରିଛନ୍ତି ଆସିକା ଅତିରିକ୍ତ ଜିଲ୍ଲା ଓ ଦୌରା ଚୌଧୁରୀ ପ୍ରବୀର କୁମାର। ଗତ ୧୫/୦୩/୨୦୧୧ ମସିହା ଦିନ ୧୧ ଘ□ ସମୟରେ ଗାଙ୍ଗପୁର ଥାନା ଅଧୀନ ସାନୋରୀ ଗ୍ରାମର ବୁଲୁ ବିଷୋୟୀ ଙ୍କୁ ପୂର୍ବଶତ୍ରୁତା କୁ କେନ୍ଦ୍ର କରି ଉକ୍ତ ଗ୍ରାମର ଖାଦାଳ ପ୍ରଧାନ ବୟସ (୭୯), ବାବୁ ପ୍ରଧାନ ବୟସ (୩୯), ବ୍ରହ୍ମା କୁମାରୀ ପ୍ରଧାନ ବୟସ (୪୨)ଓ ଅନ୍ୟ ଦୁଇ ସହଯୋଗୀ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରିଥିଲେ। ଉକ୍ତ ଘଟଣାରେ ଗାଙ୍ଗପୁର ଥାନା ପକ୍ଷରୁ ତଦନ୍ତ କାରି ଅଧିକାରୀ ଭାବେ ଅଜୟ ବାରିକ ତଦନ୍ତ କରି ବାପା ପୁଅ ଓ ଝିଅ ଏମାନଙ୍କ ବିରୁଦ୍ଧରେ ଥାନା କେସ ନମ୍ବର୨୬/୨୦୧୧ ରେ ମାମଲା ରୁଜୁ କରି କୋର୍ଟ ଚଲାଣ କରିଥିଲେ। ଓ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଆଜି ୧୩ଜଣ ସାକ୍ଷୀ ଙ୍କ ବୟାନ କୁ ଭିତ୍ତି କରି ମାନ୍ୟବର କୋର୍ଟ ଖାଦାଳ ପ୍ରଧାନ ବୟସ (୭୯), ବାବୁ ପ୍ରଧାନ ବୟସ (୩୯), ବ୍ରହ୍ମା କୁମାରୀ ପ୍ରଧାନ ବୟସ (୪୨)କୁ ଆଜୀବନ କାରାଦଣ୍ଡ ଓ ୧୦ହଜାର ଲେଖାଏଁ ଜୋରିମାନା ଅନାଦେୟେ ୪ମାସ ଜେଲ ଦଣ୍ଡ ଶୁଣାଣି କରିଛନ୍ତି। ଅନ୍ୟ ଦୁଇ ଅଭିଯୁକ୍ତ ଙ୍କ ମାମଲା ବିଚାରାଧୀନ ରହିଛି। ଉକ୍ତ କେସ କୁ ସରକାର ଙ୍କ ପକ୍ଷରୁ ଓକିଲ ସୂର୍ଯ୍ୟପ୍ରକାଶ ରାଓ ପରିଚାଳନା କରୁଥିଲା ବେଳେ ପ୍ରତୀପକ୍ଷ ଓକିଲ ଭାବେ ସୁଧାଂଶୁ ପାଣିଗ୍ରାହୀ ଓ ହର୍ଷ ପାଢ଼ୀ ପରିଚାଳନା କରୁଥିଲେ।

## ମହାତ୍ମା ଗାନ୍ଧୀ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା ର ସମୀକ୍ଷା ବୈଠକ



କରଞ୍ଜିଆ, (ମହାଭାରତ) ଠାକୁରମୁଣ୍ଡା ବ୍ଲକ ରେ ମହାତ୍ମା ଗାନ୍ଧୀ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା ର ସମୀକ୍ଷା ବୈଠକ ଗୁରୁବାର ଦିନ ବ୍ଲକ ପରିସରରେ ଥିବା ରାଜୀବ ଗାନ୍ଧୀ ସେବା କେନ୍ଦ୍ର ର ସଭା ଗୃହ ରେ ଅନୁଷ୍ଠିତ ହୋଇ ଯାଇଛି।ଅନୁଷ୍ଠିତ ହୋଇଥିବା ସାମାଜିକ ସମୀକ୍ଷା ବୈଠକରେ ଜିଲ୍ଲା ସ୍ତରୀୟ ନୋଡାଲ ଅଫିସର ଭାବରେ କରଞ୍ଜିଆ ପିଏ ଆଇ ଟିଡିଏ ପ୍ରବୀଣ କୁମାର ବଣୁଆ ଯୋଗ ଦେଇଥିଲେ।ଠାକୁରମୁଣ୍ଡା ବିଡିଓ ସପ୍ନେଶ୍ୱର ବେହେରା,ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା, ବ୍ଲକ ଉପାଧକ୍ଷ ସନ୍ତୋଷ କୁମାର ମହାନ୍ତ,ଏଇଇ ଶୁଭ୍ରା ସ୍ୱାଇଁ,ଏପିଓ ଧାନଚନ୍ଦ ମହାନ୍ତ, ବିଏସଏ ଧର୍ମେନ୍ଦ୍ର କୁମାର ମହାନ୍ତ ଯୋଗ ଦେଇ ଥିଲେ। ବ୍ଲକ ର ୧୮ ଗୋଟି ଗ୍ରାମପଞ୍ଚାୟତ ର ସରପ□, ସମିତି ସଭ୍ୟ, ଭି ଆର ପି,ଜୋବ କାର୍ଡ ଧାରୀ,ଲାଇନ ଡ଼ିପାର୍ଟମେଂଟ ର କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ। ସମୀକ୍ଷା ବୈଠକରେ ୨୦୨୩/୨୪ ଆର୍ଥିକ ବର୍ଷ ଅକ୍ଟୋବର ମାସ ଠାରୁ ୨୦୨୪/୨୫ ଆର୍ଥିକ ବର୍ଷ ର ମାର୍ଚ୍ଚ ମାସ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଗୁଡିକରେ ଏମ ଜି ଏନ ଆର ଜି ଏସ ରେ ୨ ଲକ୍ଷ ୫୪ ହଜାର ଦିନ କର୍ମ ଦିବସ ସୃଷ୍ଟି ହୋଇଥିବା ନେଇ ବୈଠକରେ ଏପିଓ ସୂଚନା ଦେଇଥିଲେ। ଏଥି ସହିତ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଗୁଡିକ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ମୋଟ ୫୯ ଟି ଅଭିଯୋଗ ସମ୍ପର୍କରେ ଆଲୋଚିତ ହୋଇ ଥିଲା। ଅଭିଯୋଗ ଗୁଡିକ ୭ ଦିନରୁ ୧୫ ଦିନ ମଧ୍ୟରେ ସମାଧାନ କରିବାକୁ ଉପସ୍ଥିତ ଜିଲ୍ଲା ସ୍ତରୀୟ ନୋଡାଲ ଅଫିସର ନିର୍ଦ୍ଦେଶ ଦେଇଥିଲେ।ସମୀକ୍ଷା ବୈଠକରେ ବନ ବିଭାଗ ଅନୁପସ୍ଥିତ କାରଣ ରୁ ବନ ବିଭାଗ କାର୍ଯ୍ୟକରି କରିଥିବା ଏମଜି ଏନ ଆର ଜିଏସ ପ୍ରକଳ୍ପ ଗୁଡିକ ସମ୍ପର୍କରେ ଆଲୋଚନା ହୋଇ ପାରି ନଥିଲା।

## ପେନାବାଲିରେ ୬ ମଇଁଷି ମୃତ, କାରଣ ଅସ୍ପଷ୍ଟ

କନ୍ଧମାଳ (ମହାଭାରତ) : କନ୍ଧମାଳ ଜିଲ୍ଲାର ଖଜୁରୀପଡା ବ୍ଲକ ଅନ୍ତର୍ଗତ ଅରାପାଜୁ ଗ୍ରାମପଞ୍ଚାୟତ ପେନାବାଲି ଗ୍ରାମରେ ଆଜି ସକାଳୁ ପ୍ରାୟ ୬ ମଇଁଷି ମୃତହେବା ପରେ ଚିନ୍ତାରେ ଅଛନ୍ତି ଚାଷୀ । ଗତକାଲି ଦିନସାରା ଚରାବୁଲା ପରେ ଚାଷୀମାନେ ନିଜ ନିଜ ସ୍ଥାନରେ ମଇଁଷି ସବୁ ବାନ୍ଧି ରଖିବା ପରେ ସକାଳୁ ସମସ୍ତେ ପୁଣି ଗୋଠରେ ଏକାଠି ବାନ୍ଧିଥିଲେ । ହେଲେ ସକାଳୁ ସୁସ୍ଥ ସବଳ ମଇଁଷିଗୁଡିକ ଗୋଟିଏ ପରେ ଗୋଟିଏ ହଠାତ ଛଟପଟ ହୋଇ ମରିବା ଆରମ୍ଭ ହେବା ପରେ ତୁରନ୍ତ ପ୍ରାଣୀ ବିଭାଗକୁ ସୂଚନା ଦେଇଥିଲେ ଚାଷୀ । ହେଲେ ପ୍ରାଥମିକ ଚିକିତ୍ସା ଆରମ୍ଭ ହେଉ ହେଉ ୬ ମଇଁଷି ମୃତ ହୋଇଥିବା ବେଳେ ଅନ୍ୟ ମନଙ୍କୁ ତୁରନ୍ତ ଇଞ୍ଜେକ୍ସନ ଦିଆ ଯାଇଥିଲା । ଗ୍ରାମରେ ଅତିକମରେ ୮୦ ଗୋଟି ପୋଢ ଓ ମଇଁଷି ଥିବା ବେଳେ ଆଜି ଶ୍ରୀକର ଦେହୁରୀଙ୍କ ଚାରିଗୋଟି, ଚିତ୍ରସେନ ପ୍ରଧାନଙ୍କ ଗୋଟିଏ ଏବଂ ପୂର୍ଣ୍ଣଚନ୍ଦ୍ର ଭୋଇଙ୍କ ଗୋଟିଏ ମଇଁଷି ମୃତ୍ୟୁମୁଖରେ ପଡିଛନ୍ତି । ତୁରନ୍ତ ପ୍ରାଣୀ ଚିକିତ୍ସାଳୟ ତରଫରୁ ମୃତ୍ୟୁଞ୍ଜୟ ସାହାଣୀ, ସହଦେ କହଁର, ବିଭିଓ ଦେବାଶିଷ ସାହୁ ପହଞ୍ଚି ଚିକିତ୍ସା ଆରମ୍ଭ କରିଛନ୍ତି। ଏନେଇ ବିଭିଓଙ୍କୁ ପଚରାଯିବାରୁ ମୃତ ମଇଁଷିଙ୍କ ରକ୍ତନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠେଇବୁ ତାହାର ରିପୋର୍ଟ ଆସିବା ପରେ ମଇଁଷି କାହିଁକି ମୃତ୍ୟୁ ହେଲା ତାହା ଜଣାପଡିବ ବୋଲି କହିଥିଲେ । ଘଟଣା ସ୍ଥଳରେ ଅରାପାଜୁ ସରପ□ ଶ୍ରୀମତୀ ଭାଗ୍ୟବତୀ ଦେହୁରୀ, ଜୟଦେବ ଦେହୁରୀ ଏବଂ ସମାଜସେବୀ ଅନନ୍ତ କୁମାର ଦିଗାଲ ଉପସ୍ଥିତ ଥିଲେ।

## ବ୍ଲକରେ ମିଶନଶକ୍ତି ଇସି ସଦସ୍ୟା ଙ୍କ ଦାବିପତ୍ର



କନ୍ଧମାଳ (ମହାଭାରତ): କନ୍ଧମାଳ ଜିଲ୍ଲାର ଖଜୁରୀପଡା ପଞ୍ଚାୟତ ସମିତିଅଧିନସ୍ଥ ବିଭିନ୍ନ ପଞ୍ଚାୟତରେ ମିଶନଶକ୍ତିରେ କାର୍ଯ୍ୟରତ ଇସି ସଦସ୍ୟାମାନେ ଆଜି ଏକାଠି ହୋଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ର ଅନୁଯାୟୀ ସେମାନେ ଦୀର୍ଘ ଛଅ ବର୍ଷ ଧରି ସରକାରୀ ଭାବେ ଯାହା ଦାୟିତ୍ୱ ମିଳିଥିଲା ତାହା ସେମାନେ କରିଆସିଛନ୍ତି । କିନ୍ତୁ ସରକାର ମିଶନଶକ୍ତି ଗଠନ ବେଳେ ଇସି ସଦସ୍ୟା ମାନଙ୍କୁ ଦୁଇ ବର୍ଷରେ ପରିବର୍ତ୍ତନ କରି ନୂତନ ଇସି ସଦସ୍ୟା ନିଯୁକ୍ତି ଦେବା ନେଇ ନିୟମ ରହିଥିଲା । କିନ୍ତୁ ଖଜୁରୀପଡା ବ୍ଲକ ରେ ତାହା କାର୍ଯ୍ୟକାରୀ ହୋଇନଥିବା ହେତୁ ଆମେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଛୁ ବୋଲି ସଦସ୍ୟା ମାନେ କହିଥିଲେ । ଯଦି ଏଠି ସରକାରୀ ନିୟମ ପାଳନ ପ୍ରଥମରୁ ହୋଇନାହିଁ ତାହେଲେ ଏବେ ହଠାତ କାହିଁକି ଆମକୁ ବାହାର କରି କେଉଁ ନିୟମ ରେ ପୁଣି ମନଇଚ୍ଛା ନୂତନ ସଦସ୍ୟା ନିଯୁକ୍ତି କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି । ସେହିଭଳି ମିଶନଶକ୍ତି କାର୍ଯ୍ୟାଳୟରେ ବିଏଲସି ହିଁ ନିଜ ଇଛା ମୁତାବକ ଅନେକ ବେଆଇନ କାର୍ଯ୍ୟ କରୁଛନ୍ତି ଏବଂ ତାହା ଆବଶ୍ୟକ ହେଲେ ଆମେ ପ୍ରମାଣ ସହ କିଛି ଅଭିଯୋଗ ମଧ୍ୟ ଦାଖଲ କରିବୁ ବୋଲି କହିଛନ୍ତି। ସଦସ୍ୟା ମାନଙ୍କ ଅଭିଯୋଗ ଅନୁସାରେ ଆଜି ସେମାନେ ବିଡ଼ିଓଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି ଏବଂ ଆସନ୍ତାକାଲି ଫୁଲବାଣୀ ବିଧାୟକ ଏବଂ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରିବେ ବୋଲି ଝିନାରାଣୀ ପଣ୍ଡା, ଯଶୋଦା ମଲିକ,ମିନାକ୍ଷୀ ନାୟକ, ଭାଗ୍ୟ ବେହେରା,କୌଶଲ୍ୟା ଷଡ଼ଙ୍ଗୀ,ପୁଷ୍ପାଞ୍ଜଳି ପ୍ରଧାନ, ଦୀପାଞ୍ଜଳି ପ୍ରଧାନ ଙ୍କ ସମେତ ୨୫ ଜଣ ଇସି ସଦସ୍ୟାଙ୍କ ଦସ୍ତଖତରେ ଦାବିପତ୍ର ପ୍ରଦାନ କରିଛନ୍ତ।

## ସୁରଭି କାର୍ଯ୍ୟକ୍ରମରେ ମନ ମୋହିଲା ଛାତ୍ରଛାତ୍ରୀ ମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ



ଜୁନାଗଡ଼,(ମହାଭାରତ):କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅଧିନ କୁଳିହାରୀ ଉଚ୍ଚ ବିଦ୍ୟାଳୟରେ ବ୍ରାହ୍ମଣୀଗୁଡା କ୍ଲଷ୍ଟର ସ୍ତରିୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ବିଦ୍ୟାଳୟର ପ୍ରଧାନ ଅଶୋକ କୁମାର ମୁଣ୍ଡଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଜୁନାଗଡ଼ ବ୍ଲକ ଅଧକ୍ଷା ସବିତା ମେହେର ଯୋଗ ଦେଇଥିବାବେଳେ, ସମ୍ମାନୀୟ ଅତିଥି ଭାବେ ଜୁନାଗଡ଼ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନେପାଳ ଚନ୍ଦ୍ର ବାଗ, ମଳୟ କୁମାର ମୁଣ୍ଡ,ଚାରଭାଟି ସରପଞ୍ଚ ଶଙ୍କର ନାଏକ, ପୁର୍ବତନ ଯୁବ ଜିଲ୍ଲା ପରିଷଦ ତଥା ବରିଷ୍ଠ ସାମ୍ୱାଦିକ ଖଗେଶ୍ୱର ଧ.ମାଝୀ, ସିଆରସିସି ବ୍ରାହ୍ମଣୀଗୁଡା ସିତେଶ କୁମାର ପାଢ଼ୀ, ସୋରିଷମାଳ ସ୍କୁଲରୁ ଅର୍ଜୁନ ମାଝୀ, ଖର୍ଲାବେଡାରୁ ଭାସ୍କର ପାଢ଼ୀ, ବ୍ରାହ୍ମଣୀଗୁଡା ରୁ ଅରୁଣ ମୁଣ୍ଡ,ରାଜେଶ ମାଝୀ, ତେନ୍ତୁଳିଖୁଣ୍ଟି ସମରେନ୍ଦ୍ର ଦାସ, ଟଙ୍କ ଶବର, ପିତା ଗୁଡା ସୁଦନ ମାଝୀ, ଚାରଭାଟି ଲଳିତ ନେଗି, ପ୍ରୀତି ପ୍ରସନ୍ନ ମହାନ୍ତି, ଦୁନ୍ଦେଲମାଲ୍ ଯୋଶୋବନ୍ତ୍ ମେହେର, ବରଗୁଡ଼ା ବିଜ୍ଞାନ ଆଲୋକ ସାହୁ, ପୀତବାସ ପୂହନ, କଳେଇ ଗାଁ ରାଜକୁମାର ପାଣି, କୁଳିହାରୀ ପ୍ରଜ୍ଞା ପରୀମିତା ଦାସ, ସୁଶ୍ରୀ ସୁଭଦ୍ରୀ ଓ ସାନ ଡୁମେରବାହାଲ ସ୍କୁଲରୁ ଅଶୋକ ମୁଣ୍ଡ ଯୋଗ ଦେଇଥିଲେ ଯ ଏହି ସୁରଭି କାର୍ଯକ୍ରମରେ ସ୍କୁଲର ସମସ୍ତ ଛାତ୍ର ଛାତ୍ରୀ,ଶିକ୍ଷକ,ଶିକ୍ଷୟତ୍ରି ଓ ଅଭିଭାବକ ମାନେ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଲୋକଙ୍କ ମନ ମୋହିଥିଲା।

## ବଡ଼ପାଟଣା ମହିଳା ମିଶନ ଶକ୍ତି ଗୃହ ରୁ ଚୋରି

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବଡ଼ପାଟଣା ମହିଳା ମିଶନ ଶକ୍ତି ଗୃହ ରୁ ଚୋରି ହୋଇଛି । ସୂଚନା ରୁ ପ୍ରକାଶ ବୁଧବାର ରାତିରେ ମିଶନ ଶକ୍ତି ଗୃହ ରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି ।ଏହି ମିଶନ ଶକ୍ତି ଗୃହରେ ଟି.ବି ରୋଗୀଙ୍କ ପାଇଁ ଆସିବା ଖାଦ୍ୟ ଗୁଡିକ ଚାଉଳ, ତେଲ,ଅମୁଲ୍ୟ,ଡାଲି, ଅଣ୍ଡା ସାମଗ୍ରୀ ରଖା ଯାଇଥିଲା। ଏହି ସବୁ ସାମଗ୍ରୀ ଚୋରି ହୋଇ ଯିବ ମିଶନ ଶକ୍ତି ସଭାନେତ୍ରୀ ଅନିତା ରାଣୀ ମହାନ୍ତ ସମ୍ପାଦିକା ସ୍ୱର୍ଣ୍ଣଲତା ଦାଶ ,ଏମ.ବି.କେ ବିଣାପାଣୀ ମହାନ୍ତ ପାଟଣା ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ସୂଚନା ଦେଇଛନ୍ତି।

## ବାଙ୍ଗରଡ଼ା ପିଲି କେନାଲ ରେ ବୁଡ଼ି ବୃଦ୍ଧ ମୃତ

ଆସିକା (ମହାଭାରତ): ଆସିକା ବ୍ଲକ ଗାଙ୍ଗପୁର ଥାନା ବାଙ୍ଗରଡ଼ା ଗ୍ରାମ ନିକଟ ପିଲି କେନାଲ ରେ ବୁଡ଼ି ଜଣେ ବୃଦ୍ଧ ଙ୍କ ମୃତ୍ୟୁ ହୋଇଛି । ମୃତ ବୃଦ୍ଧ ସେହି ଗ୍ରାମର ୭୦ ବର୍ଷୀୟ ଅଭିମନ୍ୟୁ ଭୋଳ ହୋଇଥିବା ଜଣାପଡିଛି । ସୂଚନା ମୁତାବକ ଆଜି ଭୋର ରୁ ଅଭିମନ୍ୟୁ କେନାଲ କୁ ଗାଧୋଇବାକୁ ଯାଇଥିବା ସମୟରେ ଅସାବଧାନତା ବଶତଃ ପାଣିରେ ଭାସି ଯାଇଥିଲେ । ବହୁ ସମୟ ଧରି ଅଭିମନ୍ୟୁ ଘରକୁ ନଫେରିବା କାରଣରୁ ପରିବାର ଲୋକେ ତାଙ୍କୁ ବହୁ ଖୋଜା ଖୋଜି ପରେ କେନାଲରେ ଭାସୁଥିବା ଦେଖିବାକୁ ମିଳିଥିଲା । ଗ୍ରାମବାସୀ ଓ ପରିବାର ସଦସ୍ୟ ଙ୍କ ସହାୟତା ରେ ଅଭିମନ୍ୟୁ ଙ୍କୁ ସେଠାରୁ ଉଧାରକରି ଚିକିତ୍ସା ନିମନ୍ତେ ଆସିକା ଉପଖଣ୍ଡ ଚିକିତ୍ସାଳୟ ରେ ଭର୍ତ୍ତି କରିଥିବା ବେଳେ ଏଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ମୃତକ ଙ୍କ ପରିବାର ଗାଙ୍ଗପୁର ଥାନା ରେ ଲିଖିତ ଅଭିଯୋଗ ପରେ ପୋଲିସ ଏକ ଅପମୃତ ମାମଲା ରୁଜୁକରି ମୃତଦେହ ଜବତ କରିବା ସହ ତଦନ୍ତ ଚଳାଇଛି ।

## ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସଫେଇ ଓ ସଚେତନତା କାର୍ଯ୍ୟକ୍ରମ

ବେଗୁନିଆ,(ମହାଭାରତ):- ବେଗୁନିଆ ବ୍ଲକ ପରିସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରୋଜେକ୍ଟ ପଏଣ୍ଟ ଓ ପଞ୍ଚାୟତ ସମିତି ପକ୍ଷରୁ ନେହେରୁ ଯୁବ କେନ୍ଦ୍ରର ସହଯୋଗରେ ସଫେଇ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରୋଜେକ୍ଟ ପଏ□ର ଅଧକ୍ଷ ଡ଼ ସଂଗ୍ରାମ କେଶରୀ ସାମନ୍ତରାୟଙ୍କ ସଭାପତିତ୍ୱରେ ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟ ଅତିଥି, ମଣ୍ଡଳ ଉନ୍ନୟନ ଅଧିକାରୀ ଲକ୍ଷ୍ମୀଧର ସାହୁ, ବ୍ଲକ ଗୋଷ୍ଠୀ ଅଧିକାରୀ ଲକ୍ଷ୍ମୀଧର ସାହୁ, ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ଓ ନେହେରୁ ଯୁବ କେନ୍ଦ୍ରର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ବିପିନ କୁମାର ଯୋଗ ଦେଇ ପରିବେଶକୁ ସ୍ୱଚ୍ଛ ଓ ପରିଷ୍କାର ରଖିଲେ ସୁସ୍ଥ ବାତାବରଣ ସୃଷ୍ଟି ହୋଇ ପାରିବ ବୋଲି କହିଥିଲେ ।ସଭାର ପ୍ରାରମ୍ଭରେ ପରିବେଶକୁ ସ୍ୱଚ୍ଛତା ରଖିବା ପାଇଁ ଅତିଥି ମାନେ ଶପଥ ପାଠ କରାଇଥିଲେଯ କାର୍ଯ୍ୟକ୍ରମକୁ ବିକ୍ରମ କେଶରୀ ସାମନ୍ତରାୟ ଓ ତ୍ରିଲୋଚନ ମୁଦୁଲି ସହଯୋଗ କରିଥିଲେ ।

## ପରୀକ୍ଷା ସମୟରେ ବାରମ୍ବାର ପାୱାର କଟ୍, ଚଟା ପାୱାର ପାଇଁ ବିଦ୍ୟାର୍ଥୀଙ୍କ ପାଠପଢାରେ ବ୍ୟାଘାତ

ପାରାଦୀପ(ମହାଭାରତ): ପାରାଦୀପ ଷଣ୍ଢକୁଦରେ ଟାଟା ପାୱାର ମନମାନୀ, ବାରାମ୍ବାର ବିଦ୍ୟୁ କଟ୍ ଛାତ୍ରଛାତ୍ରୀଙ୍କ ପାଠପଢାରେ ବ୍ୟଘାତ ସୃଷ୍ଟି କରୁଛି କେହିବି ଏଥିପ୍ରତି ଚିନ୍ତା କରୁନାହାଁନ୍ତି ଷଣ୍ଢକୁଦରେ ଦିନରାତି ଅନବରତ ବିଦ୍ୟୁ କାଟ୍ ହେଉଛି, ଖରା ହେଉକି ବର୍ଷା ହେଉ ଟାଟାପାୱାର ମନମାନୀ କରି ୨୪ ଘଣ୍ଟାରୁ ଆଠ ଘଣ୍ଟା ବିଦ୍ୟୁତ୍ତୁ ଠିକ୍ ରେ ରହୁନି, ବିଦ୍ୟୁତ କଟିଲେ ଘଣ୍ଟା ବିତିଯାଉଛି ବିଦ୍ୟୁତ ଆସିବାକୁ ବର୍ତମାନ ବହୁ ବିଦ୍ୟାର୍ଥିମାନଙ୍କର ଅର୍ଦ୍ଧବାର୍ଷିକ ପରୀକ୍ଷା ଚାଲିଛି ଟାଟା ପାୱାର ଏପରି ମନମାନୀ ପାୱାର କଟ୍ ବିଦ୍ୟାର୍ଥିମାନଙ୍କର ପାଠପଢିବାରେ ସମସ୍ୟା ହେଉଛି ସନ୍ଧ୍ୟାସମୟରେ ବାରମ୍ବାର ପାୱାର କଟ୍ ହେଉଥିବାରୁ ଛାତ୍ରଛାତ୍ରୀମାନେ ପାଠପଢି ପାରୁନାହଁନ୍ତି ସନ୍ଧ୍ୟାରେ ପାୱାର କଟ୍ ହେଉଛି ପାୱାର ଆସିବା ରାତି ୯ଟା ୧୦ଟା ସମୟ କିଛି ଠିକ୍ ନାହିଁ ପୁଣି ବିଳମ୍ବିତ ରାତିରୁ ପାୱାର କଟ୍ ହେଉଛି ଯେ ଦିନ କେତେଟାରେ ପାୱାର ଆସୁଛି ତା ମଧ ଠିକ୍ ନାହିଁ ସରକାର ୨୪ଘଣ୍ଟା ପାୱାର ଯୋଗାଇ ଦିଆଯାଉଛି ବୋଲି କହି ଡିଙ୍ଗୁରା ପିଟିଚାଲିଛନ୍ତି। ହେଲେ ବସ୍ତି ଅଞ୍ଚଳ ହେଉ କି ଗ୍ରାମା□ଳମାନଙ୍କରେ ପାୱାର ଠିକ୍ ରହୁନି ବିଦ୍ୟୁ ଉପଭୋକ୍ତାମାନେ ମାସିକ ବିଲ୍ ଠିକ୍ ରେ ପୈଠ କରୁଥିବା ବେଳେ ଟାଟା ପାୱାର ବାରମ୍ବାର ପାୱାର କଟ୍ କରି ବିଦ୍ୟୁ ଉପଭୋକ୍ତାମାନଙ୍କୁ ହତସନ୍ତ କରୁଛି ଷଣ୍ଢକୁଦରେ ବାରମ୍ବାର ପାୱାର କଟ୍ ହେଉଛି ବିଦ୍ୟାର୍ଥୀମାନେ ଠିକ୍ ପାଠପଢି ପରୁନାହାଁନ୍ତି, ଦିନବେଳା ଗ୍ରଷ୍ମ ପ୍ରବାହରେ ଘରଭିତରେ ରହି ପାରୁନାହାଁନ୍ତି, ଲୋକେ କାମଧନ୍ଦା ସାରି ରାତିରେ ଠିକ୍ ରେ ସୋଇ ପାରୁନାହାଁନ୍ତି, ଟାଟା ପାୱର ମନମାନୀ କରି ଲୋକମାନଙ୍କୁ ହତସନ୍ତ କରୁଛି ହେଲେ ଏଥପ୍ରତି କାହାରି ନିଘା ନାହିଁ, ନା ଅଛି ଷଣ୍ଢକୁଦରେ ଥିବା ତିନୋଟି ୱାର୍ଡର ପାରିଷଦମାନଙ୍କର , ନା ଅଛି ଜନ ପ୍ରତିନିଧିମାନଙ୍କର ବାରମ୍ବାର ପାୱାର କଟ୍ ହେଉଥିବା କାରଣ ବିଷୟରେ ଜାଣିବାକୁ ଟାଟା ପାୱାର ଅଧିକାରୀମାନଙ୍କ ସହ ବାରମ୍ବାର ଯୋଗା ଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ ଯୋଗାଯୋଗ ହୋଇ ପାରିନାହିଁ ।


## ବଡ଼ପାଟଣା ମହିଳା ମିଶନ ଶକ୍ତି ଗୃହ ରୁ ଚୋରି

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବଡ଼ପାଟଣା ମହିଳା ମିଶନ ଶକ୍ତି ଗୃହ ରୁ ଚୋରି ହୋଇଛି । ସୂଚନା ରୁ ପ୍ରକାଶ ବୁଧବାର ରାତିରେ ମିଶନ ଶକ୍ତି ଗୃହ ରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏହି ମିଶନ ଶକ୍ତି ଗୃହରେ ଟି.ବି ରୋଗୀଙ୍କ ପାଇଁ ଆସିବା ଖାଦ୍ୟ ଗୁଡିକ ଚାଉଳ, ତେଲ,ଅମୁଲ୍ୟ,ଡାଲି, ଅଣ୍ଡା ସାମଗ୍ରୀ ରଖା ଯାଇଥିଲା। ଏହି ସବୁ ସାମଗ୍ରୀ ଚୋରି ହୋଇ ଯିବ ମିଶନ ଶକ୍ତି ସଭାନେତ୍ରୀ ଅନିତା ରାଣୀ ମହାନ୍ତ ସମ୍ପାଦିକା ସ୍ୱର୍ଣ୍ଣଲତା ଦାଶ ,ଏମ.ବି.କେ ବିଣାପାଣୀ ମହାନ୍ତ ପାଟଣା ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ସୂଚନା ଦେଇଛନ୍ତି।


## ଗୁଳନଗର ପଞ୍ଚାୟତରେ ଉଦ୍‌ଘାଟିତ ହେଲା ନିଶୁଳ୍କ ଫିଜିଓଥେରାପି



କେନ୍ଦ୍ରାପଡ଼ା,(ମହାଭାରତ): ବର୍ତ୍ତମାନ ବରିଷ୍ଠ ନାଗରିକ ହେଉ କିମ୍ବା ସାଧାରଣ ଲୋକମାନେ ହୁଅନ୍ତୁ ବିଭିନ୍ନ ପ୍ରକାର ରୋଗରେ ପିଡିତ ହେଉଛନ୍ତି । ବିଷେଶ କରି ପିଟି ଓ ଅଣ୍ଟା ଯନ୍ତ୍ରଣା, ମାଂସପେଶୀ ଜନିତ ଯନ୍ତ୍ରଣା, ସ୍ନାୟୁଗତ ସମସ୍ୟା,ପକ୍ଷଘାତ, ଗଣ୍ଠି ବ୍ୟଥା କିମ୍ବା ଲିଗାମେ□ ସମସ୍ୟା ଦେଖାଯାଉଛି । ଏହାକୁ ଲକ୍ଷ୍ୟକରି କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଳନଗର ପଞ୍ଚାୟତର ରାମନଗର ପାଟଣା ଠାରେ ନିୟୁ ହୋପ ଫିଜିଓ ଥେରାପି କେନ୍ଦ୍ର ଡା. ପ୍ରତାପ ରନ ନାୟକଙ୍କ ଉଦ୍ୟମରେ ଆଜି ଉଦ୍‌ଘାଟିତ ହୋଇଯାଇଛି । ଏହାକୁ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଫିତା କାଟି ଉଦ୍‌ଘାଟନ କରିଛନ୍ତି । ଡା. ନାୟକ କହିଛନ୍ତି ଯେ ମୁ ଗ୍ରାମାଞ୍ଚଳ ଲୋକଙ୍କ ସେବା ପାଇଁ ଫିଜିଓଥେରାପି ଡାକ୍ତର ହୋଇଛି । ଆଖପାଖ ଅଞ୍ଚଳରେ ଏହି ସୁବିଧା ମିଳୁନାହିଁ। ତେଣୁ ମୋର ନିଜ ଗୁଳନଗର ପଞ୍ଚାୟତରେ ଏହାକୁ ଖୋଲିଛି । ଏହି ସପ୍ତାହରେ ସମସ୍ତଙ୍କ ପାଇଁ ମାଗଣାରେ ଚିକିତ୍ସା କରାଯିବ ଓ ଏହା ପରେ ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଓ ଗରିବ ଲୋକଙ୍କ ପାଇଁ ସୁଲଭ ମୂଲ୍ୟରେ ଚିକିତ୍ସା କରାଯିବ । ଏହା ସବୁଦିନ ସକାଳ ସମୟ ୬ଟା୩୦ରୁ ୯.୩୦ ଓ ସନ୍ଧ୍ୟା ୬.୩୦ରୁ ୮.୩୦ ମଧ୍ୟରେ ଚିକିତ୍ସା କରାଯିବ । ଆଜି ପ୍ରଥମେ ବିଧାୟକ ଶ୍ରୀ ବେହେରାଙ୍କ ମେରୁଦଣ୍ଡ ଯନ୍ତ୍ରଣା ହେଉଥିବାରୁ ଚିକିତ୍ସା କରାଯାଇଥିଲା । ଏହି କେନ୍ଦ୍ର ଉଦ୍‌ଘାଟନ ସମୟରେ କେନ୍ଦ୍ରାପଡା କଲେଜର ପୂର୍ବତନ ପ୍ରଫେସର ପଦ୍ମଚରଣ ସାମନ୍ତରାୟ, ଗୁଳନଗର ପଞ୍ଚାୟତର ପୂର୍ବତନ ସରପ□ ପିତବାସ ବେହେରା, ସମ୍ବିତ ଶ୍ରୀ ଚନ୍ଦନ, ବଳରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ନଳିନି କାନ୍ତ ସାହୁ, ଜ୍ଞାନ ରନ ନାୟକ, ଗଣେଶ୍ୱର ସାହୁ ସହଯୋଗ କରିଥିଲେ ।

## ଅକ୍ଟୋବର,ନଭେମ୍ବର ଓ ଡିସେମ୍ବର ମାସ ପାଇଁ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ

ଅନୁଗୋଳ ,(ମହାଭାରତ):ଅନୁଗୋଳ ଜିଲ୍ଲାପାଳ ଶ୍ରୀ ଅବଦାଲ୍ ମୁହମ୍ମଦ୍ ଅଖତରଙ୍କର ଆସନ୍ତା ଅକ୍ଟୋବର,ନଭେମ୍ବର ଓ ଡିସେମ୍ବର ମାସ ପାଇଁ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ ସ୍ଥିର ହୋଇଛି । ଏଥିରେ ଜିଲ୍ଲାପାଳ ଓ ଅନୁଗୋଳ ଆରକ୍ଷୀ ଅଧିକ୍ଷକ ଡ.ଉମାଶଙ୍କର ଦାଶଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେବେ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଅକ୍ଟୋବର ମାସ ୭ ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବାକୁ ଥିବାବେଳେ ୧୪ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ କଣିହାଁ ବ୍ଲକ କାର୍ଯ୍ୟାଳୟ, ୨୧ ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ ପାଲଲହଡା ବ୍ଲକ କାର୍ଯ୍ୟାଳୟ, ୨୮ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ । ସେହିପରି ନଭେମ୍ବର ମାସ ୪ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ କିଶୋରନଗର ବ୍ଲକ କାର୍ଯ୍ୟାଳୟ, ୧୧ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ ବଣ୍ଡଁରପାଳ ବ୍ଲକ କାର୍ଯ୍ୟାଳୟ, ୧୮ତାରିଖ(ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ, ୨୫ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ ତାଳଚେର ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ ।ସେହିପରି ଡିସେମ୍ବର ମାସ ୨ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ ପାଲଲହଡା ବ୍ଲକ କାର୍ଯ୍ୟାଳୟ, ୯ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ, ୧୬ତାରିଖ(ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ କଣିହାଁ ବ୍ଲକ କାର୍ଯ୍ୟାଳୟ, ୨୩ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ କିଶୋରନଗର ବ୍ଲକ କାର୍ଯ୍ୟାଳୟ ଓ ୩୦ତାରିଖ(ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ ବଣ୍ଡଁରପାଳ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ । ଏହି ସମସ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ଯୋଗ ଦେଇ ନିଜ ନିଜର ଆପତି ଅଭିଯୋଗ ଉପସ୍ଥାପନ କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ଜଣାଇ ଦିଆଯାଉଛି। ସେହିପରି ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଜିଲ୍ଲା କାର୍ଯ୍ୟାଳୟଠାରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ଜିଲ୍ଲା କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ବାଲାଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷଣ କଲା ଚୀନ୍

**ବେଜିଂ,୨୬।୯ :** ଚୀନ୍ ପ୍ରଥମ ଥର ପାଇଁ ପ୍ରଶାନ୍ତ ମହାସାଗରରେ ଏକ ଆନ୍ତଃମହାଦେଶୀୟ ବାଲାଷ୍ଟିକ୍ କ୍ଷେପଣାସ୍ତ୍ରକୁ ସଫଳତାର ସହ ପରୀକ୍ଷଣ କରିଛି ବୋଲି ସର୍ବସାଧାରଣରେ ସ୍ୱୀକାର କରିଛି । ଚୀନର ପ୍ରତିରକ୍ଷା ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି ଆନ୍ତଃମହାଦେଶୀୟ ବାଲାଷ୍ଟିକ୍ କ୍ଷେପଣାସ୍ତ୍ରକୁ ଏକ ଡମ୍ମି ୱାରହେଡ୍ ସହିତ ସଂଯୁକ୍ତ କରାଯାଇଥିଲା । ସ୍ଥାନୀୟ ସମୟ ସକାଳ ୮ଟା ୪୪ରେ ପିପୁଲ୍ସ ଲିବରେସନ୍ ଆର୍ମି ରକେଟ୍ ଫୋର୍ସ ଦ୍ୱାରା ଏହା ଉତ୍କ୍ଷେପଣ କରାଯାଇଛି । ଆଶା କରାଯାଉଥିବା ସ୍ଥାନରେ ଏହି କ୍ଷେପଣାସ୍ତ୍ର ସମୁଦ୍ରରେ ପଡିଥିଲା । ଚୀନର ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସରକାର ଏକ ବିବୃତ୍ତିରେ କହିଛନ୍ତି ଯେ ଏହି ପରୀକ୍ଷା ଦେଶର ବାର୍ଷିକ ତାଲିମ ଯୋଜନାର ଏକ ଅଂଶ ଏବଂ କେଣସି ଦେଶକୁ ଟାର୍ଗେଟ କରି ଏହି ଲଞ୍ଚ କରାଯାଇ ନାହିଁ । ଏହି ରିପୋର୍ଟରେ କ୍ଷେପଣାସ୍ତ୍ରର ଗତିପଥ କିମ୍ବା ପ୍ରଶାନ୍ତ ମହାସାଗରରେ କେଉଁଠାରେ ପଡିଛି ସେ ସମ୍ବନ୍ଧରେ ସୂଚନା ଦିଆଯାଇ ନାହିଁ । ଚୀନର ସୈନ୍ୟବାହିନୀ ପିଏଲଏର ରକେଟ୍ ଫୋର୍ସ, ଦେଶର ପାରମ୍ପରିକ ଏବଂ ଆଣବିକ କ୍ଷେପଣାସ୍ତ୍ରର ସଂଚାଳନ ଏବଂ ରକ୍ଷଣାବେକ୍ଷଣ କରୁଛି । ଆମେରିକାର କ୍ଷେପଣାସ୍ତ୍ର ପ୍ରତିରକ୍ଷା, ଉନ୍ନତ ନୀରିକ୍ଷଣ କ୍ଷମତା ଏବଂ ଦୃଢ ସହଯୋଗୀଙ୍କର ମୁକାବିଲା ପାଇଁ ଚୀନର ଆଣବିକ ଶକ୍ତିକୁ ଆଧୁନିକୀକରଣ କରିବା ପାଇଁ ଏହି ରକେଟ୍ ଫୋର୍ସକୁ ଦାୟିତ୍ୱ ଦିଆଯାଇଛି । ପେଣ୍ଟାଗନ୍ ରିପୋର୍ଟ ଅନୁଯାୟୀ, ଚୀନ୍ରେ ୫୦୦ରୁ ଅଧିକ ପରମାଣୁ ଯୁଦ୍ଧ ହେଡ୍ ଅଛି । ସେଥିମଧ୍ୟରୁ ପ୍ରାୟ ୩୫୦ ଟି ଆଇସିବିଏମ୍ (ଆନ୍ତଃମହାଦେଶୀୟ ବାଲାଷ୍ଟିକ୍ କ୍ଷେପଣାସ୍ତ୍ର) । ୨୦୩୦ ସୁଦ୍ଧା ଚୀନ୍ ପାଖରେ ୧୦୦୦ ରୁ ଅଧିକ ଆଣବିକ ଯୁଦ୍ଧ ହେଡ୍ ରହିବ ବୋଲି କୁହାଯାଉଛି । ଅପରପକ୍ଷରେ ଚୀନ୍ ଏବଂ ତାଇୱାନ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି । ଗତ ପାଞ୍ଚ ବର୍ଷ ମଧ୍ୟରେ ଚୀନ୍ ପକ୍ଷରୁ ତାଇୱାନରେ ନିଜର ସାମରିକ କାର୍ଯ୍ୟକଳାପ ବୃଦ୍ଧି କରାଯାଇଛି । ଯେଉଁ କାରଣରୁ ଏହି ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇଛି ।

## ରାହୁଲଙ୍କ ପାସପୋର୍ଟ ଜବତ କରାଯାଉ



**ନୂଆଦିଲ୍ଲୀ,୨୬।୯ :** ଆମେରିକାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦେଇଥିବା ବିବୃତ୍ତିକୁ ନେଇ ବିବାଦ ଜାରି ରହିଛି । ବର୍ତ୍ତମାନ ରାଜସ୍ଥାନର ଚିତ୍ତୋରଗଡର ବିଜେପି ସାଂସଦ ସିପି ଯୋଶୀ ରାହୁଲ ଗାନ୍ଧୀଙ୍କ ପାସପୋର୍ଟ ଜବତ କରିବାକୁ ଦାବି କରି ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କୁ ଚିଠି ଲେଖିଛନ୍ତି । ସିପି ଯୋଶୀ ତାଙ୍କ ଚିଠିରେ କହିଛନ୍ତି, ରାହୁଲ ଗାନ୍ଧୀଙ୍କ ଭାଷଣ ଯୋଗୁ ଦେଶର ସାଧାରଣ ନାଗରିକ ଯନ୍ତ୍ରଣା ଭୋଗୁଛନ୍ତି । ରାହୁଲ ଗାନ୍ଧୀଙ୍କୁ ଦେଶ ବାହାରକୁ ଯାଇ ଦେଶକୁ ଅପମାନିତ କରିବାର ଅଧିକାର କିଏ ଦେଇଛି ? ମୁଁ ଲୋକସଭା ବାଚସ୍ପତିଙ୍କୁ ଏକ ଚିଠି ଲେଖିଛି । ତାଙ୍କ ପାସପୋର୍ଟ ଜବତ କରାଯାଉ । କଂଗ୍ରେସ ମଧ୍ୟ ଏହାର ପାଲଟା ଜବାବ ଦେଇଛି । କଂଗ୍ରେସ ସାଂସଦ ମଣିକମ ଟାଗୋର କହିଛନ୍ତି, ବିଜେପି ନେତାମାନେ ମଜା କରୁଛନ୍ତି । ରାହୁଲ ଗାନ୍ଧୀଙ୍କ ପାସପୋର୍ଟ ରଦ୍ଦ କରିବାକୁ ବିଜେପି ସାଂସଦ ବାଚସ୍ପତିଙ୍କୁ ଲେଖିଛନ୍ତି । ଲୋକସଭା ବାଚସ୍ପତିଙ୍କ କ'ଣ ପାସପୋର୍ଟ ଅଧିକାରୀ କି ? ପାସପୋର୍ଟ କିଏ ରଦ୍ଦ କରନ୍ତି ତାହା ବିଜେପି ସାଂସଦ କ'ଣ ଜାଣି ନାହାନ୍ତି । ତାଙ୍କର ଏ ବିଷୟରେ ଜ୍ଞାନ କମ୍ ରହିଛି । ଓମ୍ ବିର୍ଲା ପାସପୋର୍ଟ ଦିଅନ୍ତି ନାହିଁ । ସୂଚନାଯୋଗ୍ୟ, ନିକଟରେ ଆମେରିକା ଗସ୍ତରେ ଯାଇଥିବା ରାହୁଲ ଗାନ୍ଧୀ ଭର୍ଜିନିଆରେ ଭାଷଣ ଦେଇଥିଲେ । ଏହା ସହିତ ସେ ଭାରତୀୟ ଆମେରିକୀୟ ସମ୍ପ୍ରଦାୟର ବହୁ ଲୋକଙ୍କ ସହ କଥାବାର୍ତ୍ତା କରିଥିଲେ । ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ପ୍ରଶ୍ନ କରିଥିଲେ ଯେ ଭାରତରେ ଶିଖଙ୍କର ପଗଡ଼ି କିମ୍ବା କଡା ପିନ୍ଧିବାର ଅଧିକାର ଅଛି କି ନାହିଁ ଏବଂ ଜଣେ ଶିଖ ଗୁରୁଦ୍ୱାର ପରିଦର୍ଶନ କରିପାରିବେ କି ନାହିଁ ? ଖାଲିସ୍ତାନୀ ଆତଙ୍କବାଦୀ ଗୁରୁପତୱନ୍ତ ସିଂ ପନ୍ନୁ ରାହୁଲ ଗାନ୍ଧୀଙ୍କ ଏହି ବିବୃତ୍ତିକୁ ସମର୍ଥନ କରି ଏହାକୁ ଯଥାର୍ଥ କହିଥିଲେ । ରାହୁଲ ଗାନ୍ଧୀ ଏକ ନିର୍ଭୀକ ବିବୃତ୍ତି ଦେଇଛନ୍ତି ବୋଲି ସେ କହିଥିଲେ ।

## କଙ୍ଗନାଙ୍କ କ୍ଷମା ପ୍ରାର୍ଥନା

**ନୂଆଦିଲ୍ଲୀ,୨୬।୯(ଏଜେନ୍ସି):** କ୍ଷମା ମାଗିଲେ ବଲିଉଡ ଅଭିନେତ୍ରୀ ତଥା ବିଜେପି ସାଂସଦ କଙ୍ଗନା ରଣାୱତ । ବୟାନକୁ ବିବାଦରେ ଫସିବା କଙ୍ଗନା କ୍ଷମା ମାଗିଛନ୍ତି । ତିନି କୃଷି ଆଇନକୁ ଫେରାଇ ଆଣିବାକୁ ସେ ବୟାନ ଦେଇଥିଲେ । ଯାହାକୁ ନେଇ ବିବାଦ ତେଜିବା ପରେ ସାଂସଦ ମୁଣ୍ଡ ନୁଆଁଇଛନ୍ତି । ବିଜେପି ସାଂସଦଙ୍କ ଏହି ବୟାନକୁ ନେଇ ଏବେ ଜୋରଧରିଛି ରାଜନୀତି । ବଲିଉଡ ଅଭିନେତ୍ରୀ ତଥା ଏମ୍ପି କଙ୍ଗନା ରାଣାୱତଙ୍କ 'କୃଷି ଆଇନ ଫେରାଇ ଆଣିବା' ବିବୃତ୍ତିରୁ ବିଜେପି ନିଜକୁ ଦୂରେଇ ରଖିଛି । ଏଲଜେପି ମୁଖ୍ୟ ତଥା କେନ୍ଦ୍ର ମନ୍ତ୍ରୀ ଚିରାଗ ପାସୱାନ କହିଛନ୍ତି, 'ଏହା କଙ୍ଗନାଙ୍କ ବ୍ୟକ୍ତିଗତ ବିବୃତ୍ତି । ଏହା ଦଳର ବିବୃତ୍ତି ନୁହେଁ ।' ସେହିପରି ବିଜେପି ମୁଖପାତ୍ର ଗୌରବ ଭାଟିଆ କଙ୍ଗନାଙ୍କ ମନ୍ତବ୍ୟକୁ ତାଙ୍କର ବ୍ୟକ୍ତିଗତ ବିବୃତ୍ତି ବୋଲି କହିଛନ୍ତି । ସେପଟେ ଦିଲ୍ଲୀ କଂଗ୍ରେସ ମୁଖ୍ୟ ଦେବେନ୍ଦ୍ର ଯାଦବ ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ' କଙ୍ଗନାଙ୍କ ବିବୃତ୍ତି ଋଷୀଙ୍କ ପ୍ରତି ଅପମାନ । ତାଙ୍କ ବିରୋଧରେ ବିଜେପି ଆକ୍ସନ ନେବା ଉଚିତ । ଏହା ପ୍ରଧାନମନ୍ତ୍ରୀଙ୍କ ନିଷ୍ପତ୍ତିର ଅପମାନ



। ଆମେ ମଧ୍ୟ ଏହି କୃଷି ଆଇନ ବିରୋଧରେ ଥିଲୁ, ଆମେ କଙ୍ଗନା ରାଣାୱତଙ୍କ ବୟାନକୁ ବିରୋଧ କରୁଛୁ ।'ବିବାଦ ବଢିବା ପରେ ହିମାଚଳ ପ୍ରଦେଶର ମାଣ୍ଡି ସାଂସଦ କଙ୍ଗନା ମଧ୍ୟ ଏକ୍ସରେ ଟ୍ୱିଟ୍ କରି ଏହା ତାଙ୍କର ବ୍ୟକ୍ତିଗତ ବିବୃତ୍ତି ବୋଲି କହିଛନ୍ତି । କଂଗ୍ରେସ କୃଷି ଆଇନ ଉପରେ କଙ୍ଗନାଙ୍କ ମନ୍ତବ୍ୟକୁ ଦର୍ଶାଇ ଅଭିଯୋଗ କରିଛି, ଶାସକ ଦଳ ୨୦୨୧ରେ ରଦ୍ଦ କରିଥିବା ତିନିଟି ଆଇନକୁ ଫେରାଇ ଆଣିବାକୁ ଚେଷ୍ଟା କରୁଛି ଏବଂ ହରିୟାଣା ଏହାର ଉଚିତ ଜବାବ ଦେବ ।

## ସରକାର ଗଠନ ପାଇ ବିଜେପି ନେତା ଘର ବାହାରେ ଅପେକ୍ଷା କରୁଥିଲେ



**ଶ୍ରୀନଗର,୨୬।୯(ଏଜେନ୍ସି):** ଜମ୍ମୁକାଶ୍ମୀରରେ ଏବେ ନିର୍ବାଚନୀ ମାହୋଲ ସରଗରମ ରହିଛି । ଦଳମାନେ ପରସ୍ପର ବିରୋଧରେ ଆରୋପ ପ୍ରତ୍ୟାରୋପ ଜାରି ରଖିଛନ୍ତି । ବିଜେପିକୁ ଟାର୍ଗେଟ କରି ପିଡିପି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫତି କହିଛନ୍ତି ଯେ ଆଜି ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀ ଏଠାକୁ ଆସି ପରିବାରବାଦ ବିଷୟରେ ବଡ଼ ବଡ କଥା କହୁଛନ୍ତି । କିନ୍ତୁ ଏହା ହେଉଛି ସେହି ବିଜେପି, ଯାହାର ନେତା ରାମ ମାଧବ ସରକାର ଗଠନ ପାଇଁ ଏଠାରେ ତିନିମାସ ଧରି ଥିଲେ ଓ ଅନୁରୋଧ କରିଥିଲେ । ମେହବୁବା କହିଛନ୍ତି ଯେ ପ୍ରଥମ ଦୁଇମାସ ସରକାର ଗଠନ ପାଇଁ ରାମ ମାଧବ ତାଙ୍କ ପିତାଙ୍କୁ ବାରମ୍ବାର ଅନୁରୋଧ କରୁଥିଲେ । ସେ ସରକାର ଗଠନ ପାଇଁ ମୁଫତି ମହମ୍ମଦ ସୟିଦଙ୍କୁ ବାରମ୍ବାର ଅନୁରୋଧ କରିଥିଲେ । ସେତେବେଳେ ରାମ ମାଧବ କହୁଥିଲେ ଯେ ସେ ପିଡିପିର ସମସ୍ତ ସର୍ତ୍ତ ଗ୍ରହଣ କରିଛନ୍ତି । ତା'ପରେ ପିଡିପି ନିଜ ସର୍ତ୍ତ ସହିତ ବିଜେପି ସହିତ ସରକାର ଗଠନ କଲା । ମେହବୁବା କହିଛନ୍ତି ଯେ ଏଥର ମଧ୍ୟ ପିଡିପିର ସମର୍ଥନ ବିନା କୌଣସି ସରକାର ଗଠନ ହୋଇପାରିବ ନାହିଁ । ମଙ୍ଗଳବାର ସନ୍ଧ୍ୟାରେ ବାହୁ ବିଧାନସଭା ନିର୍ବାଚନମଣ୍ଡଳୀରୁ ଦଳ ପ୍ରାର୍ଥୀ ବିରେନ୍ଦ୍ର ସିଂ ସୋନୁଙ୍କ ସପକ୍ଷରେ ଏକ ନିର୍ବାଚନ ରାଲିକୁ ସମ୍ବୋଧିତ କରି ମେହବୁବା କହିଛନ୍ତି ଯେ କେନ୍ଦ୍ର ସରକାର ଗତ ପାଞ୍ଚ ବର୍ଷ ଧରି ଜାମ୍ମୁ ପାଇଁ କ'ଣ କରିଛନ୍ତି ? ମେହବୁବା କହିଛନ୍ତି ଯେ ଅଗଷ୍ଟ ୫, ୨୦୧୯ ପରେ ଜାମ୍ମୁ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି । ଏଠାରେ ବେକାରୀ ବୃଦ୍ଧି ପାଇଛି ଏବଂ ନିଶା ସେବନ ବୃଦ୍ଧି ପାଇଛି । ମେହବୁବା କହିଛନ୍ତି ଯେ ଅଗଷ୍ଟ ୫, ୨୦୧୯ ପରେ ସେ ତାଙ୍କୁ ଜାମ୍ମୁର ଉପରାଜ୍ୟପାଳ କାହିଁକି କେହି ନାହାନ୍ତି ? ସେ କହିଛନ୍ତି ଯେ ଯେତେବେଳେ ପିଡିପି ସରକାର ଥିଲା । ମୁଖ୍ୟ ସଚିବ ଜାମ୍ମୁରୁ, ଆଇଜି ଜାମ୍ମୁରୁ ଏବଂ ପରାମର୍ଶଦାତା ଜମ୍ମୁରୁ ଆସିଥିଲେ ମଧ୍ୟ ବିଜେପି ପାଞ୍ଚ ବର୍ଷ ପାଇଁ କୌଣସି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଜାମ୍ମୁରୁ କାହାକୁ ନିଯୁକ୍ତ କରି ନାହିଁ ।

## ରେକର୍ଡ ଭାଙ୍ଗିଲା ସୁନା ଦର

**ନୂଆଦିଲ୍ଲୀ,୨୬।୯(ଏଜେନ୍ସି):** ବିବାହ ଋତୁ ଆରମ୍ଭ ପୂର୍ବରୁ ଗ୍ରାହକଙ୍କୁ ଝଟ୍କା ।ସର୍ବକାଳୀନ ରେକର୍ଡ ଭାଙ୍ଗିଲା ସୁନା ଦର । ଭାରତରେ ପ୍ରଥମ ଥର ପାଇଁ ୧୦ ଗ୍ରାମ ପିଛା ସୁନା ମୂଲ୍ୟ ୭୬,୦୦୦ ଟଙ୍କା ଅତିକ୍ରମ କରିଛି । ରିପୋର୍ଟ ମୁତାବକ, ୨୪ କ୍ୟାରେଟ୍ ୧୦ ଗ୍ରାମ ସୁନାର ଦାମ୍ ୭୬,୯୫୦ରେ ପହଞ୍ଚିଛି । ଦିଲ୍ଲୀ, ଜୟପୁର, ଲକ୍ଷ୍ନୌ ଏବଂ ଚଣ୍ଡିଗଡ଼ ଭଳି ବଡ଼ ସହରରେ ଏହି ବୃଦ୍ଧି ଘଟିଛି । ସୁନାର ଦାମ୍ ଗତ ସେସନ୍ରେ ୧% ଅଧିକ ବିବା ପରେ ଆନ୍ତର୍ଜାତୀୟ ବଜାରରେ ଏହାର ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିଛି । ଆନ୍ତର୍ଜାତୀୟ ବଜାରରେ ସ୍ପଟ୍ ସୁନା ମୂଲ୍ୟ ୦.୩% ବୃଦ୍ଧି ହୋଇ ଏକ ଆଉନ୍ସ ପିଛା ୨୬୬୫ ଡଲାରରୁ ଅଧିକ ରହିଛି । ଏକ୍ସପର୍ଟଙ୍କ ମୁତାବକ, ଚଳିତ ବର୍ଷ ଶେଷ ସୁଦ୍ଧା MCX ଉପରେ ସୁନା ମୂଲ୍ୟ ୭୯,୦୦୦ ରୁ ୮୦,୦୦୦ରେ ପହଞ୍ଚିବା ସମ୍ଭାବନା ରହିଛି । ସେହିପରି ରୁପା ମୂଲ୍ୟରେ ମଧ୍ୟ ୪.୬% ବୃଦ୍ଧି ହୋଇ ଚାରି ମାସ ମଧ୍ୟରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ମଙ୍ଗଳବାର ଦିନ ରୁପା ମୂଲ୍ୟରେ୪.୬% ବୃଦ୍ଧି ପାଇଛି, ଯାହା ଚାରି ମାସ ମଧ୍ୟରେ ଗୋଟିଏ ଦିନର ସବୁଠାରୁ ବଡ଼ ବୃଦ୍ଧି ।

## ଜାପାନକୁ ପଛରେ ପକାଇଲା ଭାରତ

**ନୂଆଦିଲ୍ଲୀ,୨୬।୯(ଏଜେନ୍ସି):** ଭାରତ ଏସିଆ ପାୱାର ଇଣ୍ଡେକ୍ସରେ ଜାପାନକୁ ପଛରେ ପକାଇ ତୃତୀୟ ବୃହତ୍ତମ ଶକ୍ତିରେ ପରିଣତ ହୋଇଛି । ଭାରତର ଗତିଶୀଳ ଅଭିବୃଦ୍ଧି, ଯୁବ ଜନସଂଖ୍ୟା ଏବଂ ବିସ୍ତାରିତ ଅର୍ଥବ୍ୟବସ୍ଥା ଦ୍ୱାରା ଏହି ସଫଳତା ମିଳିଛି ଏବଂ ଏହି କ୍ଷେତ୍ରରେ ଏକ ଅଗ୍ରଣୀ ଶକ୍ତି ଭାବରେ ଭାରତ ନିଜର ସ୍ଥିତି ସୁଦୃଢ଼ କରିଛି । ୨୦୨୪ ଏସିଆ ପାୱାର ଇଣ୍ଡେକ୍ସରେ ମିଳିଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହେଉଛି ଆଞ୍ଚଳିକ ଶକ୍ତି ମାନ୍ୟତାରେ ଭାରତର କ୍ରମାଗତ ଉନ୍ନତି । ଭାରତ ଏହାର ସମ୍ପୂର୍ଣ୍ଣ ସାମର୍ଥ୍ୟ ହାସଲ କରିବା ସହ ଏହି ଅଞ୍ଚଳରେ ନିଜର ପ୍ରଭାବ ପ୍ରୟୋଗ କରିବାକୁ ଚାହୁଁଛି । ୨୦୨୪ ଏସିଆ ପାୱାର ଇଣ୍ଡେକ୍ସରେ ଭାରତକୁ ଏସିଆରେ ଏକ ପ୍ରଭାବଶାଳୀ ଶକ୍ତି ଭାବରେ ଦର୍ଶାଯାଇଛି । ଦେଶର ଯଥେଷ୍ଟ ସମ୍ବଳ ଭିତ୍ତିଭୂମି ଏହାକୁ ଭବିଷ୍ୟତର ଅଭିବୃଦ୍ଧି ପାଇଁ ପ୍ରଚୁର ସମ୍ଭାବନା ପ୍ରଦାନ କରୁଛି । ଭାରତ ପାଇଁ ଦୃଷ୍ଟିକୋଣ ଆଶାବାଦୀ । କ୍ରମାଗତ ଆର୍ଥିକ ଅଭିବୃଦ୍ଧି ଏବଂ ବୃଦ୍ଧି ପାଉଥିବା କର୍ମଚାରୀଙ୍କ ସହିତ ଭାରତ ଆଗାମୀ ବର୍ଷଗୁଡ଼ିକରେ ନିଜର ପ୍ରଭାବ ବିସ୍ତାର କରିବାକୁ ଭଲ ସ୍ଥିତିରେ ରହିଛି । ବିଶେଷକରି ଭାରତର ବଢୁଥିବା କୂଟନୀତିକ ପ୍ରଭାବ ଏବଂ ଏହାର ରଣନୀତିକ ସ୍ୱାଧୀନତା ଏହାକୁ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଏକ ପ୍ରମୁଖ ଅଂଶୀଦାର କରିଛି । ୨୦୧୮ରେ ଲୋୱି ଇନଷ୍ଟିଚ୍ୟୁଟ୍ ଦ୍ୱାରା ଆରମ୍ଭ ହୋଇଥିବା ଏସିଆ ପାୱାର ଇଣ୍ଡେକ୍ସ ହେଉଛି ଏସିଆ-ପ୍ରଶାନ୍ତ ମହାସାଗରୀ । ଅଞ୍ଚଳରେ ଶକ୍ତି ଗତିଶୀଳତାର ଏକ ବାର୍ଷିକ ମୂଲ୍ୟାଙ୍କନ ସୂଚକାଙ୍କ । ଏଥିରେ ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ୨୭ଟି ଦେଶର ମୂଲ୍ୟାଙ୍କନ କରାଯାଇ ବାହ୍ୟ ପରିବେଶକୁ ଆକାର ଦେବା ଏବଂ ପ୍ରତିକ୍ରିୟା ଦେବାର କ୍ଷମତା ଯାଞ୍ଚ



କରାଯାଇଛି । ୨୦୨୪ ସଂସ୍କରଣରେ ଏହି ଅଞ୍ଚଳରେ ଶକ୍ତି ବିତରଣର ବର୍ତ୍ତମାନ ସୁଦ୍ଧା ସବୁଠାରୁ ବ୍ୟାପକ ଆକଳନ କରାଯାଇଛି । ତିମୋର-ଲେସ୍ତେକୁ ପ୍ରଥମ ଥର ପାଇଁ ଅନ୍ତର୍ଭୁକ୍ତ କରାଯାଇଛି, ଯାହା ଦକ୍ଷିଣ ପୂର୍ବ ଏସିଆରେ ଏହାର ବଢୁଥିବା ଗୁରୁତ୍ୱକୁ ପ୍ରତିଫଳିତ କରୁଛି । ଏହି ସୂଚକାଙ୍କ ଉଭୟ ରାଜ୍ୟଗୁଡ଼ିକର ଭୌତିକ ସାମର୍ଥ୍ୟ ଏବଂ ଅନ୍ତର୍ଜାତୀୟ ମଞ୍ଚରେ ସେମାନଙ୍କର ପ୍ରଭାବ ଉପରେ ଗୁରୁତ୍ୱାରୋପ କରେ ।

## କୋରୁକୋଣ୍ଡା ବ୍ଲକ ସ୍ତରୀୟ ସାମାଜିକ ସୁରକ୍ଷା ଜନ ଶୁଣାଣି ଶିବିର



**ମାଲକାନଗିରି, (ନି.ପ୍ର):** ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ବୈଠକ ଗୃହରେ କୋରୁକୋଣ୍ଡା ପଞ୍ଚାୟତ ସମିତି ପକ୍ଷରୁ କୋରୁକୋଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମା ଶଙ୍କର କୋୟାଙ୍କ ସଭାପତିତ୍ୱରେ ବ୍ଲକ ସ୍ତରୀୟ ସାମାଜିକ ସୁରକ୍ଷା ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ଶିବିରରେ ଜିଲ୍ଲା ସୋସିଆଲ ଅଡିଟର ସୁବ୍ରତ କୁମାର ସାମଲ, କୋରୁକୋଣ୍ଡା ବ୍ଲକର ପୋଗ୍ରାମ ଅଫିସର ସତ୍ୟ ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନା ଥାଉକି ୨୦୨୪-୨୫ ଆର୍ଥିକ ବର୍ଷରେ କୋରୁକୋଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତ ଅଧିନସ୍ତ ଅଞ୍ଚଳରେ ବନବିଭାଗ, ୱାଟରସେଡ, ଉଦ୍ୟାନ ବିଭାଗ, ଆଇଟିଡିଏ ଏପରି ବିଭିନ୍ନ ବିଭାଗ ଅଧୀନରେ ହୋଇଥିବା ସରକାରଙ୍କ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କେଉଁ କେଉଁ ଅଞ୍ଚଳରେ କେତେ କାମ ହୋଇଛି ଓ କେତେଜଣ ହିତାଧିକାରୀ ଏହି ଯୋଜନାରେ ଉପକୃତ ହୋଇଛନ୍ତି ସେ ସମ୍ପର୍କରେ ସମସ୍ତ ବିଭାଗର ଅଧିକାରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସହିତ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ବ୍ଲକ କର୍ତ୍ତୃପକ୍ଷଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ପାଇଁ ବିଭିନ୍ନ ବିଭଗକୁ ଆସିଥିବା ଅନୁଦାନ ରାଶି ସମ୍ପୂର୍ଣ୍ଣ ଭାବେ ଖର୍ଚ୍ଚ ହୋଇପାରି ନାହିଁ । ବର୍ତ୍ତମାନ ପର୍ଯ୍ୟନ୍ତ ଅନୁଦାନ ମୂଲ୍ୟର ଆହୁରି ପ୍ରାୟ ୨୦ ପ୍ରତିଶତ କାମ ବାକି ରହିଛି ।ଏ ପର୍ଯ୍ୟନ୍ତ ଏହି ଯୋଜନାରେ ଅଧିକାଂଶ ହିତାଧିକାରୀ ମଜୁରୀ ବାବଦରେ ଟଙ୍କା ପାଇନଥିବା ଜଣା ପଡିଛି । ବହୁ ସ୍ଥାନରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାମ ଶେଷ ହୋଇଥିଲେ ମଧ୍ୟ ବହୁ ସ୍ଥାନରେ ଆଜି ପର୍ଯ୍ୟନ୍ତ ସୂଚନା ଫଳକ ଲଗାଯାଇନାହିଁ ବୋଲି ଜଣା ପଡିଛି । ଏକ ମହତ ଉଦେଶ୍ୟରେ ପ୍ରଶାସନ ପକ୍ଷରୁ ବ୍ଲକ ସ୍ତରୀୟ ସାମାଜିକ ସୁରକ୍ଷା ଜନ ଶୁଣାଣି ଶିବିର ଅନୁଷ୍ଠିତ ହେଉଛି ସତ ହେଲେ କୌଣସି କାରଣରୁ ବିଭିନ୍ନ ସମୟରେ ଅନୁଷ୍ଠିତ ହେଉଥିବା ଏହି ଶିବିରକୁ ବ୍ଲକ ଅଧିନସ୍ତ ଅଞ୍ଚଳରେ ବାସବାସ କରୁଥିବା ଲୋକେ ଆଦୌ ଆସୁନଥିବାରୁ ଏହାର ଉଦେଶ୍ୟ ପୂରଣ ହୋଇପାରୁନାହିଁ ।ଏହି ଶିବିରରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ ମାନେ ଉପସ୍ଥିତ ଥିଲେ ।

## ଗଜପତି ନଗରରେ ବୃକ୍ଷ ରୋପଣ, ଗଛ ବଂଚିଲେ ଆମେ ବଂଚିବା

ଭୁବନେଶ୍ୱର, (ନିପ୍ର) : ଭୁବନେଶ୍ୱର ମହାନଗର ନିଗମର ୧୨ ନମ୍ବର ୱାର୍ଡ ଅନ୍ତର୍ଗତ ଗଜପତିନଗର ଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ କର୍ପୋରେଟର ଜୟନ୍ତୀ ସାହୁ ଯୋଗଦେଇ ବୃକ୍ଷ ରୋପଣ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ସେ କହିଥିଲେ ଭୁବନେଶ୍ୱରରେ ଗାଡି ମଟର ସଂଖ୍ୟା ହୁହୁ ହୋଇ ବଢି ଚାଲିଛି । ଏହା ଚଳାଚଳ କରିବା ଦ୍ୱାରା ବାୟୁମଣ୍ଡଳ ପ୍ରଦୁଷିତ ହୋଇ ଧିରେ ଧିରେ ଅମ୍ଳଜାନ ସ୍ତର କମି ଯାଉଛି । ଫଳରେ ଆଗାମୀ ଦିନରେ ଆମ୍ଭେମାନେ ନିଶ୍ୱାସ ନେବାକୁ କଷ୍ଟସାଧ୍ୟ ହେବ ।



ତେଣୁ ଆସନ୍ତୁ ସମସ୍ତେ ମିଶି ଗୋଟିଏ ଗୋଟିଏ ଗଛ ଲଗାଇ ଏହାକୁ ବଂଚାଇବା । ଗଛ ବଂଚିଲେ ଆମେ ବଂଚିବା ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିବ ଜନକର ସାହୁ, ବସନ୍ତ କୁମାର ସାହୁ, ସୁରେଶ କୁମାର ରାଉତରାୟ, ଅଶୋକ କୁମାର ସାହୁ, ରାଜକୁମାର ଦାସ, ବିଷ୍ଣୁ କର, ପ୍ରିତମ ସ୍ୱାଇଁ, ତପନ ବାରିକ, ଦେବାଶିଷ ପଟ୍ଟନାୟକ, ଠୁସି ସାମଲ ବିଏମସି ସାନିଟାରୀ ଇନ୍ସପେକ୍ଟର ମନୋରଞ୍ଜନ ମହାପାତ୍ର ଓ ସମସ୍ତ ସୁପରଭାଇଜର, ସ୍ୱଚ୍ଛସାଥୀ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ । ଏଥିରେ ପିଜୁଳି, ଆମ୍ବ, ଅଁଳା, ପଣସ ଇତ୍ୟାଦିର ଚାରା ରୋପଣ କରାଯାଇଥିଲା । ଯୁବନେତା ପ୍ରସନ୍ନ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ହିରୋ ମୋଟୋକର୍ପ ଏବଂ ଥମସ ଅପ ମିଳିତ ଭାବରେ ମାଭରିକ୍ ୪୪୦ ଥଣ୍ଡରହ୍ୱିଲସର ଏକ ବିଶେଷ ସଂସ୍କରଣର ଉପସ୍ଥାପନ

**ଭୁବନେଶ୍ୱର, (ନିପ୍ର) :** ସମସ୍ତଙ୍କୁ ଚକିତ କରିଦେବା ଭଳି ମିଳିତ ସହଯୋଗରେ, ହିରୋ ମୋଟୋକର୍ପ, ପୃଥିବୀର ସବୁଠାରୁ ବୃହତ୍ ମୋଟରସାଇକେଲ ଏବଂ ସ୍କୁଟର ନିର୍ମାଣକାରୀ ପ୍ରତିଷ୍ଠାନ ତଥା ଥମସ ଅପ ଯାହାକି କୋକା-କୋଲା କମ୍ପାନୀ ଅଧିନସ୍ଥ ଭାରତର ନିଜସ୍ୱ କ୍ଷେତ୍ରର ଏକ ବଡ଼ ମୃଦୁପାନୀୟ ବ୍ରାଣ୍ଡ ଏକାଠି ହୋଇ ଉପସ୍ଥାପନ କରୁଛନ୍ତି ମାଭରିକ୍ ୪୪୦ ଥଣ୍ଡର ହ୍ୱିଲସ ଯାହା ହିରୋ ମୋଟୋକର୍ପ ଫ୍ଲାଗସିପ୍ ମୋଟରସାଇକେଲ ମାଭରିକ୍ ୪୪୦ରେ ଏକ ସୀମିତ ସଂସ୍କରଣ କଳେବର । ଅନନ୍ୟ ମୋଟରସାଇକେଲ ଏହି ଶୃଙ୍ଖଳ ଅତି ସାବଧାନତା ଏବଂ ନିଖୁଣ ଭାବରେ ହିରୋ ମୋଟୋକର୍ପର ସହଭାଗୀତାରେ ଥମସ ଅପର ଦୁଃସାହସିକ ତଥା ରୋମାଂଚକର ପ୍ରମୁଖ ମୂଲ୍ୟକୁ ନେଇ ପ୍ରସ୍ତୁତ କରାଯାଇଛି ଯାହା ମଧ୍ୟରେ ଭରି ରହିଛି ହିରୋର ବୈଷୟିକୀ ଶିଳ୍ପ ବିଜ୍ଞାନ ସମ୍ବନ୍ଧୀୟ ତଥା ଯାନ୍ତ୍ରିକୀ ଉତ୍କର୍ଷତା ଉଭୟ ବ୍ରାଣ୍ଡ ମିଳିତ ଭାବରେ ସେମାନଙ୍କର ଯୁବ ଗ୍ରାହକମାନଙ୍କୁ ଏକ ଉତମ ଶ୍ରେଣୀଯୁକ୍ତ ତୋଫାନୀ ଅଭିଜ୍ଞତା ପ୍ରଦାନ କରୁଛନ୍ତି । ଉଭୟ ବ୍ରାଣ୍ଡର ବ୍ୟକ୍ତିଗତ ମୂଲ୍ୟବୋଧତାକୁ ସିଧାସଳଖ ଭାବରେ ପ୍ରଦାନ କରିବା ପାଇଁ ମାଭରିକ୍ ୪୪୦ ଥଣ୍ଡରହ୍ୱିଲସ ଦୃଢ଼ ଏବଂ ଦୁଃସାହସିକ ଗଠନର ଏକ ଉଦାହରଣ ଅଟେ । ଏହି ସୀମିତ ରହଣୀ ସଂସ୍କରଣର ମୋଟରସାଇକେଲ ଅଦ୍ୱିତୀୟ ଭାବରେ ଗ୍ରାହକମାନଙ୍କ ପାଇଁ ଉପଲବ୍ଧ ହେଉଅଛି ଯେଉଁମାନେକି ଏହାକୁ କିଣିବା ସମୟରେ ଥମସ ଅପର ବିଶେଷ ସଂସ୍କରଣର କିଛି ପ୍ୟାକକୁ ସ୍କାନ କରିବାର ସୁଯୋଗ ପାଇପାରିବେ ଯାହା ନଭେମ୍ବର ୧୫,୨୦୨୪ ପର୍ଯ୍ୟନ୍ତ ବଳବତର ରହିଛି ।

## ଶ୍ରୀ ଶ୍ରୀ ରାଧାବଲ୍ଲଭ ମନ୍ଦିରରେ ଭାଗବତ ସପ୍ତାହ ପାଳିତ

**ଖୋର୍ଦ୍ଧା,(ନି.ପ୍ର) :** ଓଡ଼ିଆ ଭାଗବତ ପ୍ରତ୍ୟେକ ଓଡ଼ିଆ ମାନଙ୍କର ଜୀବନ ବେଦ । ଶ୍ରୀମନ୍ଦିରରେ ଏହାର ରଚନାରୁ ଭାଗବତର ଜନ୍ମ ବୋଲି କୁହାଯାଏ । ଯାହା ଏବେ ପଲ୍ଲୀ ଠାରୁ ସହର ଭାଗବତ ଟୁଙ୍ଗି ଠାରୁ ଆରମ୍ଭ କରି ଘରେ ଘରେ ପାଳିତ ହୋଇଆସୁଛି । ଆଧାତ୍ମିକ ଚିନ୍ତା ଚେତନା ର ଉନ୍ମେଶ ଓ ମୂଲ୍ୟବୋଧର ବିକାଶରେ ଭାଗବତ ଏକ ମାଇଲ ଖୁଣ୍ଟ ସ୍ଥାପନ କରିଛି । ଭାଗବତ ଏପରି ଏକ ଧର୍ମଗ୍ରନ୍ଥ ଯାହାକୁ କୋଟି କୋଟି ମଣିଷ ଈଶ୍ୱର ଭାବେ ଆରାଧନା କରିଥାନ୍ତି ବୋଲି ସ୍ଥାନୀୟ ରାଧା ବଲ୍ଲଭ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଭାଗବତ ସପ୍ତାହ ଉତ୍ସବରେ ଯୋଗଦେଇ ବିଶିଷ୍ଟ ପ୍ରବକ୍ତା ଶିରୋମଣି ତ୍ରିଦଣ୍ଡି ସ୍ୱାମୀ ଭକ୍ତି ପ୍ରଚାର ମହାରାଜ, ମୁମ୍ବାଇ କହିଥିଲେ । ବ୍ୟାସଙ୍କ ରଚିତ ୧୮ ହଜାର ଶ୍ଳୋକ ସନ୍ନିବିଷ୍ଟ ସର୍ବ ପୁରାଣସାର ଏହି ଭାଗବତ ପୁରାଣ ଏକ ପାଣ୍ଡିତ୍ୟ ପୂର୍ଣ୍ଣ ଗ୍ରନ୍ଥ ବୋଲି ଉପସ୍ଥିତ ଭକ୍ତ ମାନଙ୍କୁ ପ୍ରବକ୍ତା ତ୍ରିଦଣ୍ଡି ସ୍ୱାମୀ ଭକ୍ତ ମାନଙ୍କୁ କହିଥିଲେ । ବହୁ ଭକ୍ତ ଏହି କାର୍ଯ୍ୟକ୍ରମ ରେ ଯୋଗଦେଇ ଭାଗବତର ସାରାଂଶ ଶ୍ରବଣ କରିବା ସହ ଭଗବାନଙ୍କର ଆଶ୍ରିତ ହୋଇଥିବା ଦେଖିବାକୁ ମିଳିଥିଲା । ପ୍ରତ୍ୟେହ କାର୍ଯ୍ୟକ୍ରମକୁ ମନ୍ଦିରର ପରିଚାଳନା ସଦସ୍ୟ ଅମୁଲ୍ୟ କୃଷ୍ଣ ମହାନ୍ତି, ରବି ନାରାୟଣ ମହାପାତ୍ର, ସୁଶାନ୍ତ କୁମାର ମିଶ୍ର, ଗୋବିନ୍ଦ ସାହା, ସୂର୍ଯ୍ୟ ପାତ୍ର, କାଶୀନାଥ ରାୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ଧର୍ମଶାଳା ବାଣୀପୀଠରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା

**ଧର୍ମଶାଳା,(ନି.ପ୍ର):** ଧର୍ମଶାଳା ବାଣୀପୀଠରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ, ହସ୍ତାକ୍ଷର ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ବ୍ଲକ୍ ଅଧୀନ ୩୯ଟି ବିଦ୍ୟାଳୟର ମୋଟ ୪୨୧ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଚିତ୍ରାଙ୍କନ ପ୍ରତିଯୋଗିତାରେ ୧୫୨ଜଣ ଛାତ୍ରଛାତ୍ରୀ ଭାଗ ନେଇଥିବା ବେଳେ ହସ୍ତାକ୍ଷରରେ ୨୪୩ ଓ ପ୍ରବନ୍ଧରେ ୨୬ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଚିତ୍ରାଙ୍କନ ପ୍ରତିଯୋଗିତାରେ ଧର୍ମଶାଳା ପବ୍ଲିକ୍ ସ୍କୁଲର ୨ୟ ଶ୍ରେଣୀ ଛାତ୍ରୀ ରେୟାଂଶ ଏସ୍. ମିଶ୍ର ପ୍ରଥମ, ଉତରଶାସନ ଅମରେଶ୍ୱରୀ ନୋଡ଼ାଲ ଉପ୍ରା ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ର ସୌମ୍ୟରଞ୍ଜନ ଦାଶ ଦ୍ୱିତୀୟ ଓ କାଏମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୫ମ ଶ୍ରେଣୀ ଛାତ୍ର କୌଶିକ୍ ମହାନ୍ତି ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ହସ୍ତାକ୍ଷର ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୮ମ ଶ୍ରେଣୀ ଛାତ୍ରୀ ଶୁଭଲକ୍ଷ୍ମୀ ବାରିକ ପ୍ରଥମ, ମୁରାରୀପୁର ଗୋପାଳଜିଉ ସରକାରୀ ହାଇସ୍କୁଲର ୮ମ ଶ୍ରେଣୀ ଛାତ୍ରୀ ଅର୍ଚ୍ଚିତା ମହାରଣା ଦ୍ୱିତୀୟ ଓ ଜାରକା ଉପ୍ରା ବିଦ୍ୟାଳୟର ୮ମ ଶ୍ରେଣୀ ଛାତ୍ରୀ ଅନୁଷ୍କା ଅନନ୍ୟା



ପରିଡ଼ା ତୃତୀୟ ହୋଇଥିଲେ । ଭାଷାଜ୍ଞାନ-ପ୍ରବନ୍ଧ ପ୍ରତିଯୋଗିତାରେ ଜାରକା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୧୦ମ ଶ୍ରେଣୀ ଛାତ୍ର ଶୁଭ୍ରାଂଶୁ ସାହୁ ପ୍ରଥମ ଏବଂ ୧୦ମ ଶ୍ରେଣୀ ଆଶୀର୍ବାଦ ପଣ୍ଡା ଦ୍ୱିତୀୟ ଓ ଧର୍ମଶାଳା ବାଣୀପୀଠର ଛାତ୍ରୀ ରିମ୍ଝିମ୍ ରାଉତ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଅବସରପ୍ରାପ୍ତ ଇଂରାଜୀ ବିଭାଗ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି, ଅଧ୍ୟାପକ ପ୍ରତାପ ବେହେରା, ଚିତ୍ରଶିଳ୍ପୀ ସତ୍ୟପ୍ରିୟ ମହାନ୍ତି ଓ ଅଧ୍ୟାପକ ବିଜୟ କୁମାର ନାୟକ ବିଚାରକ ଭାବେ ଯୋଗ ଦେଇଥିଲେ । ସମସ୍ତ ପ୍ରତିଯୋଗିତାକୁ ଧର୍ମଶାଳା ବାଣୀପୀଠର ବରିଷ୍ଠ ଶିକ୍ଷକ ପ୍ରଭାତ କୁମାର କର, ଅବସରପ୍ରାପ୍ତ ଶିକ୍ଷକ ଜୟପ୍ରକାଶ ତ୍ରିପାଠୀ, ମହମ୍ମଦ ଅଜିଜୁଲ୍ଲା, ଶିକ୍ଷକ ନାରାୟଣ ନନ୍ଦ, ରମେଶ ଚନ୍ଦ୍ର ବାରିକ, ମନୋଜ କୁମାର ରଣା, ଅନୀଲ କୁମାର ମହାରଣା, ନରେନ୍ଦ୍ର କୁମାର ବେହେରା, ପ୍ରଦୀପ୍ତ କୁମାର ସାହୁ, ଶ୍ରୀକାନ୍ତ କୁମାର ଦାଶ, ବାମନ ଚରଣ ସାହୁ, ନିରୋଜ୍ ପ୍ରଧାନ, ସୁବାଷ ଚନ୍ଦ୍ର ସାହୁ, ସାମ୍ବାଦିକ ବିକ୍ରମ କେଶରୀ ମହାନ୍ତି, ସୀତାକାନ୍ତ ସାମଲ, ଶିକ୍ଷୟିତ୍ରୀ ବିଦ୍ୟୁତ୍ଲତା ରାଉତ, ରଞ୍ଜିତା ମହାନ୍ତି ଓ ସମାପିକା ଦାସ ପ୍ରତିଯୋଗିତା ପରିଚାଳନା କରିଥିଲେ । ବାଣୀପୀଠ ଶିକ୍ଷକ ନୃସିଂହ ଚରଣ ସାହୁ, ସାର୍ଥକ ପାଢ଼ୀ, ଶିକ୍ଷୟିତ୍ରୀ ସୁପ୍ରିୟା ଶତପଥୀ, ସୁବ୍ରତ ଶେଖର ମହାନ୍ତି, ସତ୍ୟନାରାୟଣ ନାୟକ, ସାମ୍ବାଦିକ ଅଖିଳ କୁମାର ସ୍ୱାଇଁ, ସୁଶାନ୍ତ କୁମାର ନାୟକ, ଯୁବନେତା ଉଗ୍ରସେନ ମହାନ୍ତି ଓ ସ୍ୱେଚ୍ଛାସେବୀ ସିଦ୍ଧାର୍ଥ ସାମଲ ସହଯୋଗ କରିଥିଲେ । ବିଚାରକମାନେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ ।

## ଗୋରୁ ବୋଝେଇ ଗାଡି ଜବତ, ୨ ଗିରଫ

ଭୁବନ, (ନିପ୍ର) : ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକରେ ବିଭିନ୍ନ ସମୟରେ ଗୋରୁ ମାଫିଆମାନେ ଟ୍ରକ ଟ୍ରକ୍ ଗୋରୁ ବାହାର ରାଜ୍ୟକୁ ଚାଲାଣ କରୁଥିବା ବେଳେ ବିଭିନ୍ନ ଅନୁଷ୍ଠାନ ଓ ପୋଲିସ୍ ପ୍ରଶାସନ ପକ୍ଷରୁ ବହୁ ଗାଡି ଜବତ କରାଯାଇ ବହୁ ମାଫିଆଙ୍କୁ ଗିରଫ କରାଯାଇଥିବା ବିଗତ ଦିନରେ ନଜିର ରହିଛି । ଏହି କ୍ରମରେ ଭୁବନ ଥାନାର ସୁରପ୍ରତାପପୁର ଫାଣ୍ଡି ରାସ୍ତାରେ ଗତ ବୁଧବାର ଯାଉଥିବା ଏକ ଗୋରୁ ବୋଝେଇ ଟାଟା ଏସ୍ଇ ଗାଡିକୁ ପୋଲିସ୍ ପକ୍ଷରୁ ଜବତ କରାଯିବା ସହ ୨ଜଣ ମାଫିଆଙ୍କୁ ଗିରଫ କରାଯାଇଛି । ତେବେ ସୁରପ୍ରତାପପୁର ଫାଣ୍ଡି ଅଧିକାରୀ ସୌଭାଗ୍ୟ କୁମାର ପାଣି କୌଣସି ସୂତ୍ରରୁ ଖବର ପାଇଁ ଗାଡିକୁ ଅଟକାଇ ଥିଲେ । ଗାଡିରେ ବୋଝେଇ ହୋଇଥିବା ଗୋରୁମାନଙ୍କୁ ଉଦ୍ଧାର କରାଯିବା ସହ ଗୋରୁମାଫିଆ ସୁଧାକର ସ୍ୱାଇଁ (୪୫) ଓ ସନ୍ତ ହାତୀ (୨୫)ଙ୍କୁ ଗିରଫ କରାଯାଇଛି । ପୋଲିସ୍ ପକ୍ଷରୁ ଗାଡି ଜବତ ହୋଇଥିବା ଜଣାପଡିଛି ।

# ଆଜିଠୁ ଭାରତ-ବାଂଲାଦେଶ ଦ୍ୱିତୀୟ ଟେଷ୍ଟ



**କାନପୁର,୨୬।୯(ଏଜେନ୍ସି):** ଭାରତ ଏବଂ ବାଂଲାଦେଶ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଆସନ୍ତାକାଲିଠୁ କାନପୁରରେ ଖେଳାଯିବ। ଦୁଇ ମ୍ୟାଚ୍ ବିଶିଷ୍ଟ ସିରିଜରେ ଟିମ୍ ଇଣ୍ଡିଆ। ପୂର୍ବରୁ ୧-୦ ରେ ଆଗୁଆ। ରହିଛି, କିନ୍ତୁ ଦ୍ୱିତୀୟ ମ୍ୟାଚ୍ ହେବାର ଆଶା କମ୍ ଥିବା ଜଣାପଡିଛି। ମ୍ୟାଚ୍‌ର ଗୋଟିଏ ଦିନ ପୂର୍ବରୁ କାନପୁରରେ ପ୍ରବଳ ବର୍ଷା ହେଉଥିବାର ଦେଖିବାକୁ ମିଳିଛି। ପିଚ୍ ସହିତ ଗ୍ରୀନ୍ ପାର୍କ ଷ୍ଟାଡିୟମ୍ କଭର ଦ୍ୱାରା ଆଚ୍ଛାଦିତ ହୋଇଛି। ତେବେ ଦ୍ୱିତୀୟ ଟେଷ୍ଟରେ ଭାରତର ଚୂଡ଼ାନ୍ତ ଏକାଦଶରେ ପରିବର୍ତ୍ତନ ହୋଇପାରେ। ଦଳ ଏଥର ୩ ଜଣ ସ୍ପିନରଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବ। ଏହି ମ୍ୟାଚରେ ସବୁଠାରୁ ଚାପରେ ଅଛନ୍ତି ଅଧିନାୟକ ରୋହିତ ଶର୍ମା ଓ ଅଭିଜ୍ଞ ବିରାଟ କୋହଲି। ଉଭୟ ବ୍ୟାଟ୍ସମ୍ୟାନ ପ୍ରଥମ ମ୍ୟାଚରେ ଭଲ ପ୍ରଦର୍ଶନ କରିପାରିନଥିଲେ। ସେହିପରି ସ୍ପିନ ବିଭାଗରେ ରବିନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନଙ୍କ ସହ କୁଲଦୀପ ଯାଦବ ଓ ଅକ୍ଷର ପଟେଲଙ୍କୁ ଖେଳାଇପାରେ।

ଦ୍ୱିତୀୟ ମ୍ୟାଚ୍ ବାତିଲ ହୋଇଗଲେ ଭାରତ ସିରିଜକୁ ୧-୦ ରେ ଜିତିବ। ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଶୁକ୍ରବାର ଠାରୁ କାନପୁରରେ ଖେଳାଯିବ ଏବଂ କିଛି ପାଣିପାଗ ୱେବସାଇଟ୍ ଅନୁଯାୟୀ ଶୁକ୍ରବାର ଏବଂ ଶନିବାର ମଧ୍ୟ କାନପୁରରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ଗୁରୁବାର ଦିନ ଆକାଶରେ ଘନ ମେଘ ଦେଖାଯିବା ମାତ୍ରେ ଗ୍ରାଉଣ୍ଡ କର୍ମଚାରୀମାନେ ତୁରନ୍ତ ପିଚ୍ ସମେତ ସମଗ୍ର ପଡିଆକୁ ଢାଙ୍କିଦେଇଥିଲେ। ପରିସ୍ଥିତି ଏପରି ଯେ ଷ୍ଟାଡିୟମ ପାଇଁ ଡିଡିସିଏ (ଦିଲ୍ଲୀ ଏବଂ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍) ରୁ ଅଧିକ କଭର ମଗାଯାଇଛି।

ଟେଷ୍ଟ ମ୍ୟାଚର ପ୍ରଥମ ଦିନରେ ୯୩ ପ୍ରତିଶତ ବର୍ଷା ହେବାର ସମ୍ଭାବନା ଥିବାବେଳେ ଦ୍ୱିତୀୟ ଦିନରେ ୮୦ ପ୍ରତିଶତ ବର୍ଷା ହେବାର ସମ୍ଭାବନା ରହିଛି।ଅନୁମାନ କରାଯାଉଛି ଯେ ଚତୁର୍ଥ ଏବଂ ପଞ୍ଚମ ଦିନରେ ଆକାଶ ସଫା ରହିପାରେ, କିନ୍ତୁ ପ୍ରଥମ ତିନି ଦିନରେ ବର୍ଷା ହେବା ପରେ ଗ୍ରାଉଣ୍ଡ କର୍ମଚାରୀଙ୍କ ପାଇଁ ପଡିଆ। ଶୁଖାଇବା ଏକ କଷ୍ଟକର କାର୍ଯ୍ୟ ହେବ ଚେନ୍ନାଇରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ମ୍ୟାଚକୁ ଭାରତ ୨୮୦ ରନ ବ୍ୟବଧାନରେ ଜିତିଥିଲା।

ଏହାର ଅର୍ଥ ଟିମ୍ ଇଣ୍ଡିଆ ୧-୦ରେ ଆଗୁଆ ରହିଛି, ତେଣୁ କାନପୁରରେ ହେବାକୁ ଥିବା ମ୍ୟାଚ୍ ବାତିଲ ହୋଇଗଲେ ମଧ୍ୟ ଭାରତ ୧-୦ରେ ସିରିଜ୍ ଜିତିବ। ସୂଚନା ଥାଉ କି ଯେ ଆଜି ପର୍ଯ୍ୟନ୍ତ ବାଂଲାଦେଶ ଭାରତ ବିପକ୍ଷରେ କୌଣସି ଟେଷ୍ଟ ସିରିଜ୍ ଜିତିବାରେ ସକ୍ଷମ ହୋଇ ନାହିଁ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଦୃଷ୍ଟିରୁ କାନପୁର ଟେଷ୍ଟ ବାତିଲ ହେବା ବାଂଲାଦେଶ ପାଇଁ କୌଣସି ବଡ଼ ସମସ୍ୟାଠାରୁ କମ୍ ନୁହେଁ ଭାରତ ବର୍ତ୍ତମାନ ପ୍ରଥମ ଏବଂ ବାଂଲାଦେଶ ଷଷ୍ଠ ସ୍ଥାନରେ ରହିଛି।

# ସାକିବ୍‌ଙ୍କ ଅବସର ଘୋଷଣା



ଢାକା,୨୬।୯(ଏଜେନ୍ସି): ଅବସର ଘୋଷଣା କରିଛନ୍ତି ବାଂଲାଦେଶର କିମ୍ବଦନ୍ତୀ ଅଲରାଉଣ୍ଡର ସାକିବ ଅଲ ହାସନ ଆସନ୍ତାକାଲି କାନପୁରରେ ଭାରତ ଓ ବାଂଲାଦେଶ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ। ଏହା ପୂର୍ବରୁ ସାକିବ ଅବସର ଘୋଷଣା କରିଛନ୍ତି।

ଦକ୍ଷିଣ ଆଫ୍ରିକା ବିପକ୍ଷ ମୀରପୁରରେ ସେ ତାଙ୍କ ଟେଷ୍ଟ କ୍ୟାରିୟରର ଶେଷ ମ୍ୟାଚ୍ ଖେଳିବେ ବୋଲି କହିଛନ୍ତି ବାଂଲାଦେଶକୁ ଅନେକ ମ୍ୟାଚ୍‌ରେ ଜିତାଇଥିବା ସାକିବ ଦୀର୍ଘ ବର୍ଷ ଧରି ୩ଟି ଯାକ କ୍ରିକେଟ ଫର୍ମାଟ ଖେଳି ଆସୁଥିଲେ। ସାକିବ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ମଧ୍ୟ ଆଉ ଖେଳିବେ ନାହିଁ ବୋଲି ଆଜି ସ୍ପଷ୍ଟ କରିଛନ୍ତି।

ସେ କହିଛନ୍ତି, ଦକ୍ଷିଣ ଆଫ୍ରିକା ବିପକ୍ଷ ମୀରପୁର ମ୍ୟାଚ୍ ପରେ ମୁଁ ଟେଷ୍ଟ କ୍ରିକେଟରୁ ଅବସର ନେବାକୁ ଚାହୁଁଛି କିନ୍ତୁ ଯଦି ଉକ୍ତ ମ୍ୟାଚ୍ ସମ୍ଭବ ପର ହେବ ନାହିଁ, ତାହେଲେ ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟ ତାଙ୍କ ନାଲି ବଲ କ୍ୟାରିୟରର ଶେଷ ମ୍ୟାଚ୍ ହେବ ସେ ନିଜ ଟି-୨୦ କ୍ୟାରିୟରର ଶେଷ ମ୍ୟାଚ୍ ପୂର୍ବରୁ ଖେଳି ସାରିଛନ୍ତି ବୋଲି ସାକିବ କହିଛନ୍ତି। ଏଯାଏ ୭୦ଟି ଟେଷ୍ଟ ମ୍ୟାଚ୍ ଖେଳିଥିବା ସାକିବ ୩୮.୩୩ ହାରରେ ୪୬୦୦ ରନ କରିଛନ୍ତି। ତାଙ୍କ ବ୍ୟାଟରୁ ୫ଟି ଶତକ ଓ ୩୧ଟି ୫୦ ଦେଖିବାକୁ ମିଳିଛି ବ୍ୟାଟିଂ ବ୍ୟତୀତ ସେ ବୋଲିଂରେ ମଧ୍ୟ କମାଲ କରିଛନ୍ତି। ସେ ଟେଷ୍ଟ କ୍ରିକେଟରେ ୨୪୨ଟି ୱିକେଟ ନେଇଥିବା ବେଳେ ଏହା ମଧ୍ୟରେ ୫ଟି ଫାଇଫର ରହିଛି ସେ ୨ ଥର ୧୦ଟି ୱିକେଟ ନେବାର ମଧ୍ୟ ରେକର୍ଡ କରିଛନ୍ତି । ଜଣେ ଭଲ ଅଲରାଉଣ୍ଡରର ମାନ୍ୟତା ପାଇ ଥିବା ସାକିବ ୨୦୦୭ରେ ଭାରତ ବିପକ୍ଷ ଚିତ୍ତୋଗ୍ରାମ ଟେଷ୍ଟରେ ଡେବ୍ୟୁ କରିଥିଲେ ଏବେ ସେ ୩୭ ବର୍ଷ ବୟସରେ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି।

# ରେକର୍ଡ ଅପେକ୍ଷାରେ କୋହଲି



ନୂଆଦିଲ୍ଲୀ,୨୬।୯:ଭାରତୀୟ ଦଳର ତାରକା ବ୍ୟାଟ୍ସମ୍ୟାନ ବିରାଟ କୋହଲିଙ୍କ ନଜର ଏକ ବଡ଼ ରେକର୍ଡ ଉପରେ ରହିଛି। କାନପୁର ଟେଷ୍ଟରେ ସେ ମହାନ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକରଙ୍କ ରେକର୍ଡ ଭାଙ୍ଗିବାର ସୁଯୋଗ ରହିଛି। କିଙ୍ଗ କୋହଲି ଅନ୍ତର୍ଜାତୀୟ କ୍ରିକେଟରେ ୨୭ ହଜାର ରନ ଆକଳନରୁ ମାତ୍ର ୩୫ ରନ ଦୂରରେ ଅଛନ୍ତି।

ଚେନ୍ନାଇ ଟେଷ୍ଟ ପୂର୍ବରୁ ସେ ଏହି ଆକଳନରୁ ୫୮ ରନ ଦୂରରେ ଥିଲେ ଅନ୍ତର୍ଜାତୀୟ କ୍ରିକେଟରେ ୨୭ ହଜାର ରନ୍‌ରେ ପହଞ୍ଚିବାରେ ତେନ୍ଦୁଲକର ଦ୍ରୁତତମ ଖେଳାଳି ସେ ୬୨୩ ଇନିଂସରେ (୨୨୬ ଟେଷ୍ଟ ଇନିଂସ, ୩୯୬ ଦିନିକିଆ। ଇନିଂସ, ଗୋଟିଏ ଟି-୨୦ ଇନିଂସ) ରେ ଏହା କରିଥିଲେ କୋହଲି ଏପର୍ଯ୍ୟନ୍ତ ସମସ୍ତ ଫର୍ମାଟ ସହିତ ୫୯୩ ଇନିଂସରେ ୨୬୯୬୫ ରନ ସ୍କୋର କରିଛନ୍ତି। ସଚିନ ତେନ୍ଦୁଲକର ୬୬୪ ମ୍ୟାଚରୁ ୩୪୩୫୭, କୁମାର ସାଙ୍ଗାକାରା ୫୯୪ ମ୍ୟାଚରୁ ୨୮୦୧୬, ରିକି ପଣ୍ଟିଂ ୫୬୦ ମ୍ୟାଚରୁ ୨୭୪୮୩, ବିରାଟ କୋହଲି ୫୩୪ ମ୍ୟାଚରୁ ୨୬୯୬୫ ଓ ମହେଲା ଜୟବର୍ଦ୍ଧନେ ୬୫୨ ମ୍ୟାଚରୁ ୨୫୯୫୭।



ବୁଦାପେଷ୍ଟ ଚେସ୍ ଅଲିମ୍ପିଆଡ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ପୁରୁଷ ଓ ମହିଳା ଦଳର ଖେଳାଳିମାନଙ୍କୁ ନୂଆଦିଲ୍ଲୀରେ ଭେଟିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିବ୍ୟା ଦେଶମୁଖ, ତାନିଆ। ସଚଦେବ, ଡି ଗୁକେଶ, ଅର୍ଜୁନ ଇରିଗାସି, ଆର୍. ପ୍ରଜ୍ଞାନନ୍ଦଙ୍କ ସହିତ ମୋଦୀ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରଜ୍ଞାନନ୍ଦ ଓ ଇରିଗାସୀଙ୍କ ମଧ୍ୟରେ ହୋଇଥିବା ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌କୁ ମଧ୍ୟ ମୋଦୀ ଉପଭୋଗ କରିଛନ୍ତି ପରେ ସମସ୍ତ ଖେଳାଳିଙ୍କୁ ପ୍ରଧାନମନ୍ତ୍ରୀ ସମ୍ମାନିତ କରିଥିଲେ ଓ ଅଭିନନ୍ଦନ ଜଣାଇଥିଲେ। ଭାରତୀୟ ଦଳକୁ ମଧ୍ୟ ସର୍ବଭାରତୀୟ ଚେସ୍ ମହାସଂଘ ୩.୨ କୋଟି ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରିଛି।

# କାହିଁକି ନେଲେ ଏତେ ବଡ଼ ନିଷ୍ପତ୍ତି



**ନୂଆଦିଲ୍ଲୀ,୨୬।୯(ଏଜେନ୍ସି):** ବାଂଲାଦେଶର ବରିଷ୍ଠ ଅଲରାଉଣ୍ଡର ଶାକିବ ଅଲ ହସନ ଅଚାନକ ଟେଷ୍ଟ ଓ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ମୀରପୁର ଟେଷ୍ଟ ତାଙ୍କ ଟେଷ୍ଟ କ୍ୟାରିୟରର ଶେଷ ମ୍ୟାଚ୍ ହେବ ଯଦି ଏହି ମ୍ୟାଚ୍ ଖେଳା ନ ଯାଏ ତେବେ କାନପୁରରେ ଭାରତ ବିପକ୍ଷ ଟେଷ୍ଟ ମ୍ୟାଚ୍ ପରେ ସେ ଏହି ଲମ୍ବା ଫର୍ମାଟ୍‌କୁ ଅଲବିଦା କହି ଦେବେ ପ୍ରଶ୍ନ ଉଠୁଛି ଯେ, ଶାକିବ ଅଚାନକ କାହିଁକି ସନ୍ନ୍ୟାସ ଘୋଷଣା କଲେ ?

ବଂଲାଦେଶରେ ଛାତ୍ର ଆନ୍ଦୋଳନ ଅନେକ ମାସ ପର୍ଯ୍ୟନ୍ତ ଚାଲିଲା। ଏହି ସମୟରେ ବ୍ୟାପକ ହିଂସା ଘଟିଥିଲା। ପରିସ୍ଥିତି ଏମିତି ଉପୁଜିଥିଲା ଯେ, ବାଧ୍ୟ ହୋଇ ଶେଖ ସହିନାଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଦେଶ ଛାଡ଼ିବାକୁ ପଡ଼ିଥିଲା ଦେଶରେ ବିକ୍ଷୋଭ ପ୍ରଦର୍ଶନ ବିକରାଳ ରୂପ ନେଇ ସାରିଥିଲା। ଏହା ମଧ୍ୟରେ ରଫିପୁଲ ଇସଲାମ ନାମକ ଜଣେ ବ୍ୟକ୍ତି ନିଜ ପୁଅ ରୁବେଲଙ୍କ ହତ୍ୟାରେ ଶାକିବ ଅଲ ହସନଙ୍କ ସମେତ ୧୫୬ ଲୋକଙ୍କ ନାଁ ନେଇଥିଲେ, ଯାହାକୁ ନେଇ ଅଡୁଆରେ ପଡ଼ିଥିଲେ। ଶାକିବ ତାଙ୍କ ନାଁରେ ମାମଲା ବି ରୁଜୁ ହୋଇଛି। ବାଂଲାଦେଶ କ୍ରିକେଟ୍ ବୋର୍ଡ ବିବୃତି ଜାରି କରି କହିଥିଲେ ଯେ, ଯେ ପର୍ଯ୍ୟନ୍ତ କୌଣସି ଅଭିଯୋଗ ସ୍ୱୟ ପ୍ରମାଣିତ ନ ହୋଇଛି ସେ ପର୍ଯ୍ୟନ୍ତ ଶାକିବ ଅଲ ସହନଙ୍କୁ କ୍ରିକେଟ୍ ଖେଳିବା ପାଇଁ ରୋକା ଯାଇ ପାରିବ ନାହିଁ।

ସୂଚନାଯୋଗ୍ୟ, ପାକିସ୍ତାନ ବିପକ୍ଷ ଟେଷ୍ଟ ସିରିଜ୍ ଖେଳିବା ପରେ ଶାକିବ ଅଲ ହସନ ସ୍‌ଦେଶ ନ ଫେରି ଦୁବାଇ ରାସ୍ତାରେ ଲଣ୍ଡନ ଚାଲି ଯାଇଥିଲେ ଅର୍ଥାତ ସେ ଗତ ପ୍ରାୟ ଦେଢ ମାସ ହେବ। ବାଂଲାଦେଶ ଫେରି ନାହାନ୍ତି କଣ ଶାକିବଙ୍କୁ ଜେଲ୍ ଯିବାର ଭୟ ରହିଛି, ଯେଉଁ କାରଣରୁ ସେ ଏ ପର୍ଯ୍ୟନ୍ତ ସ୍ୱଦେଶ ଫେରି ନାହାନ୍ତି ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, କଣ ବାଂଲାଦେଶରେ ତାଙ୍କ ବିରୋଧରେ ରୁଜୁ ଏଫଆଇଆର ଓ ଜେଲ୍ ଯିବା ଭୟରେ ଶାକିବ କ୍ରିକେଟ୍‌ରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ସେ ବାଂଲାଦେଶ ଫେରିବା ପରେ ଘଟଣାର ସତ୍ୟାସତ୍ୟ ଜଣା ପଡ଼ିବ। ଏହା ମଧ୍ୟ ଜଣା ପଡ଼ିବ ଯେ, ତାଙ୍କ ବିରୁଦ୍ଧରେ ରୁଜୁ ଏଫଆଇଆର ଉପରେ କଣ କାର୍ଯ୍ୟାନୁଷ୍ଠାନ ହେଉଛି।

# ୪୦ ବର୍ଷ ଯାଏଁ ଅତୁଟ କାନପୁର ରେକର୍ଡ

ନୂଆଦିଲ୍ଲୀ ୨୬/୦୯: ଆସନ୍ତାକାଲିଠୁ କାନପୁରର ଗ୍ରୀନ୍ ପାର୍କ ଷ୍ଟାଡିୟମରେ ଖେଳାଯିବ।ଏହି ଷ୍ଟାଡିୟମର ଇତିହାସ ପୂର୍ବରୁ ରହିଛି ଅନେକ। ସ୍ପିନରମାନେ ସର୍ବଦା ଏଠାରେ ଅଲୋଡା ରେକର୍ଡ କରି ଆସିଛନ୍ତି। କାନପୁର ଷ୍ଟାଡିୟମର କଥା କହିବା କଥା ଉଠିଲେ ସାମ୍ନାକୁ ଆସେ ଗୋଟିଏ ନାଁ ସେ ହେଉଛନ୍ତି ଭାରତୀୟ ଅଫ୍ ସ୍ପିନର ଜସୁ ପଟେଲ। ଜସୁ ପଟେଲ ହେଉଛନ୍ତି ଏମିତି ଜଣେ ବୋଲର ଯିଏ ଅଷ୍ଟ୍ରେଲିଆକୁ ପ୍ରଥମ ଟେଷ୍ଟ ବିଜୟରେ ଆଗେଇ ନେଇଥିଲେ।ଯଦିଆମେ ଇତିହାସକୁ ପୁନର୍ବାର ଦେଖିବା, ଅଷ୍ଟ୍ରେଲିଆ ବିପକ୍ଷରେ ପ୍ରଥମ ଟେଷ୍ଟ ବିଜୟ ହାସଲ କରିବାକୁ ଭାରତ ପାଇଁ ୧୨ ବର୍ଷ ସମୟ ଲାଗିଥିଲା। ଏହି ଅବଧି ମଧ୍ୟରେ ଭାରତ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ୯ ଟେଷ୍ଟ ମ୍ୟାଚ ମଧ୍ୟରୁ ୭ଟିରେ ହାରିଥିଲା। କିନ୍ତୁ ଦଶମ ଟେଷ୍ଟରେ ଭାରତ ବିଜୟର ସ୍ୱାଦ ଚାଖିଥିଲା। ଜିଏସ ରାମଚନ୍ଦ୍ରଙ୍କ ଅଧିନାୟକତ୍ୱରେ କାନପୁର ଟେଷ୍ଟ ମ୍ୟାଚରେ (୧୯ ରୁ ୨୪ ଡିସେମ୍ବର ୧୯୫୯) ରେ ହୋଇଥିଲା। ଯେବେ ଭାରତୀୟ ଦଳ ସେହି ଐତିହାସିକ ବିଜୟ ହାସଲ କରିଥିଲା ସେହି ମ୍ୟାଚରେ ଜସୁ ପଟେଲ ଦେଖାଇଥିଲେ ନିଜର ଚମତ୍କାର ପ୍ରତିଭା। ମ୍ୟାଚରେ ପ୍ରଥମ ଦିନରେ (୨୦ ଡିସେମ୍ବର), ଜସୁ ଗ୍ରୀନ୍ ପାର୍କର ଟର୍ଣ୍ଣିଂ ପିଚ୍ ରେ ଗୋଟିଏ ପରେ ଗୋଟିଏ ୯ ୱିକେଟ୍ ନେଇଥିଲେ । ଭାରତର ଟେଷ୍ଟ ଇତିହାସରେ ଜସୁ ପଟେଲ ୩୫.୫ ଓଭର, ୧୬ ଚକରାଣୀ, ୬୯ ରନ୍, ୯ ୱିକେଟ୍ ନେଇ ସର୍ବୋତ୍ତମ ବୋଲିଂ ରେକର୍ଡ କରିଥିଲେ ପରବର୍ତ୍ତୀ ୪୦ ବର୍ଷ ପାଇଁ ତାଙ୍କର ରେକର୍ଡ ଅକ୍ଷୁର୍ଣ୍ଣ ରହିଲା। ୧୯୯୯ରେ ଲେଗ-ସ୍ପିନର ଅନିଲ କୁମ୍ବଲେ ପାକିସ୍ତାନ ବିପକ୍ଷରେ ସମସ୍ତ ୧୦ ୱିକେଟ୍ ନେଇଥିବା ବେଳେ ଜସୁଙ୍କ ରେକର୍ଡ ଭାଙ୍ଗି ଯାଇଥିଲା। କୁମ୍ବଲେ ପାକିସ୍ତାନ ବିପକ୍ଷ ଟେଷ୍ଟ ମ୍ୟାଚର ଏକ ଇନିଂସରେ ସମସ୍ତ ୧୦ ୱିକେଟ୍ ନେଇଥିଲେ। ଜସୁଙ୍କ ପୂର୍ବରୁ ଭାରତର ଇନିଂସରେ ସୁବାଷ ଗୁପ୍ତ ୧୯୫୮ ମସିହାରେ କାନପୁରର ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୯ ୱିକେଟ୍ ନେଇଥିଲେ।

## ରୁଟ୍ ଭାଙ୍ଗିବେ ସଚିନ୍‌ଙ୍କ ରେକର୍ଡ!

ମୁମ୍ବାଇ,୨୬।୯(ଏଜେନସି): ବିରାଟ କୋହଲି ନିକଟରେ ଚେନ୍ନାଇରେ ବାଂଲାଦେଶ ବିପକ୍ଷରେ ଖେଳିଥିଲେ ଟେଷ୍ଟ ମ୍ୟାଚ୍ ଯେଉଁଠି ତାଙ୍କ ବ୍ୟାଟରୁ ହୋଇଥିଲା ମାତ୍ର ୨୩ ରନ୍ । କୋହଲିଙ୍କୁ ନେଇ ପୁଣିଥରେ ଡିବେଟ ହୋଇଛି । ଚର୍ଚ୍ଚା ହେଉଥିଲା କି, ସେ କୁଆଡେ ସଚିନ ତେନ୍ଦୁଲରକରଙ୍କ ରେକର୍ଡ ଭାଙ୍ଗିବେ କି । ନିକଟରେ ତାଙ୍କ ବୟାନରେ ଅଷ୍ଟ୍ରେଲିଆର ବ୍ରାଡ ହଗ କହିଥିଲେ କୋହଲି ତେନ୍ଦୁଲକରଙ୍କ ଟେଷ୍ଟ ରେକର୍ଡ ଭାଙ୍ଗିବେ, କିନ୍ତୁ ଏହା ପୂର୍ବରୁ ଜୋ ରୁଟ୍ ଥିଲେ ବଡ ଦାବିଦାର। ୟୁଟ୍ୟୁବ୍ ଭିଡିଓରେ ହଗ୍ କେନ୍ଦୁଲକରଙ୍କ ଟେଷ୍ଟ ରନ ତୁଳନାରେ କୋହଲି ଏବଂ ଇଂଲଣ୍ଡ ର ଷ୍ଟାର ବ୍ୟାଟର ଜୋ ରୁଟ୍ ଙ୍କ କଥା କହି କହିଥିଲେ ଯେ କେବଳ ରୁଟ୍ ହିଁ ସଚିନଙ୍କ ୨୦୦ ଟେଷ୍ଟ କ୍ୟାରିୟର ରେ କରିଥିବା ୧୫, ୯୨୧ ରନ୍ କରି ବିଶ୍ ରେକର୍ଡ ଭାଙ୍ଗିପାରିବେ। ୩୩ ବର୍ଷୀୟ ରୁଟ୍ ଏବେ ଯାଏଁ ୧୪୬ ଟେଷ୍ଟ ମ୍ୟାଚ୍‌ରେ ୧୨,୪୦୨ ରନ୍ କରିଥିଲେ। ଏମିତି କରି ସେ ରହିଥିଲେ ତେନ୍ଦୁଲକରଙ୍କ ପଛରେ। ହଗ୍ କହିଛନ୍ତି ମୋତେ ଲାଗୁନି କି ବିରାଟ ସେହି ରେକର୍ଡର ଅଧିକାରି ହୋଇପାରିବେ। ଯାହା ଜଣାପଡୁଛି ବିରାଟଙ୍କ ଆଉ ସେପରି ଫର୍ମ ନାହିଁ। କାରଣ ସେ ତାଙ୍କର ସ୍ପିଡ ହରାଇସାରିଲେଣି ।

# ଚମତ୍କାର ଅନୁଭବ, ସ୍ୱପ୍ନ ସାକାର ହୋଇଛି

ନୂଆଦିଲ୍ଲୀ,୨୬।୯: ଭାରତୀୟ ମହିଳା ଓ ପୁରୁଷ ଦଳ ପ୍ରଥମଥର ପାଇଁ ଚେସ୍ ଅଲିମ୍ପିଆଡ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ଏଥିପାଇଁ ଦେଶର ଚେସ୍ ମହଲରେ ଖୁସିର ପରିବେଶ ସୃଷ୍ଟି ହୋଇଛି। ଚଳିତ ବର୍ଷର ଶେଷ ଭାଗରେ ବିଶ୍ୱ ଚେସ୍ ଚାମ୍ପିୟନଶିପ୍‌ରେ ଚ୍ୟାଲେଞ୍ଜ ଦେବାକୁ ଯାଉଥିବା ଡି. ଗୁକେଶ ଭାରତୀୟ ପୁରୁଷ ଦଳର ନେତୃତ୍ୱ ନେଇ ଅତି ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ଅପରାଜେୟ ରହି ଦଳଗତ ସ୍ୱର୍ଣ୍ଣ ସହ ବ୍ୟକ୍ତିଗତ ଟପ୍ ବୋର୍ଡରେ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଏହା ଏକ ଚମତ୍କାର ଅନୁଭବ, ସ୍ୱପ୍ନ ସାକାର ହୋଇଛି ବୋଲି ପ୍ରକାଶ କରିଛନ୍ତି ଗୁକେଶ।

୧୮ ବର୍ଷୀୟ ଗୁକେଶ ଚେସ୍ ଇତିହାସରେ ସର୍ବକନିଷ୍ଠ ପ୍ରତିଯୋଗୀଭାବେ ଆଗାମୀ ନଭେମ୍ବରରେ ଚାଇନାର ଡିଙ୍ଗ ଲିରେନଙ୍କୁ ବିଶ୍ୱ ଚେସ୍ ଚାମ୍ପିୟନଶିପ୍‌ରେ ଚ୍ୟାଲେଞ୍ଜ ଦେବେ। ମୁଁ ଏବେ ଅତ୍ୟନ୍ତ ଖୁସି ବୋଲି ରବିବାର ଅଲିମ୍ପିଆଡ୍‌ର ଶେଷ ରାଉଣ୍ଡରେ ଜିଆଣ୍ଟ-କିଲର ସ୍ଲୋଭେନିଆର ଭ୍ଲାଡିମିର ଫେଡୋସିଭଙ୍କୁ ହରାଇବା ପରେ ପ୍ରକାଶ କରିଥିଲେ। ଗୁକେଶ ୧୦ ଗେମ୍ ଖେଳି ୯ ପଏଣ୍ଟ ହାସଲ କରିଥିଲେ। ଗୁକେଶ ଏହା ମଧ୍ୟରେ ୮ ବିଜୟ ଓ ୨ ଡ୍ର ସାମିଲ ଥିଲା ତାଙ୍କର ଏହି ପ୍ରଦର୍ଶନ ଭାରତକୁ ସମ୍ଭାବ୍ୟ ୨୨ରୁ ୨୧ ପଏଣ୍ଟ ହାସଲ କରିବାରେ ବିଶେଷ ସହାୟକ ହୋଇଥିଲା। ଗତ ଅଲିମ୍ପିଆଡ୍ ବିଜେତା ଉଜବେକିସ୍ତାନ ବିପକ୍ଷରେ କେବଳ ଭାରତୀୟ ପୁରୁଷ ଦଳ ଡ୍ର ରଖିଥିଲା। ବ୍ୟକ୍ତିଗତଭାବେ ଏହା ମୋ ପାଇଁ ଏବଂ ଦଳ ଲାଗି ଏକ ସୁନ୍ଦର ଅନୁଭବ ସ୍ୱପ୍ନ ସାକାର ହୋଇଛି ବୋଲି ଅଲିମ୍ପିଆଡ୍‌ର ଅନ୍ତିମ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ଗୁକେଶ।



ପୁରୁଷ ଦଳର ସଫଳତାରେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ବୋର୍ଡ-୩ରେ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ଅର୍ଜୁନ ଇରିଗାସି ପୂରା ୧୧ଟି ମ୍ୟାଚ ଖେଳି ୧୦ ପଏଣ୍ଟ ହାସଲ କରିଥିଲେ। ଲାଇଭ୍ ୱାଲର୍‌ଡ ର୍‍ୟାଙ୍କିଙ୍ଗ୍‌ରେ ସେ ଏବେ ନରୱେର ମ୍ୟାଗ୍ନସ କାର୍ଲସେନ ଓ ଆମେରିକାର ହିକାରୁ ନାକାମୁରାଙ୍କ ପଛକୁ ୩ ନମ୍ବର ସ୍ଥାନ ହାସଲ କରିଛନ୍ତି। ବର୍ତ୍ତମାନ ୨୭୯୭ ରେଟିଂ ପଏଣ୍ଟରେ ଥିବା ଅର୍ଜୁନ ମ୍ୟାଜିକ୍ ୨୮୦୦ ରେଟିଂ ସ୍ପର୍ଶ କରିବାଠାରୁ ମାତ୍ର ୩ ପଏଣ୍ଟ ଦୂରରେ ରହିଛନ୍ତି। ର୍‍ୟାଙ୍କିଙ୍ଗ୍‌ର ଦ୍ୱିତୀୟ ସ୍ଥାନରେ ଥିବା ନାକାମୁରାଙ୍କଠାରୁ ସେ ମାତ୍ର ୫ ପଏଣ୍ଟ ପଛରେ ଅଛନ୍ତି। ମାତ୍ର କାର୍ଲସେନ ୨୮୩୦ ପଏଣ୍ଟ ସହ ବହୁ ଆଗରେ ରହିଛନ୍ତି। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୩ ନମ୍ବର ସ୍ଥାନକୁ ଉନ୍ନୀତ ହୋଇଥିଲେ ମଧ୍ୟ ସେ ଏହାକୁ ସେତେ ଗୁରୁତ୍ୱ ଦେଉ ନାହାନ୍ତି। ଏହା ଏକ ସୁନ୍ଦର ଅନୁଭବ, ମାତ୍ର ୧୦ରୁ ୧୫ ସମାନ ଦକ୍ଷତାସମ୍ପନ୍ନ ଖେଳାଳି ରହିଛନ୍ତି। ତେଣୁ ୩ ନମ୍ବର ହେଉ କି ୪ ର୍‍ୟାଙ୍କିଙ୍ଗ୍ ସମ୍ପର୍କରେ ମୁଁ ବିଶେଷ କିଛି ଭାବୁନି ବୋଲି ସେ ପ୍ରକାଶ କରିଛନ୍ତି ଅର୍ଜୁନ। ଭାରତୀୟ ଦଳର ସବୁଠାରୁ ଉଚ୍ଚ ର୍‍ୟାଙ୍କପ୍ରାପ୍ତ ଖେଳାଳି ହୋଇଥିଲେ ମଧ୍ୟ ଟପ୍ ବୋର୍ଡରେ ନ ଖେଳି କାହିଁକି ୩ ନମ୍ବର ବୋର୍ଡରେ ଖେଳିଥିଲେ। ତାହାକୁ ନେଇ ଅନେକଙ୍କ ମନରେ ପ୍ରଶ୍ନ ରହିଛି। ମାତ୍ର ଏହା ଦଳୀୟ ରଣନୀତିର ଅଂଶବିଶେଷ ଥିଲା ବୋଲି ଇରିଗାସି ସ୍ପଷ୍ଟ କରିଛନ୍ତି। ଆମେ ଭାବିଲୁ ଗୁକେଶ ବୋର୍ଡ-୧ରେ ଭଲ ଖେଳିବେ ଏବଂ ମୁଁ ବୋର୍ଡ-୩ରେ ପ୍ରଭାବୀ ରହିପାରିବି ଏହା କିନ୍ତୁ ବଢ଼ିଆ। କାମଦେଲା ସେଥିପାଇଁ ଅନୁଶୋଚନା ନାହିଁ ବୋଲି ସେ କହିଛନ୍ତି।

ଉଭୟ ଗୁକେଶ ଓ ଇରିଗାସି ଶ୍ରେଷ୍ଠ ପ୍ରଦର୍ଶନ କରି ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ଆଉ ଜଣେ ଭାରତୀୟ ଖେଳାଳି ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ସେ ହେଉଛନ୍ତି ଭିଡିଥ ସନ୍ତୋଷ ଗୁଜରାଠି ଗୁଜରାଠି ୧୦ ଗେମ୍ ଖେଳି ୭.୫ ପଏଣ୍ଟ ହାସଲ କରିଥିଲେ ମାତ୍ର ପରଫର୍ମାନ୍ସ ରେଟିଂରେ ବୋର୍ଡ-୪ରେ ୪ ନମ୍ବର ସ୍ଥାନରେ ରହି ଯାଇଥିଲେ। ଆର. ପ୍ରଜ୍ଞାନନ୍ଦଙ୍କ ପ୍ରଦର୍ଶନ ଯଦିଓ ଆଶାନୁରୂପ ହୋଇ ନ ଥିଲା। ତେବେ ପରଫେକ୍ଟ ଆଙ୍କର ଭୂମିକା ନିର୍ବାହ କରିଥିଲେ। ବିଶେଷ କରି ୯ମ ଗେମ୍ ପର୍ଯ୍ୟନ୍ତ ଦଳକୁ ସ୍ଥିର ପୋଜିଶନରେ ରଖିବାରେ ସେ ବଡ଼ ଦାୟିତ୍ୱ ତୁଲାଇଥିଲେ। ପୂରା ଟୁର୍ନାମେଣ୍ଟରେ ସେ ଏକମାତ୍ର ଆମେରିକାର ୱେସଲି ସୋଙ୍କଠାରୁ ହାରିଥିଲେ ମାତ୍ର ପରବର୍ତ୍ତୀ ଗେମ୍‌ରେ ବିଜୟୀ ହୋଇ ଭାରତକୁ ସ୍ୱର୍ଣ୍ଣ ବିଜେତା କରିବାରେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ଏହି ଯୁବ ଖେଳାଳିଙ୍କ ଦକ୍ଷତାକୁ ପ୍ରତିପାଦିତ କରୁଛି।

ଟିମ୍ କ୍ୟାପ୍‌ଟେନ ଏନ. ଶ୍ରୀନାଥ ସ୍ୱାଭାବିକଭାବେ ଉଲ୍ଲସିତ ହୋଇଛନ୍ତି। ସମସ୍ତ ଖେଳାଳି ପେସାଦାର ହୋଇଥିବାରୁ ସେମାନଙ୍କୁ ବିଶେଷ ପରାମର୍ଶ ଦେବା ଆବଶ୍ୟକ ପଡ଼ି ନ ଥିଲା। କଣ କରିବାକୁ ଆବଶ୍ୟକ ସେମାନେ ଭଲଭାବେ ଜାଣିଥିଲେ। କେବଳ ସେମାନଙ୍କୁ ଏକାଠି କରି କେତେକ ଅଭ୍ୟାସ କରାଇବା ଏବଂ ସେମାନଙ୍କ ପଛରେ ଛିଡ଼ାହୋଇ ଖେଳକୁ ଅନୁଧ୍ୟାନ କରିବାକୁ ପଡ଼ିଥିଲା ବୋଲି ଶ୍ରୀନାଥ ପ୍ରକାଶ କରିଛନ୍ତି। ଭାରତୀୟ ଦଳ ସୋମବାର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ ହେଁ ପ୍ରକୃତ ସେଲିବ୍ରେଶନ କିଛିଦିନ ମଧ୍ୟରେ ଅନୁଷ୍ଠିତ ହେବ। ତେବେ ବିଶ୍ୱରେ ଯେ ଭାରତ ଏବେ ଚେସ୍‌ର ପାୱାର ହାଉସ ଏଥିରେ କୌଣସି ଦ୍ୱିଧା ନ ଥିବା ଏହି ଅଲିମ୍ପିଆଡ୍‌ରୁ ପ୍ରମାଣ ମିଳିଛି। ଆମେ ଏବେ ରିଲାକ୍ସ ଅନୁଭବ କରୁଛୁ ବୋଲି ଗୁକେଶ କହିଛନ୍ତି।ଭାରତୀୟ ପୁରୁଷ ଦଳ ପୂର୍ବରୁ ୨୦୧୪ ଓ ୨୦୨୨ରେ ଦୁଇଥର ବ୍ରୋଞ୍ଜ ପଦକ ହାସଲ କରିଥିଲା ଚେସ୍ ଅଲିମ୍ପିଆଡ୍‌ରେ ଏହା ଭାରତର ଶ୍ରେଷ୍ଠ ପ୍ରଦର୍ଶନ ହୋଇ ରହିଥିଲା।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ